# ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ବୁଧବାର, ଜୁନ୍ ୨୫/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, June 25/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୨୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 210 | ମୂଲ୍ୟ ₹୭/-




**ବେନ୍ ଡକେଟ୍‌ଙ୍କ ଶତକ**
ଭାରତ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ପ୍ରଭାବୀ ବ୍ୟାଟିଂ ସହ ଶତକ ହାସଲ କରିଛନ୍ତି ଇଂଲଣ୍ଡର ବେନ୍ ଡକେଟ୍।
୧୬

୧୦
**‘କିଙ୍ଗ୍’ରେ ଜୟଦୀପଙ୍କ ଏଣ୍ଟ୍ରି**
ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ‘କିଙ୍ଗ୍’ ଫିଲ୍ମର ଷ୍ଟାର୍‌କାଷ୍ଟରେ ଅଭିନେତା ଜୟଦୀପ ଅହଲାୱତ୍ ସାମିଲ ହୋଇଛନ୍ତି।



# ଭାରତକୁ କାଳ ରୁଷୀୟ ତୈଳ

ବର୍ତ୍ତମାନ ଭାରତକୁ ସର୍ବାଧିକ ତୈଳ ଯୋଗାଉଥିବା ରାଷ୍ଟ୍ର ହେଉଛି ରୁଷିଆ। ଜୁନ୍‌ରେ ଭାରତ ରୁଷିଆଠାରୁ ଦୈନିକ ୨ରୁ ୨.୨ ନିୟୁତ ବ୍ୟାରେଲ୍ ତୈଳ ଆମଦାନୀ କରୁଛି, ଯାହାକି ଗତ ୨ ବର୍ଷରେ ସର୍ବାଧିକ। ଇରାନ୍-ଇସ୍ରାଏଲ୍ ଯୁଦ୍ଧକୁ ନେଇ ବିଶ୍ୱ ତୈଳ ବଜାରରେ ଅସ୍ଥିରତା ଦେଖାଦେଇଥିବାବେଳେ ଭାରତ ରୁଷିଆରୁ ତୈଳ ଆମଦାନୀର ପରିମାଣ ଆହୁରି ବଢ଼ାଇ ଦେଇଛି। ଆମେରିକା ଏହାକୁ ରୁଷିଆର ୟୁକ୍ରେନ୍ ବିରୋଧୀ ଯୁଦ୍ଧକୁ ଭାରତର ପରୋକ୍ଷ ସମର୍ଥନ ବୋଲି ମନେକରୁଛି। ଏହିକ୍ରମରେ ଆମେରିକୀୟ ଆଇନପ୍ରଣେତାମାନେ ସିନେଟ୍‌ରେ ‘ସାଙ୍କ୍‌ଶନିଂ ରୁଷିଆ ଆକ୍ଟ, ୨୦୨୫’ ନାମରେ ଏକ ନୂଆ ବିଲ୍ ଆଗତ କରିଛନ୍ତି। ଉକ୍ତ ବିଧେୟକ ଅନୁଯାୟୀ, ରୁଷିଆ ସହ ୟୁରାନିୟମ୍ ଓ ପେଟ୍ରୋଲିୟମ୍ ସାମଗ୍ରୀ କାରବାରରେ ସମ୍ପୃକ୍ତ ଥିବା ଦେଶଗୁଡ଼ିକରୁ ଆମେରିକା ଆମଦାନୀ କରୁଥିବା ସମସ୍ତ ସାମଗ୍ରୀ ଓ ସେବା ଉପରେ ଶୁଳ୍କ ପରିମାଣକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୫୦୦% ପର୍ଯ୍ୟନ୍ତ ବଢ଼ାଇପାରିବେ। ରୁଷିଆଠାରୁ ଇନ୍ଧନ କିଣି ଏହାର ଅର୍ଥନୀତିକୁ ଇନ୍ଧନ ଦେଉଥିବା ଦେଶଗୁଡ଼ିକ ପାଇଁ ଏହା କାଳ ହୋଇପାରେ ବୋଲି କୁହାଯାଉଛି। ଏଥିଯୋଗୁ ଭାରତ ଓ ଚାଇନା ସର୍ବାଧିକ ପ୍ରଭାବିତ ହେବେ ବୋଲି ଆଶଙ୍କା କରାଯାଉଛି।




## ■ ଭାରତୀୟ ସାମଗ୍ରୀ ଉପରେ ୫୦୦% ଟାରିଫ୍ ଲଗାଇବ ଆମେରିକା
## ■ ସିନେଟ୍‌ରେ ଆଗତ ନୂଆ ବିଲ୍ ଗୃହୀତ ପାଇଁ ଜୋର୍‌ଦାର ଉଦ୍ୟମ

ୱାଶିଂଟନ,୨୪।୬

ଆମେରିକା ସିନେଟ୍‌ରେ ଏକ ନୂଆ ବିଲ୍ ଅଣାଯାଇଛି, ଯାହା ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ସାଙ୍କ୍‌ଶନିଂ ରୁଷିଆ ଆକ୍ଟ, ୨୦୨୫ ନାମକ ଏହି ବିଧେୟକ ଭାରତ ଏବଂ ଚାଇନା ଭଳି ଦେଶର ଆମେରିକା ସହ ବାଣିଜ୍ୟକୁ ବଦଳାଇଦେଇପାରେ। ସିନେଟର ଲିଣ୍ଡସେ ଗ୍ରାହାମ୍ ଆଣିଥିବା ଏହି ବିଲ୍‌କୁ ‘ଅର୍ଥନୀତିର ବଙ୍କର ବଷ୍ଟର’ ବୋଲି କହିଛନ୍ତି। ଏହା ରୁଷିଆ ସମେତ ଏହାଠାରୁ ଇନ୍ଧନ କିଣି ଏହାର ଅର୍ଥନୀତିକୁ ସହାୟତା କରୁଥିବା ଦେଶଗୁଡ଼ିକ ଉପରେ ଶକ୍ତ ପ୍ରହାର ହେବ। ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଚଳାଇଥିବା ରୁଷିଆକୁ ଦଣ୍ଡିତ କରିବା ବିଲ୍‌ର ମୁଖ୍ୟ ଚିନ୍ତାଧାରା। କିନ୍ତୁ ଏହା ସେତିକିରେ ଅଟକି ନାହିଁ। ରୁଷିଆରୁ ତୈଳ ଓ ୟୁରାନିୟମ୍ କିଣୁଥିବା ଦେଶଗୁଡ଼ିକୁ ମଧ୍ୟ ଏଥିରେ ଟାର୍ଗେଟ କରାଯାଇଛି। ବିଲ୍ ଗୃହୀତ ହେଲେ ଆମେରିକା ରାଷ୍ଟ୍ରପତି ଏଭଳି ଦେଶଗୁଡ଼ିକରୁ ଆସୁଥିବା ସାମଗ୍ରୀ ଓ ସେବା ଉପରେ ୫୦୦ ପ୍ରତିଶତ ଟାରିଫ୍ ଲଗାଇବାକୁ କ୍ଷମତା ପାଇବେ। ବିଲ୍ ଅନୁଯାୟୀ, ଯେଉଁ ଦେଶଗୁଡ଼ିକ ଜାଣିଶୁଣି ରୁଷିଆ ସହ ୟୁରାନିୟମ ଓ ପେଟ୍ରୋଲିୟମ୍ ସାମଗ୍ରୀ କାରବାରରେ ସମ୍ପୃକ୍ତ ରହିଛନ୍ତି, ସେହି ଦେଶଗୁଡ଼ିକରୁ ଆମେରିକା ଆମଦାନୀ କରୁଥିବା ସମସ୍ତ ସାମଗ୍ରୀ ଓ ସେବା ଉପରେ ଶୁଳ୍କ ପରିମାଣକୁ ଏହାର ରାଷ୍ଟ୍ରପତି ୫୦୦ ପ୍ରତିଶତକୁ ବଢ଼ାଇବେ, ଯାହାକି ସ୍ୱାଭାବିକଠାରୁ ୫ ଗୁଣ ଅଧିକ। ଏହା ବ୍ୟତୀତ ରୁଷିଆର ନେତା, ବ୍ୟାଙ୍କ ଏବଂ ସାମରିକ ଠିକାଦାରମାନଙ୍କ ଉପରେ କଟକଣା ଲାଗୁ କରାଯିବାକୁ ବିଲ୍‌ରେ ବ୍ୟବସ୍ଥା ରହିଛି। ରୁଷିଆ ଯଦି ଯୁଦ୍ଧ ବଢ଼ାଇଚାଲେ ଏବଂ ଶାନ୍ତି ଉଦ୍ୟମରେ ପ୍ରତିବନ୍ଧକ ସୃଷ୍ଟି କରେ ତେବେ କଠୋର ଭାବେ ଦଣ୍ଡିତ ☞ପୃଷ୍ଠା-୪

## ଜୁଲାଇ ୧ରୁ ମହଙ୍ଗା ହେବ ଟ୍ରେନ୍ ଯାତ୍ରା

ନୂଆଦିଲ୍ଲୀ,୨୪।୬

ଭାରତୀୟ ରେଲ୍‌ୱେ ଜୁଲାଇ ୧ରୁ ଏହାର ଯାତ୍ରୀଭଡ଼ା ବଢ଼ାଇବାକୁ ଯାଉଛି। ବାତାନୁକୂଳିତ, ଅଣବାତାନୁକୂଳିତ ମେଲ୍, ଏକ୍ସପ୍ରେସ୍ ଏବଂ ୨ୟ ଶ୍ରେଣୀ ଟିକେଟ ଭଡ଼ା ସାମାନ୍ୟ ବୃଦ୍ଧି ପାଇବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅଣବାତାନୁକୂଳିତ ମେଲ୍ ଏବଂ ଏକ୍ସପ୍ରେସ୍ ଭଡ଼ା କିଲୋମିଟର ପ୍ରତି ୧ ପଇସା ବଢ଼ିବାକୁ ଥିବାବେଳେ ଏସି ଟ୍ରେନ୍ ଭଡ଼ା ୨ ପଇସା ବଢ଼ିବ। ସବ୍‌ଅର୍ବାନ ଟ୍ରେନ୍ ଏବଂ ମାସିକ ସିଜନ ଟିକେଟ କ୍ଷେତ୍ରରେ ଭଡ଼ାରେ ପରିବର୍ତ୍ତନ ହେବ ନାହିଁ। ସେହିପରି ସାଧାରଣ ୨ୟ ଶ୍ରେଣୀରେ ୫୦୦ କି.ମି. ପର୍ଯ୍ୟନ୍ତ ଯାତ୍ରା ପାଇଁ ଭଡ଼ା ଅପରିବର୍ତ୍ତିତ ରହିବ। ୫୦୦ କି.ମି.ରୁ ଅଧିକ ପ୍ରତି ୧ କି.ମି. ପାଇଁ ଭଡ଼ା ୫୦ ପଇସା ବୃଦ୍ଧି କରାଯିବ। ଆଇଆର୍‌ସିଟିସି ୱେବ୍‌ସାଇଟ୍ ଏବଂ ଆପ୍ ଜରିଆରେ ସମସ୍ତ ତତ୍କାଳ ଟିକେଟ ବୁକିଂ ପାଇଁ ଆଧାର ପ୍ରାମାଣିକତା ଜୁଲାଇ ୧ରୁ ବାଧ୍ୟତାମୂଳକ ହେବ। ତତ୍କାଳ ସ୍କିମ୍‌ର ଦୁରୁପଯୋଗ ବନ୍ଦ କରିବା ଏବଂ ପ୍ରକୃତ ଯାତ୍ରୀମାନେ ଯେପରି ଏହି ଟିକେଟ ପାଇବେ, ତାହା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଗତ ୧୦ରେ ଏକ ନିର୍ଦ୍ଦେଶନାମା ବଳରେ ରେଳ ମନ୍ତ୍ରଣାଳୟ ଏହା ଘୋଷଣା କରିଥିଲା।

**ଆଜିର ସମ୍ପାଦକୀୟ**
ନିଟ୍ ପାଇଁ ହତ୍ୟା

## ରାଜ୍ୟରେ ପ୍ରତିଷ୍ଠା ହେବ ୯ ନୂଆ ମେଡିକାଲ କଲେଜ

ଭୁବନେଶ୍ୱର,୨୪।୬(ବନ୍ଦନା ସେଠୀ)

ଖୁବ୍‌ଶୀଘ୍ର ରାଜ୍ୟରେ ୯ଟି ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ଜଗତ୍‌ସିଂହପୁର, ଭଦ୍ରକ, ଢେଙ୍କାନାଳ ଓ ନବରଙ୍ଗପୁରରେ ଏମ୍‌ବିବିଏସ୍ କଲେଜ ଖୋଲାଯିବ। ସେହିପରି ବୁର୍ଲା, ବ୍ରହ୍ମପୁର, କେନ୍ଦୁଝର, ବଲାଙ୍ଗୀରରେ ୪ଟି ଡେଣ୍ଟାଲ କଲେଜ ଏବଂ ମୟୂରଭଞ୍ଜରେ ଗୋଟିଏ ଆୟୁର୍ବେଦ କଲେଜ ପ୍ରତିଷ୍ଠା କରାଯିବ। ଏନେଇ ମଙ୍ଗଳବାର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଏଥିପାଇଁ ବଜେଟ ଅନୁମୋଦନ ମିଳିଥିବାବେଳେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏହିସବୁ ସ୍ଥାନରେ ମେଡିକାଲ କଲେଜ ନ ଥିବାରୁ ମେଡିକାଲ ଛାତ୍ରୀଛାତ୍ରମାନେ ଅନେକ ସମସ୍ୟା ଭୋଗୁଥିଲେ। ସେହିପରି ଦୀର୍ଘଦିନ ଧରି ବିଭିନ୍ନ ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଦାବି ହୋଇଆସୁଥିଲା। ଏହିସବୁ ଜିଲାରେ ମେଡିକାଲ କଲେଜ ଖୋଲାଗଲେ ଜିଲାବାସୀ ଉପକୃତ ହେବେ। ସେହିପରି ଚିକିତ୍ସା ପାଇଁ ଆଉ ଜିଲା ବାହାରକୁ ଯିବାକୁ ପଡ଼ିବ ନାହିଁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

## ବନ୍ଧୁକ ମୁନରେ ବ୍ୟାଙ୍କ ଡକାୟତି
### କୁଚେଇ ଗ୍ରାମ୍ୟବ୍ୟାଙ୍କରୁ ନେଇଗଲେ ୭ ଲକ୍ଷ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/କୁଳିଅଣା(ଆଦିକନ୍ଦ ସାହୁ),୨୪।୬

ଗତ ୧୨ ତାରିଖରେ ୫ଜଣ ସଶସ୍ତ୍ର ଡକାୟତ କେନ୍ଦୁଝର ଯୋଡ଼ାସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ୧୦ଲକ୍ଷ ଟଙ୍କା ଏବଂ ୨କିଲୋରୁ ଊର୍ଦ୍ଧ୍ୱ ସୁନା ଲୁଟି ନେଇଥିବାବେଳେ ମଙ୍ଗଳବାର ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ କୁଚେଇସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ସମାନ ଘଟଣା ଦେଖିବାକୁ ମିଳିଛି। ୬ଜଣ ଦୁର୍ବୃତ୍ତ ବ୍ୟାଙ୍କ ମଧ୍ୟରେ ପଶି କର୍ମଚାରୀ ଓ ଗ୍ରାହକମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତକରି ୭ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍ ପରେ ବାହାରପଟୁ ତାଲା ପକାଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାହକ ଓ ବ୍ୟାଙ୍କ କର୍ମଚାରୀମାନଙ୍କୁ ଉଦ୍ଧାର କରିବା ସହ ତଦନ୍ତ ଜାରି ରଖିଛି। ଖବରପାଇ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାଏକ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ପ୍ରମୁଖ ବ୍ୟାଙ୍କରେ ପହଞ୍ଚି ଅନୁଧ୍ୟାନ କରି ଫେରିଛନ୍ତି। ସୂଚନାଯୋଗ୍ୟ, କୁଚେଇସ୍ଥିତ ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଏକ ☞ପୃଷ୍ଠା-୪





A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in




ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସରେ ମଙ୍ଗଳବାର ବିଧାନସଭା ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ ଏବଂ ଅନ୍ୟମାନେ। (ଫଟୋ- ମନୋରଞ୍ଜନ ମିଶ୍ର)

# କୁମ୍ଭୀର ସହ ସଂଘର୍ଷ କରି ବଞ୍ଚିଲେ ଚାଷୀ

ମହାକାଳପଡ଼ା, ୨୪।୬
(ପ୍ରତାପ ଚନ୍ଦ୍ର ସ୍ୱାଇଁ)


ପ୍ରଭାତ ମଣ୍ଡଳ

ନଦୀକୁ ଶୌଚ ହେବା ପାଇଁ ଯାଉଥିବା ବେଳେ ଜଣେ ଚାଷୀ କୁମ୍ଭୀର ଆକ୍ରମଣର ଶିକାର ହୋଇଛନ୍ତି। ଜୀବନ ବଞ୍ଚାଇବାକୁ ଯାଇ କୁମ୍ଭୀର ସହିତ ପାଣିରେ ୧୦ ମିନିଟ୍ ସଂଘର୍ଷ କରି ମଙ୍ଗଳବାର ମୃତ୍ୟୁମୁଖରୁ ବଞ୍ଚିଛନ୍ତି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅରୁଣନଗର ଗ୍ରାମର ପ୍ରଭାତ ମଣ୍ଡଳ (୬୦)। ପ୍ରଭାତ ରାମଚଣ୍ଡୀ ଗଳିଆ ନଦୀ କୂଳରେ ଚାଷ ଜମିରେ ୨ ଦିନ ତଳେ ଧାନତଳି ପକାଇଥିଲେ। ଏହାକୁ ଦେଖିବାକୁ ଯାଇଥିବା ବେଳେ ଶୌଚ ଲାଗିବାରୁ ନିକଟ ରାମଚଣ୍ଡୀ ଗଳିଆ ନଦୀକୂଳକୁ ଯାଇଥିଲେ। ଏହି ସମୟରେ ବୁଦା ମୂଳେ ଏକ କୁମ୍ଭୀର ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା। ପ୍ରଭାତ କିଛି ଉପାୟ ନ ପାଇ କୁମ୍ଭୀର ସହ ସଂଘର୍ଷ କରିଥିଲେ। ଜୀବନ ବିକଳରେ ଶେଷରେ ପ୍ରଭାତ ନିଜ ଦୁଇ ଆଙ୍ଗୁଠିକୁ ଜୋରରେ କୁମ୍ଭୀର ଆଖିରେ ଗେଞ୍ଜି ଦେବାରୁ ସେ ଛାଡ଼ି ପାଣିକୁ ଚାଲି ଯାଇଥିଲା। ହେଲେ ପ୍ରଭାତଙ୍କ ହାତ ଓ ଜଂଘରେ ଗଭୀର କ୍ଷତ ଯୋଗୁ ରକ୍ତସ୍ରାବ ହୋଇଥିଲା। କିଛି ଦୂରରେ ଥିବା ଲୋକମାନେ ତାଙ୍କୁ ଉଦ୍ଧାର କରି ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ହାତରେ ୧୦ଟି ଷ୍ଟିଚ ଓ ଜଂଘରେ ୪ଟି ଷ୍ଟିଚ ପଡ଼ିଛି। ତୁରନ୍ତ ବନ ବିଭାଗ ପକ୍ଷରୁ ସରକାରୀ ସହାୟତା ଦେବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ମହାକାଳପଡ଼ା ରେଞ୍ଜ ଅଧିକାରୀ ଶାନ୍ତନୁ କୁମାର ଦଳାଇଙ୍କୁ ପଚାରିବାରେ ଖବର ମିଳିନାହିଁ। ଆହତ ଚାଷୀ ସମସ୍ତ ରିପୋର୍ଟ ଦାଖଲ କରିବା ପରେ ଆଇନ ଅନୁସାରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।







# ବାସହୀନଙ୍କୁ ଜମି ଦେବେ ସରକାର

- **ଡିସେମ୍ବର ୩୧ ସୁଦ୍ଧା ଚିହ୍ନଟ ପାଇଁ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ**
- **'ବସୁନ୍ଧରା'ରେ ସାମିଲହେବେ ସବୁ ବାସହୀନ**

ଭୁବନେଶ୍ୱର,୨୪।୬
(ରବିନାରାୟଣ ଜେନା)

ରାଜ୍ୟରେ ଜଣେ ହେଲେ ବି କେହି ବାସହୀନ ରହିବେ ନାହିଁ। ଏହି ଲକ୍ଷ୍ୟ ନେଇ ରାଜସ୍ୱ ବିଭାଗ ପକ୍ଷରୁ ଏବେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବ ସରକାର ବାସହୀନଙ୍କୁ ନେଇ ଯେଉଁ ସର୍ଭେ କରିଥିଲା ତାହାର ସଂଜ୍ଞା ବଦଳାଯାଇ ନୂତନ ସଂଶୋଧିତ ବାସହୀନ ସଂଜ୍ଞା ଅନୁଯାୟୀ ପୁନର୍ବାର ବାସହୀନ ଚିହ୍ନଟ କରିବାକୁ ସରକାରଙ୍କ ପକ୍ଷରୁ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଜାରି ହୋଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ଡିସେମ୍ବର ସୁଦ୍ଧା ବାସହୀନ ଚିହ୍ନଟ ପ୍ରକ୍ରିୟା ଶେଷହେବ। ଏ ସଂକ୍ରାନ୍ତରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ସବୁ ଜିଲାପାଳଙ୍କୁ ଚଳିତମାସ ୧୯ରେ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାର ଏବେ ବାସହୀନଙ୍କୁ ଥଇଥାନ କରିବା ପାଇଁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳରେ କେତେ ବାସହୀନ ରହିଛନ୍ତି, ସେମାନଙ୍କୁ ଚିହ୍ନଟ କରିବାର ଆବଶ୍ୟକ ରହିଛି। ଏହାପରେ ସେମାନଙ୍କୁ 'ବସୁନ୍ଧରା'ରେ ସାମିଲ କରାଯିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ପୂର୍ବ ନିଷ୍ପତ୍ତି ଅନୁଯାୟୀ, ୨୦୨୪ ଅଗଷ୍ଟ ୧୬ରୁ ବାସହୀନଙ୍କ ସର୍ଭେ କରାଯାଇଥିଲା। ଏହି କାର୍ଯ୍ୟ ଅକ୍ଟୋବର ୩୦ ପର୍ଯ୍ୟନ୍ତ ଚାଲିଥିଲା। ସର୍ଭେ ପରେ ବାସହୀନଙ୍କୁ ବସୁନ୍ଧରାରେ ସାମିଲ କରାଯାଉଛି। ତେବେ ସଂପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ବାସହୀନଙ୍କ ସଂଜ୍ଞାରେ ଏକ ସଂଶୋଧନ କରାଯାଇଛି। ସଂଶୋଧନ ପରେ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ବର୍ତ୍ତମାନ ଜଣେ ବ୍ୟକ୍ତି ବାସହୀନ କହିଲେ, ଏକ ଏକର ଜମି(୧/୨୫ ପ୍ରତିଶତ)ରୁ କମ୍‌କୁ ବୁଝାଯିବ।

ବାସହୀନ ବ୍ୟକ୍ତିଙ୍କ ପାଇଁ ଯେଉଁ ପରିମାଣର ଜମି ସରକାର ଯୋଗାଇବେ ତାହା ଏପରି ହେବା ଉଚିତ୍ ଯେ, ସେ ବ୍ୟକ୍ତି ତାଙ୍କ ନିଜ ଗୃହଯୋଗ୍ୟ ଜମି ଓ ତାଙ୍କ ସାଙ୍ଗରେ ଥିବା ପରିବାର ଲୋକଙ୍କ ଗୃହଯୋଗ୍ୟ ଜମିକୁ ମିଶାଇ ମୋଟ ୧/୨୫ ଏକରକୁ ଅତିକ୍ରମ କରୁ ନ ଥିବ। ଯଦି ଅପେକ୍ଷିତ ଜମି ଉପଲବ୍ଧ ନାହିଁ, ତେବେ ଉପଲବ୍ଧତା ଅନୁଯାୟୀ ଭାଗବାଣ୍ଟି ହେବ। ସେହିପରି ନିୟମ ୭(୩)ର ଅନୁଯାୟୀ, ବାସହୀନ ବ୍ୟକ୍ତିଙ୍କୁ ଯେଉଁ ଜମି ଦିଆଯିବ, ସେହି ଜମି ଉତ୍ତରାଧିକାରଯୋଗ୍ୟ କିନ୍ତୁ ବ୍ୟବହାରଯୋଗ୍ୟ ହୋଇପାରିବ ନାହିଁ। ନୂତନ ସଂଶୋଧନ ଫଳରେ ଅଧିକ ବ୍ୟକ୍ତି ବାସହୀନ ବୋଲି ଚିହ୍ନଟ ହେବେ ଓ ସେମାନେ ଜମି ପାଇଁ ଯୋଗ୍ୟହେବେ। ଗ୍ରାମାଞ୍ଚଳରେ ଥିବା ବାସହୀନ ପରିବାରଗୁଡ଼ିକ ଅନୁସୂଚିତ ନିୟମ ଅନୁଯାୟୀ ଚିହ୍ନଟ କରାଯିବେ। ବାସହୀନ ଚିହ୍ନଟ ସମ୍ପୂର୍ଣ୍ଣ ହେବାର ଅବଧି ୩୧ ଡିସେମ୍ବର ୨୦୨୫ ରଖାଯାଇଛି। ଏହି ସମୟ ମଧ୍ୟରେ ନୂତନ ଚିହ୍ନଟ ଓ ପୁରୁଣା ତାଲିକାରେ ଥିବା ବ୍ୟକ୍ତିଙ୍କୁ ଜମି ବଣ୍ଟନ ପ୍ରକ୍ରିୟା ଚାଲୁରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ରଥଯାତ୍ରା ପାଇଁ 'ଇ-କୋର୍ ଯାତ୍ରା' ଆପ୍

ଭୁବନେଶ୍ୱର,୨୪।୬
(ଅନୁରାଧା ମହାରଣା)




ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଅବସରରେ ଦୂରଦୂରାନ୍ତରୁ ଆସୁଥିବା ରେଳଯାତ୍ରୀଙ୍କ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ 'ଇ-କୋର୍ ଯାତ୍ରା' ଆପ୍‌ର ଶୁଭାରମ୍ଭ କରାଯାଇଛି। ଏହି ଆଣ୍ଡ୍ରଏଡ୍-ଆଧାରିତ ମୋବାଇଲ ଆପ୍ ଗୁଗଲ ପ୍ଲେ ଷ୍ଟୋରରେ ଉପଲବ୍ଧ। ଏହି ଆପ୍‌ରେ ସମସ୍ତ ରେଳ-ସମ୍ବନ୍ଧୀୟ ସେବା ଓ ଯାତ୍ରୀ ସୁବିଧା ପାଇଁ ଏକ ବ୍ୟାପକ ଡିଜିଟାଲ ମାର୍ଗଦର୍ଶିକା ପ୍ରଦାନ କରିବ। ଏହି ଆପ୍ ସ୍ୱତନ୍ତ୍ର ଭାବେ ରଥଯାତ୍ରା-୨୦୨୫ ସମୟରେ ଯାତ୍ରା କରୁଥିବା ତୀର୍ଥଯାତ୍ରୀଙ୍କୁ ଠିକ୍ ସମୟ ଓ ସେବାର ସୂଚନା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଯାତ୍ରୀଙ୍କୁ ଯାତ୍ରା ଯୋଜନା କରିବା, ପରିବହନ ସେବା ପାଇବା ଏବଂ ରେଳ ସୁବିଧା ସମ୍ବନ୍ଧୀୟ ଅପ୍‌ଡେଟ୍ ପାଇବା ପାଇଁ ଏକ ୱାନ-ଷ୍ଟପ୍ ଡିଜିଟାଲ ସମାଧାନ ପ୍ରଦାନ କରିବ। ଏଥିପାଇଁ ବ୍ୟବହାରକାରୀଙ୍କୁ ରେଳଷ୍ଟେଶନ କିମ୍ବା କାଉଣ୍ଟରକୁ ଯିବାକୁ ପଡ଼ିବ ନାହିଁ। ସହଜ ନେଭିଗେଶନ ଏବଂ ବହୁଭାଷୀ ସହାୟତା ସହିତ ଏହି ଆପ୍ ସାରା ଦେଶର ଉପଭୋକ୍ତାଙ୍କୁ ସେବା ପ୍ରଦାନ କରିବ। ଚଳିତବର୍ଷ ରଥଯାତ୍ରା ପାଇଁ ଚାଲୁଥିବା ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ତାଲିକା ଉପଲବ୍ଧ ହେଉଥିବାବେଳେ ଟ୍ରେନ ନମ୍ବର, ସମୟ ଓ ରହଣି ସ୍ଥାନ ସମ୍ପର୍କରେ ସୂଚନା ମିଳିପାରିବ। ଯାତ୍ରୀମାନେ ଦୂରଗାମୀ ଓ ଇଣ୍ଟରସିଟି ସେବା ସମେତ ପୁରୀକୁ ଚଳାଚଳ କରୁଥିବା ସମସ୍ତ ନିୟମିତ ଟ୍ରେନ୍‌ର ଅପ୍‌ଡେଟ୍ ସମୟସାରଣୀ ମଧ ବ୍ରାଉଜ୍ କରିପାରିବେ। ଏନ୍‌ଟିଇଏସ୍ ଏବଂ ପିଏନ୍‌ଆର୍ ସହିତ ଲିଙ୍କ୍ ହୋଇଥିବା ଏହି ଆପ୍ ଭଡ଼ା, ସିଟ୍ ଉପଲବ୍ଧତା ଯାଞ୍ଚ କରିବାରେ ସାହାଯ୍ୟ କରେ। ଡିଜିଟାଲ ସାକ୍ଷରତା ପାଇଁ ସ୍ୱୟଂଚାଳିତ ଟିକେଟ ଭେଣ୍ଡିଂ ମେଶିନ (ଏଟିଭିଏମ୍) ବ୍ୟବହାର ଏବଂ ୟୁଟିଏସ୍ ମୋବାଇଲ ଆପ୍ ମାଧ୍ୟମରେ ବୁକିଂ ବିଷୟରେ ସଂକ୍ଷିପ୍ତ ଓ ସୂଚନାପ୍ରଦ ଭିଡିଓ ଯୋଡ଼ାଯାଇଛି। ଯାତ୍ରୀ ପାନୀୟଜଳ ଏବଂ ଇ-କ୍ୟାଟରିଂ, ଚିକିତ୍ସା ସହାୟତା ବୁଥ୍, ପରିଷ୍କାର ପରିଚ୍ଛନ୍ନତା ଓ ପରିମଳ, ଦିବ୍ୟାଙ୍ଗଜନଙ୍କ ପାଇଁ ହ୍ୱିଲଚେୟାର ସୁବିଧା, ବରିଷ୍ଠ ନାଗରିକଙ୍କ ନମିନ୍ତେ ବ୍ୟାଟେରିଚାଳିତ ଯାନ, ସାର୍ବଜନୀନ ଶୌଚାଳୟ, ମିଷ୍ଟିଂ ଫ୍ୟାନ, ପୁରୀ ଏବଂ ଅନ୍ୟାନ୍ୟ ପ୍ରମୁଖ ଷ୍ଟେଶନଗୁଡ଼ିକରେ ମାଗଣା ୱାଇ-ଫାଇ ସେବା ସମ୍ପର୍କରେ ଅବଗତ କରାଇଥାଏ। ଏଥିସହ କ୍ଲିକ୍-ଟୁ-ଡାଏଲ୍ ହେଲ୍ପଲାଇନରେ ରେଳପଥ ପୋଲିସ, ଡାକ୍ତରୀ ସହାୟତା, ହଜିଯାଇଥିବା ସାମଗ୍ରୀ ଓ ନିଖୋଜ ବ୍ୟକ୍ତି ସହାୟତା ଏବଂ ଅଭିଯୋଗ ସମାଧାନ ସେବା ପ୍ରଦାନ କରିବ।

# ନାବାଳିକାଙ୍କୁ ବଳାତ୍କାର, ନକଲି ଡାକ୍ତର ଗିରଫ

- **ନର୍ସିଂ କୋର୍ସ କରାଇଦେବାକୁ ପ୍ରଲୋଭିତ କରିଥିଲେ**
- **ଘଟଣାରେ ସମ୍ପୃକ୍ତ ୨ ମହିଳା ବନ୍ଧାହେଲେ**

ବ୍ରହ୍ମପୁର,୨୪।୬
(ସୁବାସ ଚନ୍ଦ୍ର ପାଢ଼ୀ)


ଭବାନୀ ଶଙ୍କର ଦାସ

ବ୍ରହ୍ମପୁର ପୋଲିସ ଜିଲାରେ ନାବାଳିକା ବଳାତ୍କାର ଘଟଣା ବଢ଼ିବାରେ ଲାଗିଛି। ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାର ତଦନ୍ତ ନ ସରୁଣୁ ପୁଣି ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ନାବାଳିକାଙ୍କୁ ନର୍ସିଂ କୋର୍ସ କରାଇଦେବାର ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଅଭିଯୋଗରେ ଜଣେ ନକଲି ହୋମିଓପାଥିକ ଡାକ୍ତରଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଭାରତୀୟ ହିନ୍ଦୁ ପରିଷଦର ପୂର୍ବତନ ନେତା ତଥା ଭାରତୀୟ ମଜଦୁର ସଂଘ ଗଞ୍ଜାମ ଜିଲା ଶାଖାର ସଭାପତି ଭବାନୀ ଶଙ୍କର ଦାସ(୫୧)। ଭବାନୀ ପାଟପୁର ଥାନା ପୁଡାମାରିର ମୂଳବାସିନ୍ଦା। ସେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡ଼ାସିଙ୍ଗି ନିରଞ୍ଜନ ନଗରରେ ରହୁଥିଲେ। ଜେରା ବେଳେ ସେ ଜଣେ ନକଲି ହୋମିଓପାଥିକ ଡାକ୍ତର ବୋଲି ଜଣାପଡ଼ିଛି। ସେହିପରି ବଳାତ୍କାର ଘଟଣାରେ ସହଯୋଗ କରିଥିବା ୨ ମହିଳାଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ସେମାନେ ଉକ୍ତ ଥାନା ଅନ୍ତର୍ଗତ ଭିଆଇପି କଲୋନୀର ପ୍ରିୟଙ୍କା ସାହୁ (୨୧) ଓ ଗଜପତି ଜିଲା ଆର୍. ଉଦୟଗିରି ଅଞ୍ଚଳର ଅଙ୍ଗନୱାଡି କର୍ମୀ ରିତାଞ୍ଜଳୀ ସାହୁ। ପୀଡ଼ିତାଙ୍କ ମାଉସୀଙ୍କ ଅଭିଯୋଗକ୍ରମେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି।

ଭବାନୀ ନିଜକୁ ଏକ ରାଜନୈତିକ ଦଳର ପ୍ରଭାବଶାଳୀ ବ୍ୟକ୍ତି ବୋଲି ପରିଚୟ ଦେଇ ଆସୁଥିଲେ। ସେ ଉକ୍ତ ଝିଅକୁ ନର୍ସିଂ ପାଠ ପଢ଼ାଇବାକୁ ସୁବିଧା କରିଦେବେ ବୋଲି ନାବାଳିକାଙ୍କ ମା'ଙ୍କୁ ଅଙ୍ଗନୱାଡି କର୍ମୀ ରିତାଞ୍ଜଳୀ କହିଥିଲେ। ସୋମବାର ମା'ଙ୍କ କହିବା ଅନୁସାରେ ନାବାଳିକା ଜଣକ ତାଙ୍କ ମାଉସୀଙ୍କ ସହ କୋର୍ଟପେଟା ରାଜାରାଣୀ ଆପାର୍ଟମେଣ୍ଟରେ ଥିବା ବାଜପେୟୀ ଆରୋଗ୍ୟମ୍‌କୁ ଯାଇ ଡା. ଭବାନୀଙ୍କ ସହ କଥା ହୋଇଥିଲେ। ଝିଆରୀ ସେଠାରେ ରହି ପାଠ ପଢ଼ିବ କହି ମାଉସୀ ଚାଲିଆସିଥିଲେ। ସନ୍ଧ୍ୟାରେ ଭବାନୀ ନାବାଳିକାଙ୍କୁ ଉକ୍ତ ଆପାର୍ଟମେଣ୍ଟର ଏକ ରୁମ୍‌କୁ ନେଇଥିଲେ। ସେଠାରେ ଥିବା ପ୍ରିୟଙ୍କା ଉକ୍ତ ନାବାଳିକାଙ୍କୁ କିଛି ପିଇବାକୁ ଦେଇଥିଲେ। ପରେ ଭବାନୀ ନାବାଳିକାଙ୍କୁ ନେଇ ବଳାତ୍କାର କରିଥିଲେ। ପୀଡ଼ିତା ସେଠାରୁ ନିଜ ମାଉସୀଙ୍କ ଘରକୁ ଆସି ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ଉଭୟେ ବୈଦ୍ୟନାଥପୁର ଥାନାକୁ ଆସି ଏତଲା ଦେଇଥିଲେ। ପୋଲିସ ନଂ. ୩୧୪/୨୫ରେ ମାମଲା ରୁଜୁ କରି ଭବାନୀଙ୍କୁ ଗିରଫ କରିଥିଲା। ସାଇଣ୍ଟିଫିକ ଟିମ୍ ସହ ପୋଲିସ ଉକ୍ତ ଆପାର୍ଟମେଣ୍ଟକୁ ଯାଇ ତଦନ୍ତ କରିବା ସହ ସେଠାରୁ ଅନେକ ପ୍ରମାଣ ସଂଗ୍ରହ କରିଛି। ଭବାନୀ କେଉଁଠାରୁ ଡାକ୍ତରୀ ଡିଗ୍ରୀ ହାସଲ କରିଥିଲେ ତାହାର ମଧ୍ୟ ତଦନ୍ତ ଚାଲିଛି।

# ବର୍ଷକରେ ଅନେକ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି ମୁଖ୍ୟମନ୍ତ୍ରୀ: ରାଜ୍ୟପାଳ

ଭୁବନେଶ୍ୱର,୨୪।୬(ସୁନିତ୍ ମିଶ୍ର)




ରାଜ୍ୟପାଳ ହରିବାବୁ କମ୍ଭମପାଟି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତକରି ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷର ସଫଳତା ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପ୍ରଶାସନର ନେତୃତ୍ୱ ନେଇ ପ୍ରଥମ ବର୍ଷରେ ଅନେକ ଲୋକାଭିମୁଖୀ ଯୋଜନା ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟ ସରକାରଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ରାଜ୍ୟପାଳ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟର ଅନେକ ବିକାଶମୂଳକ ଯୋଜନା ସମ୍ପର୍କରେ ମଧ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ଏହି ଅବସରରେ ରାଜ୍ୟପାଳଙ୍କୁ ଓଡ଼ିଶା ଭିଜନ- ୨୦୩୬ ଓ ୨୦୪୭ ପୁସ୍ତକ ରାଜ୍ୟପାଳ ପ୍ରଦାନ କରିଛନ୍ତି। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସରକାରଙ୍କ ରୋଡ୍‌ମ୍ୟାପ୍ ସମ୍ପର୍କରେ ରାଜ୍ୟପାଳଙ୍କୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅବଗତ କରାଇଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସିପିଆଇଏମ୍ ଭୁବନେଶ୍ୱର ଲୋକାଲ କମିଟି ଏବଂ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୧୫ତମ ମାସିକ କଥା କାର୍ଯ୍ୟକ୍ରମ, ସ୍ଥାନ: ଜାତୀୟ ଅଭିଲେଖାଗାର, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କନ୍‌ହେଇଲାଲ ଦାସ ସ୍ମୃତି ସଂସଦର ମିଳିତ ସହଯୋଗରେ କନ୍‌ହେଇଲାଲ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ବୋଉ ଫାଉଣ୍ଡେଶନ ପକ୍ଷରୁ 'ବ୍ୟଙ୍ଗ କଥା, କବିତା, ସଙ୍ଗୀତ ସନ୍ଧ୍ୟା', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ୮୪ତମ ସଂସ୍କୃତି ଚର୍ଚ୍ଚା, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୬ଟା ୧୫।

## କଟକ

- କଟକ ମୋଟର କର୍ମଚାରୀ ୟୁନିୟନ ପକ୍ଷରୁ ବସ୍ କର୍ମଚାରୀଙ୍କ ଶୋଭାଯାତ୍ରା, ସ୍ଥାନ: ନେତାଜୀ ବସ୍ ଟର୍ମିନାଲ ପ୍ରବେଶ ପଥ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ ସମାଜ ଓ ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ଅନନ୍ତ ପଟ୍ଟନାୟକଙ୍କ ୩୮ତମ ସ୍ମୃତି ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଭଏସ୍ ଅଫ୍ ମିଡିଆର ପ୍ରଥମ ରାଜ୍ୟ ସମ୍ମିଳନୀ, ସ୍ଥାନ: ଟାଉନ ହଲ୍, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ସିଭିଲ ଜଜ୍ କମ୍ ଜେଏମ୍ଏଫ୍‌ସିର ନୂତନ ଗୃହ ଉଦ୍‌ଘାଟନ, ସ୍ଥାନ: ଔପଦା, ସମୟ: ସକାଳ ୯ଟା ୪୫।
- ଓଡ଼ିଶା ରାଜ୍ୟ ମହିଳା ଆୟୋଗ ପକ୍ଷରୁ କ୍ୟାମ୍ପ କୋର୍ଟ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଗଣବିକ୍ଷୋଭ ଓ କୁଶପୁତ୍ତଳିକା ଦାହ, ସ୍ଥାନ: ଫକୀରମୋହନ ମହାବିଦ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ଖବରଦାତା ସମ୍ମିଳନୀ ଓ ଆଲୋଚନା ଚକ୍ର, ସ୍ଥାନ: ହନୁମାନ କଲ୍ୟାଣ ମଣ୍ଡପ, କ୍ଷୀରଚୋରା ମନ୍ଦିର ଛକ, ରେମୁଣା, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- 'ଆମ ସଂକଳ୍ପ ନିଶା ନୁହେଁ, ଜୀବନ' ସଚେତନତା ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ଅଭିଭାବକଙ୍କ ବୈଠକ,ସ୍ଥାନ:ଚିତ୍ରଡ଼ା ବିସିସି କ୍ଲାସେସ, ମୋରଡ଼ା, ସମୟ:ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ଏସ୍‌ବିଆଇ ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ସକାଳ ୯ଟା।

## ଗଜପତି

- ଜିଲା ପରିଷଦ ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୟାଗଡ଼

- ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ଛାତ୍ର ଆନ୍ଦୋଳନ, ସ୍ଥାନ:ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବଳଭଦ୍ରପୁର ଢ଼ିପମାଳ ରାସ୍ତା ନେଇ ରାସ୍ତାରୋକୋ , ସ୍ଥାନ:ବଲାଙ୍ଗୀର–ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଶିମଳିସାହି ହାଟଦ୍ୱାର ଛକ, ସମୟ: ସକାଳ ୮ଟା।

## ରାୟଗଡ଼ା

- ବିଶ୍ୱ ତମାଖୁ ନିଷେଧ ଦିବସ ଉପଲକ୍ଷେ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ଗୁଣପୁର ବାଳିକା ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଛାତ୍ର ବିଜେଡିର ଗୋପାଳପୁର ଛାତ୍ରୀ ଗଣବଳତ୍କାର, ମହିଳା ନିର୍ଯ୍ୟାତନା ପ୍ରତିବାଦ ସଭା, ସ୍ଥାନ: ନବରଙ୍ଗପୁର ମହାବିଦ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- କଳାଜିରା ଧାନର ଜିଆଇ ଟ୍ୟାଗ ସହ ବଜାରୀକରଣ ନେଇ କର୍ମଶାଳା, ସ୍ଥାନ: କୋରାପୁଟ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ନନ୍ଦପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ କଳା ଦିବସ ପାଳନ, ସ୍ଥାନ: କୋରାପୁଟ ବିଧାୟକଙ୍କ ବାସଭବନ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ : ପୋତାପାଲି ସ୍ଥିତ ଶ୍ରୀକୃଷ୍ଣ ଗୋଶାଳା ପରିସର, ସମୟ : ସକାଳ ୯ଟା ୧୫।
- ମକ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଭାଜପାର ବୈଠକ, ସ୍ଥାନ : ରିଭରଇନ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବିଧାନ କଳାଦିବସ କାର୍ଯ୍ୟକ୍ରମ, ସ୍ଥାନ: ରିଭର ଇନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୨ଟା୫।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ ମ୍ୟାଚ ଫୋରସି ପ୍ରତିଭା ବନାମ ମେହେତାବ କ୍ଲବ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ସମ୍ବଲପୁର ଅନାମିକା କ୍ଲବ ବନାମ ବାମରା କ୍ରୀଡା ସଂଘ ଫୁଟବଲ ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୫ଟା୩୦।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଅସୀ ଚାଳନା ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀରସମୟ: ସକାଳ ୬ଟା ୩୦ ।
- ଗ୍ରାମ୍ୟ ନ୍ୟାୟାଳୟ କୋର୍ଟ ଉଦ୍‌ଘାଟନ, ସ୍ଥାନ: ସିଭିଲ କୋର୍ଟ ପରିସର, ବଲାଙ୍ଗୀର, ସମୟ: ସକାଳ ୯ଟା ୩୦ ।

## ବରଗଡ଼

- ବରଗଡ଼ ନାଗରିକ ମଞ୍ଚର ଆଲୋଚନାଚକ୍ର, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।

## କଳାହାଣ୍ଡି

- ରାଜ୍ୟ ସରକାରଙ୍କ ବିରୋଧରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ବିକ୍ଷୋଭ, ସ୍ଥାନ: ଭବାନୀପାଟଣାସ୍ଥିତ ବିଶ୍ୱବିଦ୍ୟାଳୟ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଧାରଣା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ସମ୍ବିଧାନ ହତ୍ୟା ଦିବସ, ସ୍ଥାନ: ଦେବଗଡ଼ ମହାବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।
- ତ୍ରୈମାସିକ ଆଞ୍ଚଳିକ ସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ରୋନକ ପ୍ଲାଜା, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାକୃତିକ କୃଷି ପ୍ରଣାଳିରେ ଚାଷ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: କୃଷିବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ନୂତନ ଉପଜିଲାପାଳ ସୁରେନ୍ଦ୍ର ମେହେରଙ୍କୁ ବୀରମହାରାଜପୁର ସାଂସ୍କୃତିକ ସଂସଦ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ମୈତ୍ରୀସଦନ ବୀରମହାରାଜପୁର, ସମୟ: ଅପରାହ୍ନ ୪ଟା।
- ତରଭା ରଥଯାତ୍ରା ପାଇଁ ଉପାୟନ ଭୋଗ ସମୟ ନିର୍ଘଣ୍ଟ ପ୍ରସ୍ତୁତି ବୈଠକ, ସ୍ଥାନ: ଏନ୍‌ଏସି ସଭାଗୃହ, ସମୟ: ସନ୍ଧ୍ୟା ୫ଟା।

## ନୂଆପଡ଼ା

- ଜିଲା ଭାଜପା ପକ୍ଷରୁ କଳା ଦିବସ ଓ ଭାରତରେ ଆପତ୍‌କାଳ ଘୋଷଣାର ୫୦ ତମ ବାର୍ଷିକୀ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ ନୂଆପଡ଼ା, ସମୟ: ସକାଳ ୯ଟା ୩୦।
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com


**ମେଷ** ସମସ୍ୟା ସୁଧାରିବା କ୍ଷେତ୍ରରେ ନିଜର ଅସାମର୍ଥ୍ୟତା କାରଣରୁ ବନ୍ଧୁଙ୍କ ସାହାଯ୍ୟର ଆବଶ୍ୟକତା ଅନୁଭବ କରିବେ। ଆତ୍ମୀୟଙ୍କ ସହ ସୁସମ୍ପର୍କ ଅଭାବରୁ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହି ନ ପାରେ। ଜମିଜମା, ପରିବହନ କିମ୍ବା ଆରକ୍ଷୀ ସମ୍ପର୍କିତ ବିବାଦର ଅବସାନ ଘଟିବ। ଅତୀତ କଥାକୁ ଚିନ୍ତା କରି ଭାବପ୍ରବଣ ହୋଇଯିବେ।

**ବୃଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅସହଯୋଗ ମୁଖ୍ୟ ସମସ୍ୟା ରୂପରେ ଦେଖାଦେବ। ମାନସିକ ଅସ୍ଥିରତା ଲାଗି ରହିବାରୁ ପ୍ରତ୍ୟେକ କାର୍ଯ୍ୟାବଳୀର ଠିକ୍ ସମୀକ୍ଷା କରିପାରିବେ ନାହିଁ। ବ୍ୟବସାୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବେ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ବନ୍ଧୁଟିର ମନୋଭାବ ବଦଳିଯାଇପାରେ।

**ମିଥୁନ** ଆଜି ବନ୍ଧୁଙ୍କ କାମକୁ ଅଗ୍ରାଧିକାର ଭିତ୍ତିରେ କରିବାକୁ ମନସ୍ଥ କରିବେ। କେତେକ ବ୍ୟତିକ୍ରମ ମଧ୍ୟରେ ଅର୍ଥଲାଭ ହେବା ସହ ଆଜିର ଯାତ୍ରାରେ ସଫଳତା ପାଇବେ। ଯେତେ ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ବୁଧାଦିତ୍ୟ ଯୋଗ ପ୍ରଭାବରୁ କୌଣସି ସମସ୍ୟା ସେତେଟା ଉଦ୍‌ବେଗଜନକ ହେବନାହିଁ।

**କର୍କଟ** ଠିକ୍ ବିଚାରଧାରା ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଆଣିଦେବ। ସରକାରୀ ସ୍ତରରେ ଅଟକି ରହିଥିବା କାମ ପୂରଣ ହେବାରେ ସହକର୍ମୀ ସାହାଯ୍ୟ କରିବେ। ଆଜିର କର୍ମବ୍ୟସ୍ତତା ଆପଣଙ୍କୁ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟ ରଖେଇ ଦେବେ ନାହିଁ। ସ୍ୱାସ୍ଥ୍ୟସମସ୍ୟା କେତେକାଂଶରେ ନିୟନ୍ତ୍ରିତ ରହିବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ସିଂହ** ବୈଷୟିକ ଅଭିବୃଦ୍ଧି ସଙ୍ଗକୁ ସାମାଜିକ ସ୍ତରରେ ଆଦୃତି ଯୋଗୁ ଖୁସି ହେବେ। ଆନୁଷ୍ଠାନିକ କାମରେ ସାହାଯ୍ୟ ଏବଂ ସହଯୋଗ ଯୋଗୁ ବନ୍ଧୁ ଗହଣରେ ପ୍ରଶଂସିତ ହେବେ। ଅନ୍ୟମାନଙ୍କ ପରାମର୍ଶ ନ ମାନି ମନଇଚ୍ଛା କାମ କରିବା ଫଳରେ ସମସ୍ୟାର ସମ୍ମୁଖୀନ ହେବେ। ଆଜି ବନ୍ଧୁ ସମ୍ପର୍କ, ବ୍ୟବସାୟ ପ୍ରଭୃତିରେ କୌଣସି ଅସୁବିଧା ହେବନାହିଁ।

**କନ୍ୟା** ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିବେ। ଆଜିର ଆନୁଷ୍ଠାନିକ କାମରେ ବନ୍ଧୁମିଳନଜନିତ ବ୍ୟକ୍ତିଗତ ସମସ୍ୟାକୁ ଭୁଲି ଯାଇପାରନ୍ତି। ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଦେଖାଦେବ। ଯାହା ବିଷୟରେ ଗୋପନୀୟ ଆଲୋଚନା କରୁଥିବେ ତାହାକୁ ହଠାତ୍ ପାଇ ହଡ଼ବଡ଼େଇ ଯିବେ।

**ତୁଳା** ବନ୍ଧୁ ପରିଜନଙ୍କ ସହ ଭ୍ରମଣ ସକାଶେ ଆକସ୍ମିକ ସୁଯୋଗ ଜୁଟିବ। ଘରୋଇ ସମସ୍ୟାକୁ କେନ୍ଦ୍ରକରି ଘର ଲୋକଙ୍କ ବ୍ୟସ୍ତ ଓ ବିବ୍ରତତାକୁ ଲକ୍ଷ୍ୟ କରି ମନ ଅଶାନ୍ତ ରହିବ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ସମସ୍ୟା ସୃଷ୍ଟି କରିପାରେ। ବ୍ୟବସାୟିକ ସ୍ଥିତି ଭଲ ରହିବା ଯୋଗୁ ଖୁସି ଅନୁଭବ କରିବେ।

**ବିଛା** ଅନୁକୂଳ ଗ୍ରହସ୍ଥିତି କାରଣରୁ ଆଜି ଯାହା ଚାହିଁବେ ନିର୍ବିଘ୍ନରେ ହାସଲ କରିପାରିବେ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ଦୂରୀଭୂତ ହୋଇଯିବ। ଅଭାବ ନ ଥିଲେ ମଧ୍ୟ ଅନାବଶ୍ୟକ ଖର୍ଚ୍ଚ ମନରେ ଭାବାନ୍ତର ସୃଷ୍ଟି କରିପାରେ। ସାମାଜିକ ସ୍ତରରେ ସମ୍ପର୍କ ବୃଦ୍ଧି ପାଇଲେ ମଧ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ତାହାର ପଥରୋଧ କରିବ।

**ଧନୁ** ଶୁକ୍ରଙ୍କ ପ୍ରଭାବରେ ଆପଣଙ୍କ ଚିନ୍ତାଧାରା ବନ୍ଧୁ କିମ୍ବା ସହକର୍ମୀଙ୍କ ମନରେ ସହାନୁଭୂତି ଜାଗ୍ରତ କରାଇବ। ଅସାବଧାନତା କିମ୍ବା ଅନ୍ୟମନସ୍କ ହେତୁ ଅର୍ଥହାନି ଓ ଶରୀର ପୀଡ଼ାରୁ କଷ୍ଟ ପାଇବେ। କର୍ମଦକ୍ଷତାରୁ ପ୍ରତିଷ୍ଠିତ ହେବେ। ଆଗାମୀ ଦିନର ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ମକର** ଆଜି ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲ ରହିବା ହେତୁ ଆପଣଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହେବନାହିଁ। ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗଦେଇ ଖୁସି ହେବେ। ସଭାସମିତି, ଆନୁଷ୍ଠାନିକ କର୍ମ, ମକଦ୍ଦମାରେ ସଫଳତା ହାସଲ କରିବେ। ପାରିବାରିକ କ୍ଷେତ୍ରରେ ଅସ୍ଥିରତା ଲାଗି ରହିବା ହେତୁ ସାମୟିକ ଚିନ୍ତିତ ରହିପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରର ସମସ୍ୟା ସଙ୍ଗରେ ଲଢ଼େଇ କରି ପରିସ୍ଥିତିର ମୁକାବିଲାରେ ସମର୍ଥ ହେବେ। ଯାନ୍ତ୍ରିକ ତ୍ରୁଟିରୁ ବିଳମ୍ବ ହେଲେ ମଧ୍ୟ ଲକ୍ଷ୍ୟସ୍ଥଳକୁ ଯିବାରେ ଅସୁବିଧା ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାର, କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବନ୍ଧୁମାନଙ୍କର ପରୋକ୍ଷ ଶତ୍ରୁତା ହେତୁ କିଛିଟା ବ୍ୟତିକ୍ରମ ଅବଶ୍ୟ ପରିଲକ୍ଷିତ ହେବ।

**ମୀନ** ଚନ୍ଦ୍ରଙ୍କ ଉଚ୍ଚାବସ୍ଥାନ ସୁସ୍ଥ ମାନସିକତା ପ୍ରଦାନରେ ସହାୟକ ହେବ। ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ଦିନଟି ଭଲରେ ଅତିବାହିତ ହେବ। ସାଧାରଣ ପରିଶ୍ରମରେ ଏବଂ ସହକର୍ମୀମାନଙ୍କ ସୌହାର୍ଦ୍ଦ୍ୟରୁ ସମସ୍ୟାଗୁଡ଼ିକ ଆପଣାଛାଏ ସୁଧୁରି ଯିବ। ସମ୍ପର୍କୀୟଙ୍କଠାରୁ ପରାମର୍ଶ ନେଇ କାମ କଲେ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିପାରେ।

ଆଜି ଜୁନ୍ ୨୫ ତାରିଖ, ଆଷାଢ଼ ଅମାବାସ୍ୟାଯୁକ୍ତ ଶୁକ୍ଳ ପ୍ରତିପଦା ବୁଧବାର। ରାଶିନକ୍ଷତ୍ର–ଦିବା ଘ.୧୦.୪୧ମି. ଗତେ ମୃଗଶିରା/ମିଥୁନ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭.୫୧ମି. ଗତେ ଘ.୦୮.୩୧ମି. ମଧ୍ୟେ, ଘ.୧୦.୧୦ମି. ଗତେ ଘ.୧୧.୨୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୯ମି. ଗତେ ଘ.୦୧.୨୮ମି. ମଧ୍ୟେ ରାହୁକାଳ।

# ପଞ୍ଚାୟତ ସମିତି ବୈଠକ ପୂର୍ବରୁ ରଣକ୍ଷେତ୍ର

## ଆକ୍ରମଣରେ ଆଠଗଡ଼ ଏସ୍‌ଡିପିଓଙ୍କ ସମେତ ୫ ପୋଲିସ ଆହତ

**ଆଠଗଡ଼,୨୪।୬(ସତ୍ୟପ୍ରସାଦ ରଥ)**

ଆଠଗଡ଼ ପଞ୍ଚାୟତ ସମିତି ବୈଠକ ପୂର୍ବରୁ ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରଣକ୍ଷେତ୍ର ପାଲଟିଛି। ଭାଜପା ଏବଂ ବିଜେଡି କର୍ମୀମାନେ ପରସ୍ପରକୁ ଆକ୍ଷେପ ପ୍ରତିଆକ୍ଷେପ କରିବାରୁ ଏଭଳି ସ୍ଥିତି ସୃଷ୍ଟି ହେଲା ବୋଲି କୁହାଯାଉଛି। ଏପରି କି ପରିସ୍ଥିତିକୁ ଶାନ୍ତ କରିବାକୁ ଯାଇଥିବା ପୋଲିସ ଆକ୍ରମଣର ଶିକାର ହୋଇଛି। ଆକ୍ରମଣକାରୀଙ୍କ ପଥର ମାଡ଼ରେ ଆଠଗଡ଼ ଏସ୍‌ଡିପିଓ ବିଶ୍ୱଜିତ ମହାନ୍ତି, ତିଗିରିଆ ଥାନା ସବ୍‌ଇନ୍ସପେକ୍ଟର ବିଶ୍ୱଜିତ ଜେନା ଏବଂ ୩ଜଣ କନଷ୍ଟେବଲ ଆହତ ହୋଇଥିଲେ। ଗୁରୁତର ଆହତ ଏସଡିପିଓ ଓ ସବ୍‌ଇନ୍ସପେକ୍ଟରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାବେଳେ ପୋଲିସ ଫୋର୍ସ ମୁତୟନ ରହିଛନ୍ତି।

ପ୍ରକାଶ ଯେ, ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେବାର ଥିଲା। ଏନେଇ ବ୍ଲକ ତରଫରୁ ଲିଖିତ ଭାବରେ ପୂର୍ବରୁ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭର ପ୍ରାୟ ଏକ ଘଣ୍ଟା ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଉଭୟ ଭାଜପା ଏବଂ ବିଜେଡିର ସମର୍ଥକମାନେ ପହଞ୍ଚି ଯାଇଥିଲେ। ତେବେ ସେଠାରେ ଉଭୟ ପକ୍ଷର ସମର୍ଥକମାନେ ପରସ୍ପରକୁ ଆକ୍ଷେପ କରି ନାରାବାଜି ଦେଇଥିଲେ। ଏହି ନାରାବାଜି ଧୀରେ ଧୀରେ ଉଗ୍ରରୂପ ଧାରଣ କରିଥିଲା। ସେଠାରେ ଉପସ୍ଥିତ ପୋଲିସ ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କେହି କିଛି ଶୁଣି ନ ଥିଲେ। ପରିସ୍ଥିତି ବିଗିଡ଼ି ଯିବା ସହ ବୈଠକ ଆରମ୍ଭ ସମୟ ବିତି ଯିବାରୁ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟର ୫୦୦ ମିଟର ପରିଧି ମଧ୍ୟରେ ବିଏନ୍‌ଏସ୍‌ଏସ୍ ୧୬୩ ଧାରା ଜାରି କରାଯାଇଥିଲା। ହେଲେ ପରିସ୍ଥିତି ସୁଧୁରିବା ପରିବର୍ତ୍ତେ କେତେଜଣ କର୍ମୀ ଅଣ୍ଡା, ପାଣି ପାଉଚ ତଥା ପଥର ମାଡ଼ କରିଥିଲେ। ଏହି ପଥର ମାଡ଼ରେ ଆଠଗଡ଼ ଏସ୍‌ଡିପିଓ ମହାନ୍ତିଙ୍କ ଆଖି ଗୁରୁତର ଆଘାତ ପ୍ରାପ୍ତ ହୋଇଥିଲା। ଏହାପରେ ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ଲାଠିଚାଳନା କରାଯାଇଥିଲା। ଫଳରେ କିଛି ସମୟ ପାଇଁ ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖ ରଣକ୍ଷେତ୍ର ପାଲଟି ଯାଇଥିଲା। ପଥର ମାଡ଼ରେ ତିଗିରିଆ ଥାନା ସବ୍‌ଇନ୍ସପେକ୍ଟର ଜେନା ଓ ୩ ଜଣ କନଷ୍ଟେବଲ ମଧ୍ୟ ଆହତ ହୋଇଥିଲେ।



# ମହାପ୍ରଭୁଙ୍କ ମୋଦକ ଚୋରି ହୋଇନାହିଁ: ମନ୍ତ୍ରୀ ହରିଚନ୍ଦନ

## ଚୋରି ହୋଇ ମୋଦକ ଦୀଘା ଯାଇଥିବା ଅଭିଯୋଗର ତଦନ୍ତ ଦାବି

**ପୁରୀ,୨୪।୬(ଅଜିତ୍ କୁମାର ମହାନ୍ତି)**

ମହାପ୍ରଭୁଙ୍କୁ ଲାଗିହେବାକୁ ଥିବା ଦଶମୂଳ ମୋଦକ ଗାଏବ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ବଡ଼ଠାକୁର ବଳଭଦ୍ରଙ୍କ ମୁଖ୍ୟ ବାଡ଼ଗ୍ରାହୀ ହଳଧର ଦାସ ମହାପାତ୍ର ଗତ ୨୨ତାରିଖରେ ଲିଖିତ ଭାବେ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ନେଇ ବୁଧବାର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୋଦକ ଚୋରି ହେବା ଘଟଣାକୁ ଖଣ୍ଡନ କରିଛନ୍ତି। ଅମୁଣିଆ ମୋଦକକୁ ଦୀଘା ପଠାଯାଇଛି କି ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇବା ସହ ତଦନ୍ତ ଆବଶ୍ୟକ ବୋଲି ଦାବି କରାଯାଇଛି।

ପରମ୍ପରା ଅନୁଯାୟୀ, ଅଣସରର ଏକାଦଶୀ ତିଥିରେ ଚତୁର୍ଦ୍ଧାବିଗ୍ରହଙ୍କୁ ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ଲାଗି ହୋଇଥାଏ। ଚଳିତବର୍ଷ ୭ ଜଣ ରାଜବୈଦ୍ୟ ୩୧୩ଟି ଦଶମୂଳ ମୋଦକ ପ୍ରସ୍ତୁତ କରି ଶ୍ରୀମନ୍ଦିର ପରିସରରେ ଥିବା ଗାରଦରେ ରଖିଥିଲେ। ମହାପ୍ରଭୁଙ୍କୁ ଏହା ଲାଗି ହେବା ପୂର୍ବରୁ ୭୦ଟି କମ୍ ରହିଥିବା ଦାସ ମହାପାତ୍ର ଲିଖିତ ଭାବେ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଥିଲେ।

ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି, ପ୍ରାରମ୍ଭିକ ତଦନ୍ତରୁ ଏହି ଘଟଣାର ସତ୍ୟତା ନାହିଁ ବୋଲି ଜଣାପଡ଼ିଛି। ଏହି ଘଟଣାରେ ଯେକୌଣସି ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷେ ମୋଦକ ଚୋରି ପ୍ରସଙ୍ଗରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ମାଗିଛନ୍ତି। ତେବେ ଶ୍ରୀମନ୍ଦିରରେ ମୋଦକ ଚୋରି ହେଇନାହିଁ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

## ତେଜିଲା ରାଜନୀତି

**ଭୁବନେଶ୍ୱର,୨୪।୬(ସୁନିତ୍ ମିଶ୍ର)**

ଦଶମୂଳ ମୋଦକ ଚୋରି ନେଇ ବଳଭଦ୍ରଙ୍କ ବାଡ଼ଗ୍ରାହୀ ହଳଧର ଦାସ ମହାପାତ୍ର ଚିଠି ଲେଖି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଜଣାଇବା ପରେ ଏହାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ମହାପ୍ରଭୁଙ୍କ ଚିକିତ୍ସା ଲାଗି ପ୍ରଯୁଜ୍ୟ ମୋଦକ ଚୋରି ହେବାର ଅଭିଯୋଗକୁ ଚପାଇଦେବା ପାଇଁ ଆଇନମନ୍ତ୍ରୀ ଓ ଶ୍ରୀମନ୍ଦିରର ପ୍ରଶାସନ ଉଦ୍ୟମ କରୁଛନ୍ତି। ଜଗନ୍ନାଥଙ୍କୁ ନେଇ ଅନେକ ମିଛ ପ୍ରଚାର କରି କ୍ଷମତାକୁ ଆସିଥିବା ଭାଜପା ସରକାରଙ୍କ ଆଇନମନ୍ତ୍ରୀ ନୈତିକ ଦାୟିତ୍ୱବହନକରି ନିଜ ପଦରୁ ଇସ୍ତଫା ଦିଅନ୍ତୁ। କଂଗ୍ରେସବିଧାୟକଦଳନେତାରାମଚନ୍ଦ୍ରକାଡାମ କହିଛନ୍ତି, ମହାପ୍ରଭୁଙ୍କ ମୋଦକ ଚୋରି ହୋଇଯାଉଛି ମାନେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଆଇନଶୃଙ୍ଖଳା କହିଲେ ରାଜ୍ୟରେ କିଛି ନାହିଁ। ଓଡ଼ିଆ ଅସ୍ମିତା ଦିନ ଦ୍ୱିପ୍ରହରରେ ହରଣ ହେଉଛି। ଏହି ଘଟଣାର ତଦନ୍ତକରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ରାଜ୍ୟ ସରକାର ଗ୍ରହଣ କରନ୍ତୁ।

ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, କେତେଜଣ ସେବାୟତ ବାହାଦୁରି ନେବା ପାଇଁ ଏଭଳି ବିଭ୍ରାନ୍ତିକର ଖବର ସୃଷ୍ଟି କରିଛନ୍ତି। ମୋଦକ ଚୋରି ହୋଇ ନ ଥିବା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସ୍ପଷ୍ଟ କରିସାରିଛନ୍ତି। ମୋଦକ କେବେ ବି ଗଣାଯାଏ ନାହିଁ। ଯିଏବି ବାହାଦୁରି ନେବା ପାଇଁ ଏଭଳି କରିଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନୂଆ ଯୋଗୀ ଭିକେ ବାଇ**
**ପାଉ କି ନ ପାଉ ବୁଲୁଥାଇ।**

ଯୋଗୀ ଭିକ୍ଷା କରି ପେଟ ପୋଷିଥାଏ। ଯିଏ ନୂଆ ନୂଆ ଯୋଗୀ ହୋଇଥାଏ ତା'ର ସେତେ ଚିହ୍ନାଜଣା ନ ଥିବାରୁ ଭିକ ମିଳିବା କଷ୍ଟକର ହୋଇଯାଇଥାଏ। ପରୋକ୍ଷରେ ନୂଆ କରି କାମ ଆରମ୍ଭ କରୁଥିବା ବ୍ୟକ୍ତି ପକ୍ଷେ ଅଭିଜ୍ଞତା ଅଭାବରୁ ସେଥିରେ ସଫଳ ହେବା ନିମନ୍ତେ ସମୟ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନଈରେ ଡେଙ୍ଗା ପଣସ**
**ଆସ ନୂଆବୋହୂ ବେଦୀରେ ବସ**
**କାଲି ଯିବ ପରବାସ।**

ଝିଅ ଯେତେବେଳେ ଘର ଯୋଗ୍ୟା ହୁଏ ସେତେବେଳେ ତାକୁ ଭଲ ଘର ଭଲ ବର ଦେଖି ବିବାହ କରିଦିଆଯାଏ। ଝିଅଟିକୁ ବାପା ମା' କାଖେଇ କୋଳେଇ ବଡ କରିଥିବା ବେଳେ ଶେଷରେ ସେ ବୋହୂ ହୋଇ ଆଉ ଗୋଟିଏ ଘରକୁ ଚାଲି ଯାଇଥାଏ। ସେହିପରି ଝିଅଟିଏ ବାହା ହୋଇ ଶାଶୁଘରକୁ ଚାଲିଗଲେ ପୁଣି ବାପଘରକୁ ଫେରି ଆସିବାକୁ ବହୁଦିନ ଲାଗି ଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ–ଫ୍ରେଣ୍ଡସ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଭାରତକୁ କାଳ... ପ୍ରଥମ ପୃଷ୍ଠାରୁ...

କରାଯିବ। ସିନେଟର ଗ୍ରାହାମ କହିଛନ୍ତି, ରୁଷିଆ ସାଙ୍କ୍‌ଶନ ବିଲ୍ ପାଇଁ ଆମେ ୮୪ ଜଣ ସହପ୍ରାୟୋଜକ ପାଇଛୁ। ତେଣୁ ବିଲ୍ ଗୃହୀତ ହୋଇଯିବ ବୋଲି ସେ କହିଛନ୍ତି। ଭାରତ ଓ ଚାଇନାକୁ କଡ଼ା ଧମକ ଦେଇ ଗ୍ରାହାମ କହିଛନ୍ତି, ଯଦି ସେମାନେ ପୁଟିନ୍‌ଙ୍କ ଯୁଦ୍ଧ ମେଶିନ୍‌କୁ ସହାୟତା ଜାରି ରଖନ୍ତି, ତେବେ ସେମାନଙ୍କୁ ଅନ୍ୟ କାହାକୁ ନୁହେଁ, ନିଜକୁ ହିଁ ଦାୟୀ କରିବାକୁ ପଡ଼ିବ। ୟୁକ୍ରେନ୍ ସହ ଯୁଦ୍ଧ ଲାଗି ରହିଥିବାବେଳେ ରୁଷିଆରୁ ଭାରତ ଏବଂ ଚାଇନା ତୈଳ ଆମଦାନୀ ବଢ଼ାଇଥିବାରୁ ସେମାନେ ଆମେରିକାର ଟାର୍ଗେଟରେ ରହିଛନ୍ତି। ସାଉଦି ଆରବ ଏବଂ ଇରାକକୁ ଟପି ରୁଷିଆ ଏବେ ଭାରତର ସର୍ବାଧିକ ତୈଳ ଯୋଗାଣକାରୀ ହୋଇଛି। ଜୁନ୍‌ରେ ଭାରତ ରୁଷିଆରୁ ଦୈନିକ ୨ରୁ ୨.୨ ନିୟୁତ ବ୍ୟାରେଲ୍ ତୈଳ ଆମଦାନୀ କରୁଛି, ଯାହା ଗତ ଦୁଇବର୍ଷରେ ସର୍ବାଧିକ। ଇରାନ ଏବଂ ଇସ୍ରାଏଲ୍ ଯୁଦ୍ଧକୁ ନେଇ ବିଶ୍ୱ ତୈଳ ବଜାରରେ ଅସ୍ଥିରତା ଦେଖାଦେଇଥିବାବେଳେ ଭାରତ ରୁଷିଆରୁ ଅଧିକ ତୈଳ କିଣୁଛି। ସାମ୍ପ୍ରତିକ ବୈଶ୍ୱିକ ସ୍ଥିତିରେ ରୁଷିଆର ତୈଳ ଆମଦାନୀ ସବୁଠୁ ଭଲ ଡିଲ୍ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ବାରମ୍ବାର କହିଆସୁଛନ୍ତି। ଯୁଦ୍ଧରେ ଭାରତ ରୁଷିଆକୁ ପ୍ରତ୍ୟକ୍ଷ ସମର୍ଥନ କରୁନାହିଁ, ତେବେ ଏହା ଜାତୀୟ ସ୍ୱାର୍ଥ ପାଇଁ ସେଠାରୁ ତୈଳ କିଣିବାକୁ ନିଷ୍ପତ୍ତି ନେଇଛି। ତେବେ ରୁଷିଆରୁ ତୈଳ କିଣିବାକୁ ଆମେରିକାର ଆଇନ ପ୍ରଣେତାମାନେ ଯୁଦ୍ଧକୁ ପରୋକ୍ଷ ସମର୍ଥନ ଭାବେ ଦେଖୁଛନ୍ତି। ଶାସକ ରିପବ୍ଲିକାନ୍ ପାର୍ଟି ସିନେଟର ଲିଣ୍ଡସେ ଗ୍ରାହାମ୍ ଏବଂ ବିରୋଧୀ ଡେମୋକ୍ରାଟ୍ ରିଚାର୍ଡ ବ୍ଲୁମେନ୍ଥଲ ଗତ ଏପ୍ରିଲରେ ଏହି ବିଲ୍ ଆଣିଥିଲେ। ଇତିମଧ୍ୟରେ ଇସ୍ରାଏଲ୍–ଇରାନ୍ ଯୁଦ୍ଧକୁ ନେଇ ଭୂରାଜନୈତିକ ପରିବର୍ତ୍ତନ ସହ ତୈଳ ଦର ବୃଦ୍ଧି ପାଇଥିବାବେଳେ ଉକ୍ତ ବିଲ୍‌କୁ ଗୃହୀତ କରାଇବା ପାଇଁ ଜୋର୍‌ଦାର ଉଦ୍ୟମ ଚାଲିଛି। ୟୁକ୍ରେନ୍‌ରେ ଶାନ୍ତି ଫେରାଇ ଆଣିବାରେ ଏହା ବିଶେଷ ସହାୟକ ହେବ ବୋଲି ବିଲ୍ ସମର୍ଥକମାନେ ଯୁକ୍ତି ବାଢୁଥିବାବେଳେ ସମାଲୋଚକମାନେ ଏହାର ଦୁଷ୍ପରିଣାମ ସମ୍ପର୍କରେ ଟ୍ରମ୍ପ୍ ପ୍ରଶାସନକୁ ସତର୍କ କରାଇଛନ୍ତି।

## ବନ୍ଧୁକ ମୁନରେ...





କୁଚେଇ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ।

ଭଡ଼ାଘରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଚାଲିଛି। ଉପର ମହଲାରେ ଥିବା ବ୍ୟାଙ୍କରେ ୪ଜଣ କର୍ମଚାରୀ ଓ ୪ଜଣ ଗ୍ରାହକ ଥିଲେ। ମଙ୍ଗଳବାର ଅପରାହ୍ନ ୩ଟାରେ ବ୍ୟାଙ୍କ ଗେଟ୍ ବାହାରେ ଜଣେ ଦୁର୍ବୃତ୍ତ ଜଗି ରହିଥିବାବେଳେ ୫ଜଣ ବ୍ୟାଙ୍କରେ ପ୍ରବେଶକରି କର୍ମଚାରୀ ଓ ଗ୍ରାହକମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ସମସ୍ତଙ୍କ ମୋବାଇଲ ଜବତ କରି କ୍ୟାଶିଅରଙ୍କ ପାଖରେ ଥିବା ୭ଲକ୍ଷ ଟଙ୍କା ଲୁଟି ନେଇଥିଲେ। ପରେ ବ୍ୟାଙ୍କରେ ଲାଗିଥିବା ସିସି କ୍ୟାମେରାଗୁଡ଼ିକ ଭାଙ୍ଗିବା ସହ ହାର୍ଡଡିସ୍କକୁ ଧରି ବାହାରପଟୁ ତାଲା ପକାଇ ପଳାଇଥିଲେ। ଯିବା ସମୟରେ ବ୍ୟାଙ୍କ ତଳେ ଥିବା ଏକ ଶାଗୁଆନ ଗଛ ମୂଳେ ମୋବାଇଲଗୁଡ଼ିକ ଫିଙ୍ଗିଦେଇ ଦ୍ରୁତଗତିରେ ଝାରପୋଖରିଆ ପଟେ ପଳାଇଥିଲେ। ୩ଟି ବାଇକ୍‌ରେ ଦୁର୍ବୃତ୍ତମାନେ ଆସି ଲୁଟ୍‌କରି ପଳାଇଥିବା ବ୍ୟାଙ୍କ ତଳେ ଥିବା ଏକ ସିମେଣ୍ଟ ଦୋକାନର ସିସି କ୍ୟାମେରାରେ କଏଦ ହୋଇଛି। ସୋମବାର କୁଚେଇ ଛକଠାରୁ ମାତ୍ର ୧ କି.ମି. ବ୍ୟବଧାନରେ ଜଣେ ମଦଦୋକାନ କର୍ମଚାରୀଙ୍କୁ ଗୁଳିମାଡ଼କରି ଦୁର୍ବୃତ୍ତମାନେ ୮ ଲକ୍ଷ ଟଙ୍କା ଲୁଟିନେବାରେ ବିଫଳ ହେବା ପରେ ମଙ୍ଗଳବାର ବ୍ୟାଙ୍କରୁ ଲୁଟ୍‌ହେବା ଘଟଣାକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ପ୍ରକାଶ ଯେ, ଯୋଡ଼ାସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ହୋଇଥିବା ସଶସ୍ତ୍ର ଡକାୟତି ଘଟଣାରେ ଅଭିଯୁକ୍ତମାନେ ବନ୍ଧୁକ ମୁନରେ ୧୦ଲକ୍ଷ ଟଙ୍କା ଓ ସୁନା ଲୁଟି ନେଇଥିଲେ। ଏଯାବତ୍ ଲୁଟେରାମାନେ ଧରାପଡ଼ି ନ ଥିବାବେଳେ ପୋଲିସ ସେମାନଙ୍କ ଫଟୋ ଜାରି କରିଛି।

DSPL - 139

NANDANKANAN
CONSERVE | EDUCATE | INSPIRE
SINCE 1960

# ନନ୍ଦନକାନନ ଜୈବ ଉଦ୍ୟାନ



## ଆକର୍ଷଣୀୟ ଜନ୍ତୁ ସଂଗ୍ରହ

- ୧୭୮ ପ୍ରଜାତିର ୪୧୧୯ ଟି ଜୀବଜନ୍ତୁ
- ୧୧୫ ଟି ଭାରତୀୟ ଓ ୬୩ ଟି ବିଦେଶୀ ପ୍ରଜାତିର ଜୀବଜନ୍ତୁ
- ୫୮ ପ୍ରଜାତିର ସ୍ତନ୍ୟପାୟୀ, ୮୩ ପ୍ରଜାତିର ପକ୍ଷୀ, ୩୧ ପ୍ରଜାତିର ସରୀସୃପ ଓ ୬ ପ୍ରଜାତିର ଉଭୟଚର ପ୍ରାଣୀ
- ଭାରତୀୟ ପ୍ରାଣୀ ଉଦ୍ୟାନ ମାନଙ୍କ ମଧ୍ୟରେ ନନ୍ଦନକାନନରେ ଜୀବଜନ୍ତୁଙ୍କ ସର୍ବୋଚ୍ଚ ସଂଗ୍ରହ

## ମନମୁଗ୍ଧକର ପର୍ଯ୍ୟଟକ ସୁବିଧା

- ବହୁତଳ ଗାଡ଼ି ରହଣି ସ୍ଥଳ
- ୪ ଟି ବନ୍ୟପ୍ରାଣୀ ସଫାରି
- ପର୍ଯ୍ୟଟକଙ୍କ ପାଇଁ ବ୍ୟାଟେରୀ ଚାଳିତ ଯାନର ସୁବିଧା
- ବ୍ୟାଟେରୀ ଚାଳିତ ଶିଶୁ ରେଳ ଗାଡ଼ି
- ନୌକାବିହାର
- ଗ୍ରନ୍ଥାଳୟ ଏବଂ ଡିଜିଟାଲ କେନ୍ଦ୍ର
- ରଜୁପଥ
- ପାଦଚଲା ବିହଙ୍ଗ ସରଣୀ





## ଉନ୍ନତମାନର ବନ୍ୟପ୍ରାଣୀ ରକ୍ଷଣାବେକ୍ଷଣ

- ଅତ୍ୟାଧୁନିକ ବନ୍ୟପ୍ରାଣୀ ଚିକିତ୍ସାଳୟ
- ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା
- ବନ୍ୟପ୍ରାଣୀ ଶାବକ ପାଳନ କେନ୍ଦ୍ର

## ସଂରକ୍ଷଣ ପ୍ରଜନନ କାର୍ଯ୍ୟକ୍ରମ

- ବିଶ୍ୱରେ ଏକମାତ୍ର ଭାରତୀୟ ବଜ୍ରକାପ୍ତା ସଂରକ୍ଷଣ ପ୍ରଜନନ କେନ୍ଦ୍ର
- ମହାନଦୀରେ ଘଡ଼ିଆଳ ପ୍ରଜାତିର ପୁନରୁଦ୍ଧାର ପ୍ରକଳ୍ପ
- ବାଘ, ଗୁରାଣ୍ଡି ଏବଂ ଲମ୍ବା ଥଣ୍ଟିଆ ଶାଗୁଣାମାନଙ୍କ ପ୍ରଜନନ କାର୍ଯ୍ୟକ୍ରମ
- ସଂରକ୍ଷଣ ଅନୁସନ୍ଧାନ ଓ ପ୍ରଶିକ୍ଷଣ କେନ୍ଦ୍ର

## ସଂରକ୍ଷଣ ଶିକ୍ଷା କାର୍ଯ୍ୟକ୍ରମ

- "ନନ୍ଦନକାନନରେ ଗୋଟିଏ ଦିନ" - ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା କାର୍ଯ୍ୟକ୍ରମ
- ପ୍ରାଣୀ ଉଦ୍ୟାନ ରାଷ୍ଟ୍ରଦୂତ କାର୍ଯ୍ୟକ୍ରମ
- ବିଭିନ୍ନ ପରିବେଶ ସମ୍ବନ୍ଧୀୟ ଦିବସ ପାଳନ
- ଗବେଷଣାମୂଳକ ଶିକ୍ଷା କାର୍ଯ୍ୟକ୍ରମ
- ପ୍ରାଣୀ ଉଦ୍ୟାନ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ
- ପ୍ରାଣୀ ଉଦ୍ୟାନ ସମ୍ବନ୍ଧୀୟ ବାହ୍ୟ ଶିକ୍ଷା କାର୍ଯ୍ୟକ୍ରମ
- ବିଜ୍ଞାନରେ ନାଗରିକଙ୍କ ଯୋଗଦାନ କାର୍ଯ୍ୟକ୍ରମ






OIPR-08070/13/0090/2526

"ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ-ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ । -ଶ୍ରୀଅରବିନ୍ଦ

-ଅମାବାସ୍ୟା
ଓ ହଳ ନିଷେଧ



# ନିଟ୍ ପାଇଁ ହତ୍ୟା

ଭାରତରେ ପାଠପଢ଼ା ଚାପ ଯୋଗୁ ପିଲାଙ୍କ ଆତ୍ମହତ୍ୟା ଘଟଣା ବାରମ୍ବାର ଘଟିଚାଲିଛି । ବିଶେଷକରି ମେଡିକାଲ ଶିକ୍ଷା ଲାଗି ନିଜକୁ ପ୍ରସ୍ତୁତ କରୁଥିବା ଆଶାୟୀଙ୍କ କ୍ଷେତ୍ରରେ ଆତ୍ମହତ୍ୟା ପ୍ରବଣତା ବଢୁଥିବା ଲକ୍ଷ୍ୟ କରାଯାଉଛି । ଦେଶରେ କୋଚିଂ ସେଣ୍ଟରର ହବ୍ ପାଲଟିଥିବା ରାଜସ୍ଥାନର କୋଟା ଏବେ ଛାତ୍ର ଆତ୍ମହତ୍ୟାର ସହର ଭାବେ ପରିଗଣିତ ହେଲାଣି । ପରିସଂଖ୍ୟାନ ଦେଖିଲେ ୨୦୨୩ରେ ମେଡିକାଲ ସିଟ୍ ଆଶାୟୀ ୨୯ ଜଣ ବିଦ୍ୟାର୍ଥୀ ଆତ୍ମହତ୍ୟା କରିଥିବା ବେଳେ ୨୦୨୪ରେ ୧୯ ଜଣ ଏବଂ ୨୦୨୫ ଏବେଯାଏ ୧୬ ଜଣ ପ୍ରାଣ ହରାଇସାରିଲେଣି । ଏସବୁ ଆତ୍ମହତ୍ୟା ପଛର କାହାଣୀ ବୁଝିଲା ବେଳକୁ ଜଣାପଡ଼ିଛି ଯେ, ପିଲାମାନେ ପଢ଼ା ଚାପରେ ଉଦ୍‌ବେଗ ବା ଅବସାଦ ଗ୍ରସ୍ତ ହୋଇ ଚରମ ନିଷ୍ପତ୍ତି ନେଇଯାଉଛନ୍ତି । କେତେକ କ୍ଷେତ୍ରରେ ପୋଲିସ ପାଇଥିବା ସୁଇସାଇଡ୍ ନୋଟ୍‌ରୁ ଜଣାପଡୁଛି ମେଡିକାଲ ପାଠରେ ବିଫଳ ହେବା କିମ୍ବା ନ ପାଇବାର ଭୟ ସେମାନଙ୍କୁ ବଡ଼ ଆକାରରେ ଘାରୁଛି । ପର୍ଯ୍ୟାପ୍ତ ଅର୍ଥ ଖଟାଉଥିବା ମାତାପିତା ପିଲାଙ୍କ ଉପରେ ଅତ୍ୟଧିକ ସ୍ୱପ୍ନ ଦେଖୁଥିବା ବେଳେ ନିଜେ ଚାପଗ୍ରସ୍ତରେ ରହିଯାଉଛନ୍ତି । ଏହି ସ୍ୱପ୍ନକୁ ପୂରଣ କରିବା ସକାଶେ ମାତାପିତା ଭୁଲ୍ ବାଟ ଅପଣାଉଥିବାକୁ ମଧ୍ୟ ପଛାଉନାହାନ୍ତି । ଉଦାହରଣ ସ୍ୱରୂପ, ନିଜ ପିଲାଙ୍କ ପାଇଁ ଡମି ବା ନକଲି ପ୍ରାର୍ଥୀଙ୍କ ଦ୍ୱାରା ପରୀକ୍ଷା କରାଇବାର ଅନେକ ଉଦାହରଣ ଦେଖିବାକୁ ମିଳୁଛି । ଯେଉଁ ମାତାପିତା ଜୀବନରେ ଡାକ୍ତର କିମ୍ବା ଅନ୍ୟ ବଡ଼ ଚାକିରି କରିବାରେ ଅସଫଳ ହୋଇଥାଆନ୍ତି, ସେମାନଙ୍କ ଭିତରେ ଗୋଟେ ତୀବ୍ର ଅଭାବବୋଧ ରହିଯାଇଥାଏ । ପରବର୍ତ୍ତୀ ସମୟରେ ସେମାନଙ୍କ ଇପ୍ସିତ ଲକ୍ଷ୍ୟକୁ ପିଲାଙ୍କ ମୁଣ୍ଡ ଉପରେ ଥୋପେଇ ଦେଇଥାଆନ୍ତି । ଯେଉଁ ପିଲା ମେଧା ଅନୁସାରେ ବୋଝ ବୋହି ପାରୁଛି ସିଏ ତିଷ୍ଠୁଛି, ନ ହେଲେ ଅନ୍ୟମାନଙ୍କଠାରେ ଚାପର ପ୍ରତିଫଳନ ହେଉଥିବା ଦେଖାଯାଉଛି । ଏଥିସହିତ ଭାରତରେ ଡାକ୍ତର ବା ଇଞ୍ଜିନିୟରଙ୍କୁ ସଫଳତାର ଶୀର୍ଷ ମାନିବା ସାମାଜିକ ସ୍ତରରେ ରୁଢ଼ି ରହିଛି । ନିଜ ବନ୍ଧୁବାନ୍ଧବ, ସାହିପଡ଼ିଶାଙ୍କ ପିଲା ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ନିଟ୍) କିମ୍ବା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇ)ରେ ଭଲ ନମ୍ବର ରଖି ସିଟ୍ ଖଣ୍ଡେ ପାଇଲା ବୋଲି ଡିଣ୍ଡିମ ପିଟିବା ସଫଳତାର ଏକ ବଡ଼ ପାହାଚ ଭାବେ ଧରାଗଲାଣି । ଏଥିରେ ପିଲା ବାପିପେଷି ହୋଇଗଲେ କାହାରିକୁ ବେଶି ଫରକ ପଡୁନାହିଁ । ସଦ୍ୟ ଘଟଣାକୁ ଦେଖିଲେ ମହାରାଷ୍ଟ୍ରର ସାଙ୍ଗଲି ଜିଲାରେ ଏକ ଘରୋଇ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ନିଟ୍ ପାଇଁ ତାଙ୍କ ଝିଅକୁ ପ୍ରସ୍ତୁତ କରାଉଥିଲେ । କିନ୍ତୁ ମକ୍ ଟେଷ୍ଟରେ ସେ କମ୍ ନମ୍ବର ଆଣିବାରୁ ପିତା କ୍ରୋଧରେ ତାଙ୍କୁ ପିଟି ମାରି ଦେଇଛନ୍ତି । ଚୂଡ଼ାନ୍ତ ପରୀକ୍ଷା ଦେବା ପୂର୍ବରୁ ଅନେକ ମକ୍ ଟେଷ୍ଟ କରାଯାଇଥାଏ । ବହୁ ସମୟରେ ମକ୍ ଟେଷ୍ଟରେ କମ୍ ନମ୍ବର ରଖିଲେ ମଧ୍ୟ ଜଣେ ବିଦ୍ୟାର୍ଥୀ ଚୂଡ଼ାନ୍ତ ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହୋଇଥାଆନ୍ତି । ସୂଚନା ଦିଆଯାଇପାରେ ଯେ, ସମ୍ପୃକ୍ତ ଛାତ୍ରୀ ଦଶମ ପରୀକ୍ଷାରେ ୯୫ ପ୍ରତିଶତ ନମ୍ବର ରଖିଥିଲେ । ହୁଏତ ସେ ପରବର୍ତ୍ତୀ ସମୟରେ ସେହି ନିଟ୍‌ରେ ଉତ୍ତୀର୍ଣ୍ଣ ହୋଇ ଭଲ ଡାକ୍ତର ବା ଅନ୍ୟ କୌଣସି କ୍ଷେତ୍ରରେ ବଡ଼ ସଫଳତା ପାଇପାରିଥାଆନ୍ତେ । କିନ୍ତୁ ଝିଅଠାରୁ ପିତାଙ୍କ ଆଶା ଢେର ବଢ଼ିଯାଇଥିବାରୁ ଆଗାମୀ ଫଳାଫଳକୁ ଅପେକ୍ଷା କରିବାର ଧୈର୍ଯ୍ୟ ଓ ହିତାହିତ ଜ୍ଞାନ ହରାଇବସିଲେ । ଏଭଳି ପଦକ୍ଷେପ ନେବା ପରେ ପିତା ଏବେ ଜେଲରେ । ଝିଅ ପାଇଁ ଯେଉଁ ଗର୍ବ କରିବାର ଆଶା ରଖିଥିଲେ ତାହାକୁ ସେ ନିଜେ ଧ୍ୱଂସ କରି ସମାଜରେ ନିନ୍ଦିତ ହୋଇଛନ୍ତି । କୁହାଯାଇପାରେ ଯେ, ଏଭଳି ମାନସିକତା ଏଇ ଜଣେ ପିତାଙ୍କ କ୍ଷେତ୍ରରେ ସୀମିତ ନାହିଁ । ସାଙ୍ଗଲି ଘଟଣାରେ ପିତାଙ୍କ ନେଇ ଚାପ ପ୍ରତ୍ୟକ୍ଷ ଭାବେ ପ୍ରତିଫଳିତ ହୋଇଛି । ଏମିତି ଅନେକ ମାତାପିତା ଅଛନ୍ତି, ସେମାନେ ସିଧାସଳଖ ନ ହେଲେ ମଧ୍ୟ ପରୋକ୍ଷ ଭାବେ ପିଲାଙ୍କ ଉପରେ କ୍ରମାଗତ ଚାପ ପକାଇ ଚାଲିଛନ୍ତି । ଏହାର ପରିଣତି ହତ୍ୟା ବା ଆତ୍ମହତ୍ୟା ଆଡ଼କୁ ଗତିକରୁଛି । କୌଣସି ବ୍ୟବସ୍ଥା ଏପରି ମାନସିକତାକୁ ରୋକିପାରିବ ନାହିଁ । ସାମାଜିକ ଓ ପାରିବାରିକ ସଂସ୍କାର ସହ ଚିନ୍ତନର ଅଭାବ ରହୁଥିବାରୁ ଡାକ୍ତରୀ କିମ୍ବା ଇଞ୍ଜିନିୟରିଂ ଭଳି ପଢ଼ାକୁ ପିଲାଙ୍କ ଜୀବନର ଶେଷ ଲକ୍ଷ୍ୟ ବୋଲି ଧରି ନେଉଛନ୍ତି । ଭାରତରେ ବିଶେଷକରି ଓଡ଼ିଶା ଭଳି ରାଜ୍ୟରେ ଔଦ୍ୟୋଗିକ ଚିନ୍ତାଧାରା ବଢୁନାହିଁ ବୋଲି କେବଳ ଗୋଟିଏ ଦୁଇଟି ବୃତ୍ତିକୁ ନେଇ ଆମେ ଅଟକି ଯାଉଛୁ । ଏବେ ଉଦ୍ଭାବନର ଯୁଗରେ ସୃଜନଶୀଳ ବୃତ୍ତିର ପରିସର ବ୍ୟାପକ ହେବା ସହ ବିପୁଳ ଅର୍ଥ ଅର୍ଜନର ସୁଯୋଗ ଖୋଲିଯାଇଛି । ଏଥିସହିତ ସଫଳ ଉଦ୍ୟୋଗୀ ହସ୍ପିଟାଲ ଖୋଲି ଅନେକ ଡାକ୍ତରଙ୍କୁ ଚାକିରି ଦେବା ସହ କମ୍ପାନୀ ଖୋଲି ବଡ଼ ଇଞ୍ଜିନିୟରଙ୍କୁ ମଧ୍ୟ ନିଯୁକ୍ତି ଦେଇପାରୁଛନ୍ତି । ଏସବୁକୁ ସମ୍ପୂର୍ଣ୍ଣ ଅଣଦେଖା କରି କିଛି ପ୍ରାନ୍ତରେ ମାତାପିତା ଓ ସମାଜ ସେହି ପୁରୁଣା ମାନସିକତାରେ ରହିଛନ୍ତି । ଦେଶରେ ଅଧିକ କ୍ରୀଡ଼ାବିତ୍, ସଫଳ ଉଦ୍ୟୋଗୀ, କଳାକାର କାହିଁକି ବାହାରୁ ନାହାନ୍ତି ତାହା ଉପରଠାଉରିଆ ଭାବେ ପ୍ରଶ୍ନ କଲା ବେଳକୁ ଭିତରେ କାରଣ ଖୋଜିଲେ ଆମେ ଜାଣିବୁ ।

> ସଫଳ ଉଦ୍ୟୋଗୀ ହସ୍ପିଟାଲ ଖୋଲି ଅନେକ ଡାକ୍ତରଙ୍କୁ ଚାକିରି ଦେବା ସହ କମ୍ପାନୀ ଖୋଲି ବଡ଼ ଇଞ୍ଜିନିୟରଙ୍କୁ ମଧ୍ୟ ନିଯୁକ୍ତି ଦେଇପାରୁଛନ୍ତି । ଏସବୁକୁ ସମ୍ପୂର୍ଣ୍ଣ ଅଣଦେଖା କରି କିଛି ପ୍ରାନ୍ତରେ ମାତାପିତା ଓ ସମାଜ ସେହି ପୁରୁଣା ମାନସିକତାରେ ରହିଛନ୍ତି ଦେଶରେ ଅଧିକ କ୍ରୀଡ଼ାବିତ୍, ସଫଳ ଉଦ୍ୟୋଗୀ, କଳାକାର କାହିଁକି ବାହାରୁ ନାହାନ୍ତି ତାହା ଉପରଠାଉରିଆ ଭାବେ ପ୍ରଶ୍ନ କଲା ବେଳକୁ ଭିତରେ କାରଣ ଖୋଜିଲେ ଆମେ ଜାଣିବୁ

# ପ୍ରାଥମିକ ଶିକ୍ଷା ଓ ବିଦ୍ୟାଳୟ ପରିଚାଳନା କମିଟି



ରାଜୀବ କୁମାର ନାୟକ

ଗୋଟିଏ ସମୟରେ ପିଲାମାନଙ୍କର ଭବିଷ୍ୟତକୁ ଆଖି ଆଗରେ ରଖି ଗୋଟିଏ ଗାଁର ଗ୍ରାମବାସୀ ବା ଦୁଇଚାରି ଖଣ୍ଡ ଗାଁର ଲୋକ ମିଶି ଗ୍ରାମପୁର କେନ୍ଦ୍ରସ୍ଥଳରେ ବିଦ୍ୟାଳୟଟେ ସ୍ଥାପନ କରୁଥିଲେ । ଗୃହ ନିର୍ମାଣ ସକାଶେ କିଏ ଜାଗା ଯୋଗାଇ ଦେଉଥିଲା ତ କିଏ ଶ୍ରମଦାନ କରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସକାଶେ ଆଗଭର ଥିଲେ ଗାଁର ଆଦର୍ଶ । ଗାଁର ପ୍ରତ୍ୟେକ କଥାରେ ଶିକ୍ଷକଙ୍କ ଭାଗୀଦାରିତା ରହୁଥିଲା । ଯେଉଁ ଗାଁରେ ବିଦ୍ୟାଳୟଟେ ଥିବ, ସେ ଗାଁ ଅନ୍ୟ ଗାଁର ନଜରରେ ଉନ୍ନତ । କାଁ ଭାଁ ସେତେବେଳେ କିଛି ବିଦ୍ୟାଳୟ ସ୍ଥାପିତ ହୋଇଥିବାବେଳେ ପିଲାମାନଙ୍କୁ ଅନେକ କିଲୋମିଟର ବାଟ ଚାଲିକି ଯିବାକୁ ହେଉଥିଲା ବିଦ୍ୟାଳୟରେ ପଢ଼ିଞ୍ଚିବାକୁ । ଠିକ୍ ସେହିପରି ମାଟ୍ରିକ୍ ସମ୍ପୂର୍ଣ୍ଣ କରିବା ଏକ ବହୁତ ବଡ଼ କଥା ଥିଲା । ସେତେବେଳେ ବିଦ୍ୟାଳୟର ପରିଚାଳନା ସକାଶେ ଗାଁର କିଛି ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହେଉଥିଲା । ପିଲାମାନେ କିପରି ଭଲ ପଢ଼ିବେ ତାହା ଥିଲା କମିଟିର ପ୍ରାଥମିକତା । ସେଥିସକାଶେ ପାଣ୍ଠି ସଂଗ୍ରହ, ଶିକ୍ଷକ ଖୋଜିବାଠାରୁ ଆରମ୍ଭ କରି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସକାଶେ ଯାହା ଯାହା ଆବଶ୍ୟକ ସବୁ କରୁଥିଲେ ।

ସାମ୍ପ୍ରତିକ ସମୟରେ ବିଭିନ୍ନ ପ୍ରକାରର ବିଦ୍ୟାଳୟ ସ୍ଥାପନ ହେବା ଫଳରେ ସମ୍ଭ୍ରାନ୍ତ ବଂଶର ସନ୍ତାନ ସନ୍ତତି ପ୍ରାୟତଃ ଆଉ ଗାଁ ସ୍କୁଲରେ ପଢୁ ନାହାନ୍ତି । ବାପାମାଆଙ୍କ ଧାରଣା ଇଂଲିଶ ମାଧ୍ୟମ ସ୍କୁଲରେ ପଢ଼ିଲେ ପୁଅଝିଅ ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ତେଣୁ ସେମାନେ ପିଲାମାନଙ୍କର ଉତ୍ତମଶିକ୍ଷାକୁ ସୁନିଶ୍ଚିତ କରିବା ନାଁରେ ଗାଁ ଛାଡ଼ି ସହରରେ ଯାଇ ରହୁଛନ୍ତି । ତେଣୁ ଗାଁ ସ୍କୁଲରେ ସମ୍ଭ୍ରାନ୍ତ ପରିବାରର ପୁଅଝିଅ ନ ପଢ଼ିବା କାରଣରୁ ମାତାପିତା (ଯିଏ ସଚେତନ ନାଗରିକ), ଶିକ୍ଷକ ବିଦ୍ୟାଳୟ ଆସିବାରେ ବିଳମ୍ବକଲେ ବା ଉପଯୁକ୍ତ ଭାବରେ ଶିକ୍ଷାଦାନ ନ କଲେ ପ୍ରଶ୍ନ ପଚାରୁଥିଲେ, ତାଙ୍କର ଭାଗୀଦାରିତା ରହିଲା ନାହିଁ । ଫଳତଃ ଗାଁରେ ଥିବା ବିଦ୍ୟାଳୟ ସବୁରେ ଶିକ୍ଷାଦାନର ମାନ ସ୍ୱତଃ ହ୍ରାସ ପାଇଲା । ଆଜି ବିଦ୍ୟାଳୟରେ ଯେଉଁ ବିଦ୍ୟାଳୟ ପରିଚାଳନା କମିଟି ରହିଛି ତାହା ଅନେକ ସ୍ଥଳେ କାଗଜ କଲମରେ ସୀମିତ । କମିଟିରେ ଥିବା ସଭାପତିଙ୍କୁ ଛାଡ଼ିଦେଲେ ଆଉ କେହି ସକ୍ରିୟ ସଦସ୍ୟ ନ ଥିବେ । ସଭାପତିଙ୍କ ଧ୍ୟାନ ପୁଣି ଶିକ୍ଷାର ମାନରେ



ଉନ୍ନତି ଆଣିବା ପରିବର୍ତ୍ତେ ନିର୍ମାଣ କାର୍ଯ୍ୟ ଭଳି ଯେଉଁ କାମରେ ତାଙ୍କୁ ଦୁଇ ପଇସା ମିଳିବ ସେଥିପାଇଁ ସେ ବେଶ୍ ଚିନ୍ତିତ । ଏପଟେ ପ୍ରଧାନଶିକ୍ଷକ ବି ନିଜର ଦୋଷ ଦୁର୍ବଳତା ଘୋଡ଼ାଇବା ପାଇଁ ସଭାପତିଙ୍କ ପାଟି ବନ୍ଦ କରାଇବା ସକାଶେ ଚିନ୍ତିତ । ନିର୍ଦ୍ଧାରିତ ତାରିଖରେ କମିଟିର ବୈଠକ ପ୍ରାୟତଃ ହେଉ ନ ଥିବା ଦୃଷ୍ଟି ଗୋଚର ହୁଏ । କୋରମ ଅଭାବରୁ ଅନେକ ସ୍ଥଳେ ଘର ଘର ବୁଲି କମିଟିର ସଦସ୍ୟଙ୍କ ଦସ୍ତଖତ ସଂଗ୍ରହ କରିବା ଦେଖିବାକୁ ମିଳେ । ଏହା ଭିତରେ ସରକାର ବିଗତ କିଛିଦିନ ହେଲା ବୈଠକ ସକାଶେ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରୁଛନ୍ତି ଏବଂ ଏହି ତାରିଖ କମିଟି ସଦସ୍ୟଙ୍କ ସବୁବେଳେ ସୁହାଉ ନାହିଁ, କାରଣ ବାହାରେ ରହୁଥିବା ବାହାରେ ରହୁଥିବା ଓ ବାହାରେ, ଚାଷ ଋତୁରେ ଚାଷକୁ କମିଟି ସଦସ୍ୟ ପ୍ରାଥମିକତା ଦେବା ଫଳରେ ଉପସ୍ଥାନ ସନ୍ତୋଷଜନକ ରହିନାହିଁ । ଶିକ୍ଷା ପ୍ରତି ଅନେକ ମାତ୍ରାରେ ସଚେତନ ନ ଥିବା କାରଣରୁ ବୈଠକରେ ଯୋଗଦେବା ନିମନ୍ତେ ଛାତ୍ରଛାତ୍ରୀଙ୍କ ଅନୁରୋଧକୁ ମଧ୍ୟ ଅଭିଭାବକ ଗୁରୁତ୍ୱ ଦେଇ ନ ଥାନ୍ତି । ବୈଠକ ସୁଚାରୁ ରୂପେ ସମ୍ପନ୍ନ ନ ହୋଇପାରିବା କାରଣରୁ ଅଧାରୁ ପାଠଛଡ଼ା, ବାଲ୍ୟ ବିବାହ, ଶିଶୁ ଶ୍ରମିକ ଭଳି ସମସ୍ୟା ସବୁକୁ ହ୍ରାସ କରିବାରେ କମିଟି ସଫଳ ହୋଇପାରୁ ନାହିଁ । ବିଦ୍ୟାଳୟ ବାହାରେ କୌଣସି ଶିଶୁ ରହିବେ ନାହିଁ ଏବଂ ଶିକ୍ଷାର ମାନରେ ଉନ୍ନତି ଆଣିବା ନିମିତ୍ତ କେନ୍ଦ୍ର ସରକାର ୨୦୦୯ରେ ମାଗଣା ତଥା ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ ପ୍ରଣୟନ କଲେ, ଯାହା ୨୦୧୦ରେ ଓଡ଼ିଶାରେ କାର୍ଯ୍ୟକାରୀ ହେଲା । ଉକ୍ତ ଆଇନ ଅନୁସାରେ ବିଦ୍ୟାଳୟ ପରିଚାଳନା କମିଟିର ତିନି ଚତୁର୍ଥାଂଶ ସଭ୍ୟାସଭ୍ୟ ମାତାପିତାଙ୍କ ମଧ୍ୟରୁ ରହିବାର ବ୍ୟବସ୍ଥା ଥିବାବେଳେ ତାଙ୍କ ମଧ୍ୟରୁ ଜଣେ ସଭାପତି ମନୋନୀତ ହେବେ । ଏହାବ୍ୟତୀତ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ କମିଟିର ସଂପାଦକ ଭିନ୍ନ ଜଣେ ପଞ୍ଚାୟତ ପ୍ରତିନିଧି(ୱାର୍ଡ ମେମ୍ବର),ଜଣେ ସ୍ୱେଚ୍ଛାସେବୀଙ୍କୁ ଏହି କମିଟିର ସଭାଗୁଡ଼ରେ ମନୋନୀତ କରାଯିବାର ବ୍ୟବସ୍ଥା ରହିଲା । କମିଟିର ବୈଠକ ପ୍ରତି ମାସରେ ଆୟୋଜନ ହେବାର ପ୍ରାବଧାନତା ମଧ୍ୟ ଏଥିରେ ରହିଛି । କିନ୍ତୁ ଅସଲରେ ବୈଠକ ଅନେକ ସ୍ଥାନରେ ନ ହେଉଥିବା କାରଣକୁ ବୋଧହୁଏ ହୃଦବୋଧ କରି ଓଡ଼ିଶା ସରକାର ତତ୍ପରତା ପୂର୍ବକ ପ୍ରତି ତିନି ମାସରେ ଥରେ ଏହି ବୈଠକର ଆୟୋଜନ କରିବାକୁ ସମସ୍ତ ବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଛନ୍ତି । ବିଦ୍ୟାଳୟ ତରଫରୁ ମଧ୍ୟ ଅତିରିକ୍ତ ଯତ୍ନର ସହିତ ଏହି ବୈଠକ ଆୟୋଜନ କରାଯାଉଛି କିନ୍ତୁ କମିଟିର ସଦସ୍ୟଙ୍କ ଉପସ୍ଥାନ ଯେଉଁଭଳି ରହିବା କଥା ତାହା ରହୁନାହିଁ । ଏଠି ସରକାର ବୈଠକକୁ ସୁନିଶ୍ଚିତ କରିବା ସକାଶେ ପ୍ରଧାନ ଶିକ୍ଷକଙ୍କ ଉପରେ ଉତ୍ତର ଦାୟିତ୍ୱ ଲଦି ଦେଲେ ଫଳତଃ ସେମିତି ସେମିତି ହେଉ ବୈଠକ ହେଲା କିନ୍ତୁ ଆଇନର ପ୍ରାବଧାନତା ଅନୁଯାୟୀ ଯେଉଁ ପ୍ରତିମାସ ବୈଠକ ହେବା କଥା ତାହା ହେଲା ନାହିଁ ।

ସେ ଯାହା ହେଉ, ବିଦ୍ୟାଳୟ ଶିକ୍ଷାରେ ଉନ୍ନତି ଆଣିବା ସକାଶେ ବିଦ୍ୟାଳୟ ପରିଚାଳନା କମିଟିର ଗୁରୁତ୍ୱ ଅପରିହାର୍ଯ୍ୟ । ତେଣୁ ସରକାର ଆନ୍ତରିକତାର ସହିତ ଏଥିରେ ସୁଧାର ନିମିତ୍ତ ଗାଁର ସମସ୍ତ ବର୍ଗର ଜନସାଧାରଣଙ୍କୁ ସାମିଲ କରିବାର ପ୍ରୟାସ ପୂର୍ବକ ଆଗଭଳି ଗାଁର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ନେଇ କମିଟି ଗଠନ କରନ୍ତୁ । କମିଟି ଭିନ୍ନ ଶିକ୍ଷକ-ଅଭିଭାବକ ବୈଠକ ନିୟମିତ ଭାବରେ (ଅନ୍ତତଃ ପ୍ରତି ତିନି ମାସରେ ଥରେ)ଆୟୋଜନ କରିବା ଆବଶ୍ୟକ; ଯଦ୍ୱାରା ମାତାପିତା, ଅଭିଭାବକ ଛାତ୍ରଛାତ୍ରୀଙ୍କ ସୁବିଧା ଅସୁବିଧା ସମ୍ବନ୍ଧରେ ଅବଗତ ହୋଇ ଶିକ୍ଷକଙ୍କ ସହିତ ଉପଯୁକ୍ତ ସମାଧାନ ନିମନ୍ତେ ଖୋଲାଖୋଲି ଭାବରେ ଆଲୋଚନା କରି ପାରିବେ । ବିଦ୍ୟାଳୟ ପରିଚାଳନା ବୈଠକ ତଥା ଶିକ୍ଷକ-ଅଭିଭାବକ ବୈଠକ ଦିନ ଛାତ୍ରଛାତ୍ରୀ ବିଦ୍ୟାଳୟର ଫାଟକ ଆଗରେ ଛିଡ଼ା ହୋଇ ଅଭିଭାବକଙ୍କୁ ସ୍ୱାଗତ କଲେ ଅଭିଭାବକ ଏହିସବୁ ବୈଠକର ଆବଶ୍ୟକତା ଏବଂ ବିଦ୍ୟାଳୟ ତରଫରୁ ତାଙ୍କୁ ଦିଆ ଯାଉଥିବା ସମ୍ମାନକୁ ଅନୁଭବ କରିବେ ଏବଂ ପରବର୍ତ୍ତୀ ବୈଠକମାନଙ୍କରେ ଯୋଗଦେବାକୁ ଆଗ୍ରହ ପ୍ରକାଶ କରନ୍ତେ । ବିଦ୍ୟାଳୟର ବଗିଚା ତଥା କୋଠାକୁ ଆକର୍ଷଣୀୟ କରିବା ସହିତ ଶିକ୍ଷଣୀୟ କରିପାରିଲେ ଛାତ୍ରଛାତ୍ରୀ, ଶିକ୍ଷକ ତଥା ଅଭିଭାବକ ସମସ୍ତଙ୍କ ପାଇଁ 'ଆମ ବିଦ୍ୟାଳୟ'ର ମନୋଭାବ ଜାଗରିତ କରିପାରନ୍ତା, ଯାହା ବିଦ୍ୟାଳୟର ଉନ୍ନତିରେ ବେଶ୍ ସହାୟକ । ସର୍ବୋପରି ଗାଁର ବିଦ୍ୟାଳୟକୁ ସରକାରୀ ବିଦ୍ୟାଳୟ କହି ସରକାର ଅନେକ କଥାରେ ଗ୍ରାମବାସୀଙ୍କୁ ବାରଣ ନ କରି ବରଂ ତାଙ୍କର ଭାଗୀଦାରିତାକୁ ଉତ୍ସାହିତ କଲେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ହୋଇ ପାରନ୍ତା, ଏଥିରେ ଦ୍ୱିମତ ହେବାର ନାହିଁ ।

ମୋ:୯୪୩୭୫୬୭୮୩୧

# ଏକ ଓ ଅନେକ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ସୃଷ୍ଟିର ଆରମ୍ଭରେ ପରମେଶ୍ୱର ଇଚ୍ଛା ପ୍ରକାଶ କରିଥିଲେ- 'ଏକୋହମ ବହୁସ୍ୟାମ' । ଅର୍ଥାତ୍ ମୁଁ ଜଣେ କିନ୍ତୁ ଅନେକ ହେବାକୁ ଚାହିଁ । ପରେ ଈଶ୍ୱରଙ୍କ ସେହିଇଚ୍ଛାର ସ୍ୱରୂପ ପରିବାର କିମ୍ବା କୁହାଯାଇପାରେ ପରିବାରର ଗଠନ ସେହି ଧାରଣାର ଫଳ । ଏହି କାରଣରୁ ଆମ ସଂସ୍କୃତିରେ ସମଗ୍ର ବ୍ରହ୍ମାଣ୍ଡକୁ ସର୍ବଦା ଗୋଟିଏ ପରିବାର ଭାବରେ ବିବେଚନା କରାଯାଇଛି । କେହି ଏହାକୁ ଦିବ୍ୟ କିମ୍ବା ମାୟାର ସଂସାର ବୋଲି କୁହନ୍ତି ; କେହି କଳ୍ପନାର ରହସ୍ୟମୟ ଜଗତ । ସମଗ୍ର ବ୍ରହ୍ମାଣ୍ଡ ଏକ ପରିବାର ଯାହାକୁ ଆମର ଋଷି, ସନ୍ଥ ଏବଂ ଜ୍ଞାନୀମାନେ 'ବସୁଧୈବ କୁଟୁମ୍ବମ' ବୋଲି ସମ୍ବୋଧନ କରିଥିଲେ । ଭାରତରେ ଯେଉଁ ପରିବାର ଭାବନାର ବିସ୍ତାର ଘଟିଥିଲା ତାହା ଅନ୍ୟ କୌଣସି ଦେଶରେ ନାହିଁ । ଦୁର୍ଭାଗ୍ୟବଶତଃ, ଯେଉଁ ପରିବାର ଭାରତରେ ଏକ ଭାବନା ଭାବରେ ବିକଶିତ ହୋଇ ସମଗ୍ର ପୃଥିବୀକୁ ପରିବେଷ୍ଟିତ କରିଥିଲା, ସେହି ପରିବାର ପାଶ୍ଚାତ୍ୟ ସଭ୍ୟତାରେ ବ୍ୟକ୍ତିଗତ ଶକ୍ତିର ପ୍ରତୀକ ପାଲଟିଛି । ପାଶ୍ଚାତ୍ୟ ଦେଶଗୁଡ଼ିକରେ ପରିବାର କେବଳ ସ୍ୱାମୀ-ସ୍ତ୍ରୀ ଏବଂ ସନ୍ତାନମାନଙ୍କୁ ବୁଝାଏ । ଭାରତରେ, କିଛି ଲୋକଙ୍କ ଏକାଠି ସହାବସ୍ଥାନରେ ଏକ ପରିବାର ଗଠିତ ହୁଏ ନାହିଁ । ଏହି ସମ୍ପର୍କରେ ଏକ ଦୃଢ଼ ବନ୍ଧନ ରହିଛି । ସମ୍ପର୍କର ମର୍ଯ୍ୟାଦା ବଜାୟ ରଖିବା ଭାରତୀୟ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କ କର୍ତ୍ତବ୍ୟ । ଭାରତୀୟ ପରିବାର ବ୍ୟବସ୍ଥାକୁ ବ୍ୟାଖ୍ୟା କରି,୧୯୭୦ରେ ହିନ୍ଦୀ ସାହିତ୍ୟକାର ଜୈନେନ୍ଦ୍ର କୁମାର ନିଜ ପ୍ରବନ୍ଧ ସଂଗ୍ରହ 'ଇତସ୍ତତଃ'ରେ ଲେଖିଛନ୍ତି ପରିବାର ମାନ ମର୍ଯ୍ୟାଦାକୁ ନେଇ ଗଠିତ । ଏଠାରେ ପାରସ୍ପରିକ କର୍ତ୍ତବ୍ୟ ଅଛି, ଶୃଙ୍ଖଳା ଅଛି । ପରିବାର ପରମ୍ପରାରେ କିଛି ଲୋକଙ୍କ ଏକତ୍ରୀକରଣ ରହିଛି । ସେହି ଏକତ୍ରୀକରଣରେ ଜଣେ ଅନ୍ୟ ପାଇଁ ସମର୍ପିତ । ଏହାର ଅର୍ଥ ହେଉଛି ପରସ୍ପର ପାଇଁ ଆତ୍ମିୟତାର ଅପାର ଭାବନା ସହିତ ପରିବାର ଗଠିତ । ଏହି କାରଣରୁ ଭାରତରେ ପରିବାରକୁ ଭାବପ୍ରବଣ ଶକ୍ତି, ଆର୍ଥିକ ସୁରକ୍ଷା, ବୈବାହିକ ପରିପକ୍ୱତା, ମାନସିକ ଶାନ୍ତି ଏବଂ ପ୍ରଗତି ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟିର ଉତ୍ସ ଭାବରେ ବିବେଚନା କରାଯାଇଛି । ଭାରତୀୟ ପରିବାରରେ, ମାତୃତ୍ୱର ଭାବନା ମା'ଙ୍କ ସହିତ ଏବଂ ପିତୃତ୍ୱର ଭାବନା ପିତାଙ୍କ ସହିତ ଜଡ଼ିତ । ଏହି ଭାବନା ଯୋଗୁ, ପରିବାରର ଅଂଶ ହେଉଥିବା ବ୍ୟକ୍ତି ନିଜର ଏକ ନୂତନ ପରିଚୟ ପାଏ । ଉଦାହରଣ ସ୍ୱରୂପ, ଜଣେ ମହିଳା ମା, ଭଉଣୀ, ଝିଅ, ମାଉସୀ, ଜେଜେମାଆ ମାଈଁ, ପିଉସୀ ହୋଇଯାଆନ୍ତି । ସେହିପରି, ପୁରୁଷ ମଧ୍ୟ ପରିବାରରେ ପିତା, ଭାଇ, ପୁଅ, ମାମୁ, ମଉସା, ଜେଜେବାପା ଇତ୍ୟାଦି ହୋଇଯାଆନ୍ତି । ବ୍ୟକ୍ତି ନିଜ ପରିଚୟ ଅନୁସାରେ ଦାୟିତ୍ୱ ନିର୍ବାହ କରନ୍ତି । ଭାରତୀୟ ପରିବାରରେ ସଦସ୍ୟମାନଙ୍କ ପାଇଁ ଦାୟିତ୍ୱର ଭାବନା ବହୁତ ଗୁରୁତ୍ୱପୂର୍ଣ୍ଣ । ବିଦୁର ନୀତି, ପଞ୍ଚତନ୍ତ୍ର ଏବଂ ହିତୋପଦେଶ ସମେତ ଅନେକ ପୁସ୍ତକ ଏବଂ ଶ୍ଳୋକ ପରିବାରର ମହାନ୍ ଭାବନାକୁ ସମଗ୍ର ବିଶ୍ୱ ଏବଂ ରାଷ୍ଟ୍ରରେ ବିସ୍ତାର କରିବାକୁ ପ୍ରେରଣା ଦିଏ - 'ତ୍ୟଜେଦେକମ୍ କୁଳସାର୍ଥେ, ଗ୍ରାମସାର୍ଥେ କୁଳମ୍ ତ୍ୟଜେତ୍, ଗ୍ରାମମ୍ ଜନପଦସାର୍ଥେ, ଆତ୍ମାର୍ଥେ ପୃଥିବୀମ ତ୍ୟଜେତ୍ ।' ଅର୍ଥାତ୍ (ଯଦି ଆବଶ୍ୟକ ହୁଏ) ପରିବାର ପାଇଁ ଜଣେ ବ୍ୟକ୍ତିଙ୍କୁ ବଳିଦାନ ଦେବା ଉଚିତ, ଗ୍ରାମ ପାଇଁ ଏକ ପରିବାରକୁ ବଳିଦାନ ଦେବା ଉଚିତ, ଜିଲାର କଲ୍ୟାଣ ପାଇଁ ଜଣେ ଗ୍ରାମକୁ ବଳିଦାନ ଦେବା ଉଚିତ ସେହିପରି ଆତ୍ମକଲ୍ୟାଣ ପାଇଁ ସମଗ୍ର ପୃଥିବୀକୁ ତ୍ୟାଗ କରିବା ଉଚିତ । ଦୁର୍ଭାଗ୍ୟବଶତଃ, ପରିବାର ବ୍ୟବସ୍ଥା ଦିନକୁ ଦିନ ଭାଙ୍ଗି ପଡୁଛି । ବଜାରର ବର୍ଦ୍ଧିତ ପ୍ରାଧାନ୍ୟ ଯୋଗୁ ଭଦ୍ରତା, ସଂସ୍କାର, ମୂଲ୍ୟବୋଧ, ନୈତିକତା, ପ୍ରଥା ଏବଂ ପର୍ବପର୍ବାଣି ଧୀରେ ଧୀରେ ପ୍ରାଥମିକତାରୁ ଖସି ଦେଖାଣିଆ ଏବଂ ଔପଚାରିକତାରେ ପରିଣତ ହେଉଛି । ଭୌତିକବାଦୀ ଜୀବନଶୈଳୀ ଏବଂ ଟଙ୍କାର କ୍ରମବର୍ଦ୍ଧିଷ୍ଣୁ ଲୋଭ ମଣିଷକୁ ସାମାଜିକ ସମ୍ପର୍କ ପ୍ରତି ଉଦାସୀନ କରିଦେଇଛି ବୋଧ କଲା, ଯାହା ଫଳରେ 'ଏକୋହମ ବହୁସ୍ୟାମ' ର ନୀତିକୁ ଭୁଲି ମଣିଷ ଦିନକୁ ଦିନ ସାମୂହିକତାବାଦୀରୁ ବ୍ୟକ୍ତିବାଦୀ କିମ୍ବା ବ୍ୟକ୍ତିକେନ୍ଦ୍ରିକ ହୋଇଗଲା । ଭୂମଧ୍ୟସାଗର ଉପକୂଳରେ ଥିବା ଗ୍ରୀସ୍‌ର ରାଜଧାନୀ ଏଥେନ୍ସ ସକ୍ରେଟିସ ଏବଂ ତାଙ୍କ ଶିଷ୍ୟ ପ୍ଲେଟୋଙ୍କ ପରି ଦାର୍ଶନିକଙ୍କ ଜନ୍ମସ୍ଥାନ । ଦିନେ ଦାର୍ଶନିକ ସନ୍ଥ ଡାୟୋଜିନିସ ଦିବାଲୋକରେ ଲଣ୍ଠନ ଧରି କିଛି ଖୋଜୁଥିଲେ ଏବଂ ତାଙ୍କୁ ଦେଖିବା ପରେ ଧୀରେ ଧୀରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା । ଛକରେ ପହଞ୍ଚିବା ପରେ ଭିଡ଼ ତାଙ୍କୁ ଘେରି ଯାଇଥିଲା । ଭିଡ଼ ମଧ୍ୟରୁ ଜଣେ ତାଙ୍କୁ ପଚାରିଲେ, "ଦିନର ପ୍ରଖର ଖରାରେ ଜଳୁଥିବା ଲଣ୍ଠନ ଧରି ଆପଣ କ'ଣ ଖୋଜୁଛନ୍ତି ?" ସନ୍ଥ ଉତ୍ତର ଦେଲେ, ମୁଁ ଜଣେ ମଣିଷକୁ ଖୋଜୁଛି, ମାନବିକତା ଖୋଜୁଛି । ଜଣେ ବିଦ୍ରୋହୀ ବ୍ୟକ୍ତି କହିଲେ, ଆପଣ ଆମକୁ ଦେଖିପାରୁ ନାହାନ୍ତି କି? ଏହାର ଉତ୍ତରରେ ଡିଓଜିନସ କହିଲେ ନା, ଆପଣମାନେ ମଣିଷ ନୁହନ୍ତି । ଆପଣଙ୍କ ମଧ୍ୟରୁ କିଏ ମାଲିକ, ଦାସ, ପିତା, ପୁତ୍ର , ନେତା, ଅଧିକାରୀ, ପ୍ରଭାବଶାଳୀ, ଅନ୍ଧ ଧାର୍ମିକ, କିନ୍ତୁ ମଣିଷ ନୁହନ୍ତି; ମୁଁ ଜଣେ ମଣିଷ ଏବଂ ମାନବିକତା ଖୋଜୁଛି । ଆଜି ପୃଥିବୀର ପ୍ରତ୍ୟେକ ଦେଶରେ ଲୋପ ପାଉଥିବା ମାନବିକତା ଯୋଗୁ ମଣିଷ ମିଳିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ୁଛି । ଭାଙ୍ଗିପଡୁଥିବା ସମ୍ପର୍କ ଯୋଗୁ ମଣିଷ ଜୀବନରେ ଭୟ ଏବଂ ଅସୁରକ୍ଷାର ଭାବନା ବିସ୍ତାରିତ ହେଉଛି । ପୂର୍ବରୁ ପରିବାର ହିଁ ସମସ୍ତ ବାଧା ବିଘ୍ନରୁ ସୁରକ୍ଷା ଦେଉଥିଲା, କିନ୍ତୁ ଏବେକ ପରିବାର ପରେ, ବ୍ୟକ୍ତିବାଦୀ ମଣିଷ ଟଙ୍କାର ଶକ୍ତିରେ ଭୟ ଏବଂ ଅସୁରକ୍ଷା ବିରୁଦ୍ଧରେ ଲଢ଼ିବା ଆରମ୍ଭ କଲା । କାରଣ, ସେ ବିଶ୍ୱାସ କରେ ଯେ ଯଦି ପାଖରେ ଅର୍ଥ ଅଛି ତେବେ ସେ ଯେକୌଣସି ଯୁଦ୍ଧ ଜିତିବେ । ତେଣୁ ସାମାଜିକ ସମ୍ପର୍କ ପ୍ରତି ନିରପେକ୍ଷ ଥିବା ମଣିଷର ସମସ୍ତ ଶକ୍ତି ଏବଂ ବିଶ୍ୱାସ ଅର୍ଥାତ୍ ପୁଞ୍ଜିରେ ନିହିତ ହେବାକୁ ଲାଗିଲା । ଏହା ସ୍ପଷ୍ଟ ଯେ ଏହି ବ୍ୟକ୍ତିବାଦ ମଣିଷକୁ ପୁଞ୍ଜି ଦେଇଥିଲା, କିନ୍ତୁ ତା'ର ଭାବପ୍ରବଣ ଶକ୍ତି, ଆର୍ଥିକ ସୁରକ୍ଷା, ବୈବାହିକ ପରିପକ୍ୱତା, ମାନସିକ ଶାନ୍ତି, ପ୍ରଗତି ପାଇଁ ଉନ୍ନତ ପରିବେଶ ଛଡ଼ାଇ ନେଲା । ଅନେକ ସମାଜବିଜ୍ଞାନୀ ମଣିଷର ବ୍ୟକ୍ତିବାଦକୁ ଆତ୍ମଘାତୀ ବୋଲି ବିବେଚନା କରିଛନ୍ତି । ସମାଜବିଜ୍ଞାନୀ ଏମିଲ ଦୁର୍ଖେମଙ୍କ ମତରେ, ସାମାଜିକ ସମ୍ପର୍କଠାରୁ ଦୂରେଇ ମଣିଷ ବ୍ୟକ୍ତିବାଦୀ ହୋଇଯାଏ ଏବଂ ଶେଷରେ ଆତ୍ମହତ୍ୟା ଭଳି ନକାରାତ୍ମକ ପଦକ୍ଷେପ ନେବାକୁ ବାଧ୍ୟ ହୁଏ ।

ନୟାଗଡ଼, ମୋ:୯୪୩୭୬୪୨୭୪୭



## ଏଇ ଭାରତରେ

କାଆରେ ଅଛି ଦୃଢ଼ ସଙ୍କଳ୍ପ ଥିଲେ ସବୁ ଅସମ୍ଭବ ବି ସମ୍ଭବ ହୋଇପାରେ । ଏହାର ଏକ ଉଦାହରଣ ହେଉଛନ୍ତି ଜତିନ୍ । ଏକ ଗରିବ ପରିବାରରେ ବହୁ ବାଧାବିଘ୍ନ ସତ୍ତ୍ୱେ ସେ ନିଟ୍ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ପଞ୍ଜାବ ମଲୋଟ ସହରରେ ଥିବା ରବିଦାସ ନଗରରେ ଜତିନ୍‌ଙ୍କ ଘର । ତାଙ୍କ ବାପା ମୋଚି କାମ କରି ପରିବାର ଚଳାନ୍ତି । ତେଣୁ ପାଠପଢ଼ା ପାଇଁ ସମସ୍ତ ସୁବିଧାସୁଯୋଗ ତାଙ୍କୁ ମିଳିପାରି ନ ଥିଲା । କିନ୍ତୁ ପାଠ ପଢ଼ିବାରେ ତାଙ୍କର ଆଗ୍ରହ ତାଙ୍କୁ ଲକ୍ଷ୍ୟ ପଥରୁ କେବେ ବିଚ୍ୟୁତ କରିପାରି ନ ଥିଲା । ତେଣୁ କୋଚିଂ ନେଇ ନ ଥିଲେ ବି ନିଜେ ସବୁ ବିଷୟକୁ ଭଲଭାବରେ ପଢ଼ିବା ପାଇଁ ଚେଷ୍ଟା କରୁଥିଲେ । ଶେଷରେ ସେ ସଫଳ ହୋଇଛନ୍ତି । ଘରେ ତାଙ୍କର ୨ ସାନ ଭାଇ ଅଛନ୍ତି ଓ ମା' ଗୃହିଣୀ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା ଗୋଟିଏ ବଖରା ଘରେ ସେମାନେ ସପରିବାରେ ରହନ୍ତି । ଛୋଟବେଳରୁ ସେ ଭଲ ପାଠ ପଢୁଥିଲେ । ତେଣୁ ନବୋଦୟରେ ମାଗଣାରେ ପାଠ ପଢ଼ିବା ପରେ ନିଟ୍-ୟୁଜି ପାଇଁ ପ୍ରସ୍ତୁତ ହେଉଥିଲେ । ପାଠପଢ଼ା ଖର୍ଚ୍ଚ ପାଇଁ ସେ ଆଉଟି ପରିବାର ଉପରେ ବୋଝ ହୋଇନାହାନ୍ତି । ରଖିକେଶରେ ଥିବା ଏମ୍ସରେ ପାଠପଢ଼ା ଖର୍ଚ୍ଚ ବହୁତ କମ୍ ଥିବାରୁ ସେ ସେଠାରେ ପଢ଼ିବା ପାଇଁ ସେ ଇଚ୍ଛା ରଖିଛନ୍ତି । ତେବେ ଗ୍ରାମୀୟ ଅଞ୍ଚଳରେ ଜତିନ୍‌ଙ୍କ ଏହି ସଫଳତାକୁ ନେଇ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି ।

## ୫୦ ବର୍ଷ ତଳେ ଧରିତ୍ରୀ

୨୫ ଜୁନ୍ ୧୯୭୬

- ରାଜ୍ୟରେ ସହରାଞ୍ଚଳ ସୀମା ଓ ନିୟନ୍ତ୍ରଣ ଆଇନ ଯଥାଯଥ କାର୍ଯ୍ୟକାରୀ କରିବା ପାଇଁ ଏକ ରାଜ୍ୟସ୍ତରୀୟ କମିଟି ଗଠିତ ।
- ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି କରାଯାଇଥିବା ଦୁଇଟି ଅର୍ଡିନାନ୍ସ ବଳରେ କଲିକତାର ୩ଟି ଇଞ୍ଜିନିୟରିଂ ଶିଳ୍ପୋଦ୍ୟୋଗ ଜାତୀୟକରଣ ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | 7 | | | 4 | | | |
| | | | | 6 | 3 | 9 | | |
| 9 | | | | | | 1 | | |
| 3 | 4 | | | | | | | 7 |
| | | | | 3 | 6 | 8 | | |
| 2 | 6 | | | 9 | | 5 | | |
| | | | 7 | 8 | 9 | | 3 | |
| | | | | | | 6 | | |
| | | 1 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 3 | 1 | 7 | 8 | 2 | 9 | 5 |
| 1 | 2 | 5 | 9 | 4 | 6 | 3 | 7 | 8 |
| 9 | 7 | 8 | 3 | 5 | 2 | 1 | 4 | 6 |
| 5 | 3 | 2 | 4 | 9 | 7 | 6 | 8 | 1 |
| 7 | 8 | 6 | 2 | 3 | 1 | 9 | 5 | 4 |
| 4 | 9 | 1 | 8 | 6 | 5 | 7 | 3 | 2 |
| 2 | 6 | 4 | 7 | 8 | 3 | 5 | 1 | 9 |
| 3 | 5 | 9 | 6 | 1 | 4 | 8 | 2 | 7 |
| 8 | 1 | 7 | 5 | 2 | 9 | 4 | 6 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧାନକୁଦ ପୀଠ ପର୍ଯ୍ୟଟନସ୍ଥଳୀ ଘୋଷଣା ହେଉ

ମହାଶୟ,

ଜଗତସିଂହପୁର ଜିଲା ହାଜିପୁର ଗ୍ରାମର ଧାନକୁଦ ପୀଠ ଏକ ଆଧ୍ୟାତ୍ମିକ ସ୍ଥଳୀ । ଏଠାରେ ଏକ ଭବ୍ୟ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ପୂଜା ପାଉଛନ୍ତି । ଏହା ମଧ୍ୟ ପଞ୍ଚସଖାଙ୍କ ସାଧନା ପୀଠ ଭାବେ ସୁପରିଚିତ । ଅତି ନିକଟରେ ରାଧାକୃଷ୍ଣ ମନ୍ଦିର ଅବସ୍ଥିତ । ଧାନକୁଦ ପୀଠରେ ପ୍ରତିବର୍ଷ ରଥଯାତ୍ରା, ବିଶ୍ୱ ଶାନ୍ତି ମହାଯଜ୍ଞ, ଦୁର୍ଗାପୂଜା, ଅଁଳା ନବମୀ ଓ ଅନ୍ୟାନ୍ୟ ପର୍ବପର୍ବାଣି ମହାସମାରୋହରେ ହୁଏ । ପ୍ରତିଦିନ ଉକ୍ତ ପୀଠକୁ ଅନେକ ହଜାର ଶ୍ରଦ୍ଧାଳୁଙ୍କ ଆଗମନ ହୁଏ । ଗ୍ରାମର ସୀମାନ୍ତରେ ଅଷ୍ଟଶମ୍ଭୁ ମନ୍ଦିର ଏକ ପ୍ରସିଦ୍ଧ ଶୈବପୀଠ । ଜଗନ୍ନାଥ ମନ୍ଦିର ପଞ୍ଚସଖାଙ୍କ ସାଧନାପୀଠ, ରାଧାକୃଷ୍ଣ ମନ୍ଦିର ଓ ଅଷ୍ଟଶମ୍ଭୁ ମନ୍ଦିର ଦେବୀ ନଦୀର ଶାଖା ନଦୀ ବିଲୁଆଖାଇ ନଦୀକୂଳରେ ଅବସ୍ଥିତ । ଧାନକୁଦ ପୀଠ ପଶ୍ଚିମରେ ଅନତି ଦୂରରେ ଇତିହାସ ପ୍ରସିଦ୍ଧ ବଡ଼ଖଣ୍ଡାଇତ ଓ ହାଜାର ବଟ ରହିଛି । ରାହାସବଟ ମଧ୍ୟ ଏକ ପର୍ଯ୍ୟଟନ ସ୍ଥଳୀ ଓ ବଣଭୋଜି ପାଇଁ ପ୍ରକୃଷ୍ଟ ସ୍ଥାନ । ଧାନକୁଦ ପୀଠ ସମଗ୍ର ଜିଲାର ଅନ୍ୟତମ ପ୍ରସିଦ୍ଧ ଆଧ୍ୟାତ୍ମିକସ୍ଥଳୀ ହୋଇଥିବାରୁ ରାଜ୍ୟ ସରକାର ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଅନ୍ତୁ ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗଳିତ ସେ ଚର୍ମକୁଁ ବାଜିଥିଲା
ଗୌରବର ତୂରୀରବ
ଘେନ ତେଣୁ ନବୀନର ପୂଜା ଅର୍ଘ୍ୟରବ
ହେ ପୁରାଣ ପୂଜ୍ୟ !
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସମବାୟ ସଶକ୍ତ ହେଲେ ସମୃଦ୍ଧ ଜୀବନ ସମ୍ଭବ

## ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଅବସରରେ ଆଲୋଚନାଚକ୍ର



ଜିଲାସ୍ତରୀୟ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

**ସୋନପୁର,୨୪।୬(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଟାଉନ ହଲ ପରିସରରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଓ ବହୁ ରାଜ୍ୟ ସମବାୟ ସଂସ୍ଥାର ସଦସ୍ୟତା ଗ୍ରହଣ ସମ୍ପର୍କରେ ଜିଲାସ୍ତରୀୟ ଆଲୋଚନାଚକ୍ର ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ଉପନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୁବର୍ଣ୍ଣପୁର ବିଭାଜନ ସମବାୟ ସମିତି ସମୂହ ଉପନିବନ୍ଧକ ସଞ୍ଜୟ କୁମାର ତ୍ରିପାଠୀ ସଭାରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ଦେଶରେ ସମବାୟ ଆନ୍ଦୋଳନରେ ବଡ ପରିବର୍ତ୍ତନ ଆସିଛି। ସୁବର୍ଣ୍ଣପୁର ଜିଲାରେ ସମବାୟ ସଶକ୍ତ ହେଲେ ସୁଦୃଢ ସମାଜ ଓ ସମୃଦ୍ଧ ଜୀବନ ସମ୍ଭବ ହୋଇପାରିବ ବୋଲି ତ୍ରିପାଠୀ କହିଥିଲେ। ସହକାରୀ ବନ ସଂରକ୍ଷକ ଗିରିଧାରୀ ନାଗ, ଡିଡିଏମ୍ ନାବାର୍ଡ ସତ୍ୟସ୍ୱରୂପ ବେଦାନ୍ତ, ଜିଲା ମତ୍ସ୍ୟ ଅଧିକାରୀ ବିଜୟ କୁମାର ସାହୁ ଓ ସୋନପୁର ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ପାଣ୍ଡୁ ଚରଣ ସାହୁ ଯୋଗଦାନ କରି ଚାଷୀଙ୍କ ପାଇଁ କିଭଳି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବରଦାନ ସଦୃଶ ହୋଇଛି ସେ ନେଇ ଆଲୋଚନା କରିଥିଲେ। ସେହିପରି ବହୁ ରାଜ୍ୟ ସମବାୟ ସଂସ୍ଥାର ସଦସ୍ୟତା ଗ୍ରହଣ ସମ୍ପର୍କରେ ଆଲୋଚନା ହୋଇଥିଲା। ସମବାୟ ସମିତି ଦ୍ୱାରା ଚାଷୀ, ମହିଳାଙ୍କ ଉନ୍ନତି ଓ ଲୋକଙ୍କ ମଧ୍ୟରେ ସଞ୍ଚୟ ମନୋଭାବର ଉଦ୍ରେକ ହୋଇ ପାରୁଥିବା ମତପ୍ରକାଶ ପାଇଥିଲେ। ଆଗାମୀ ଦିନରେ ସମବାୟ ସଂସ୍ଥା ଗୁଡିକୁ ଆହୁରି ସୁଦୃଢ ଓ ପରିଚାଳନା ପରିଷଦକୁ କ୍ରୀୟାଶିଳ କରାଯିବ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଭାରପ୍ରାପ୍ତ ବୀରମହାରାଜପୁର ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ପ୍ରେମାନନ୍ଦ ଦୀପ ଧନ୍ୟବାଦ ପ୍ରଦାନ କରିଥିଲେ। ରୁବି ବେହେରା ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ। ସମବାୟ ସମିତି ନିରୀକ୍ଷକ ପ୍ରଶାନ୍ତ ବରାଡ, ପ୍ରସନ୍ନଜିତ୍ ବାରିକ୍, ଶାଶ୍ୱତ ଶତପଥୀ, ଜ୍ଞାନରଞ୍ଜନ ସାହୁ ଓ ଲକ୍ଷ୍ମଣ ବାଙ୍କ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଜିଲାର ସମବାୟ ସମିତିର ସଭାପତି, ସମ୍ପାଦକ, ସହସମ୍ପାଦକ ଓ ସମବାୟ ବିଭାଗ କର୍ମଚାରୀମାନେ ସମାରୋହରେ ଉପସ୍ଥିତ ଥିଲେ।


ଧରିତ୍ରୀ DHARITRI Oriya daily — ଧରିତ୍ରୀ 51 Years

**WANTED**

| POSITION | ELIGIBILITY |
| --- | --- |
| ACCOUNTS EXECUTIVES | • Candidates should have at least 3 years+ experience in the field of Accounts.<br>• Experience should include cash register maintenance, day to day accounting, MIS, Verification of Bills and Tally entry.<br>• Proficiency in MS Excel, MS Word & Tally is a must. |

Interested candidates can send their resume to
recruitment@dharitri.com / recruitment.dharitri52@gmail.com










## ସଂକ୍ଷେପରେ

### ସମିତି ସଭ୍ୟଙ୍କ ଆତ୍ମହତ୍ୟା ଅଭିଯୋଗ

**କୋକସରା,୨୪।୬ (ଦୁଷ୍ମନ୍ତ କୁମାର ପାଟଯୋଷୀ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତର ସମିତି ସଭ୍ୟ ଦେବେନ୍ଦ୍ର ଧରୁଆ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ହେଲେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ସୂଚନା ମତେ ଖୁଣ୍ଟିଆ ପଞ୍ଚାୟତ ପିପଲପଡା ଗ୍ରାମର ଦେବେନ୍ଦ୍ର



ନିଜ ବାସଭବନରେ ବେକରେ ରଶି ଲଗାଇ ଝୁଲୁଥିବା ଦେଖି ପରିବାର ଲୋକେ ତାଙ୍କୁ ଧର୍ମଗଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ଦିଗମ୍ବର ଧରୁଆଙ୍କ ଅଭିଯୋଗ ମତେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଦେବେନ୍ଦ୍ରଙ୍କୁ କୌଣସି କାରଣକୁ ନେଇ କିଛିଦିନ ତଳେ ଗାଳିଗୁଲଜ ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ସେ କୋକସରା ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। ମାନସିକ ଚାପରେ ସେ ଆତ୍ମହତ୍ୟା କରିଥାଇପାରନ୍ତି। ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଏ ନେଇ କୋକସରା ଥାନାକୁ ଜଣାଇବା ପରେ ପୋଲିସ ଏସ୍‌ଆଇ ଉଷା ହରିଜନ ଧର୍ମଗଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୨୫) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି। ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

### ଭାଜପା ପକ୍ଷରୁ ବଳିଦାନ ଦିବସ ପାଳିତ

**ଜୁନାଗଡ଼,୨୪।୬(ଅଂଶୁମାନ ଜୋଷୀ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ ଦାସିଗାଁ ମଣ୍ଡଳର ମାଟିଗାଁଠାରେ ସୋମବାର ଭାଜପା ପକ୍ଷରୁ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୭୨ତମ ପୁଣ୍ୟତିଥି ଉପଲକ୍ଷେ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ଦାସିଗାଁ ମଣ୍ଡଳ ସଭାପତି ଅଂଶୁମାନ ଜୋଷୀ, ଜିଲ୍ଲା ପ୍ରତିନିଧି ଅଶ୍ୱିନ ମେହେର, ସାଧାରଣ ସମ୍ପାଦକ ରାଜିନ୍ଦ୍ର ନାଏକ, କୁମୁଦ ହଂସ, ଅଷ୍ଟାଙ୍ଗ ଭାଟି, ଅପରଜିତ ପ୍ରଧାନୀ, ବିକାଶ ନାଏକ ପ୍ରମୁଖ ଯୋଗଦେଇଥିଲେ।

### ଗୋଚର ଜମି ଚିହ୍ନଟ କରିବାକୁ ଦାବି

**କର୍ଲାମୁଣ୍ଡା,୨୪।୬(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଗାଁରେ ଗୋଚର ଜମି ଚିହ୍ନଟ ସହ ଜବରଦଖଲ ଉଚ୍ଛେଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ବ୍ଲକର ରେଗଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି, ରେଗଡାଠାରେ ଥିବା ଦୁଇଶହ ଏକରରୁ ଊର୍ଦ୍ଧ୍ୱ ଗୋଚର ଜମିକୁ କିଛି ପ୍ରଭାବଶାଳୀ ବ୍ୟକ୍ତି ନିଜ ଅକ୍ତିଆରକୁ ନେଇ ଚାଷବାସ କରୁଛନ୍ତି। ଫଳରେ ଚାରଣ ଭୂମି ନ ଥିବାରୁ ଗୋରୁ, ଛେଳି, ମେଣ୍ଢା ପ୍ରତିପାଳନ ଅସମ୍ଭବ ହୋଇପଡିଛି। ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ କର୍ଲାମୁଣ୍ଡା ତହସିଲଦାର, ରାଜସ୍ୱ ମନ୍ତ୍ରୀ ଓଡ଼ିଶା ସରକାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ନବୀନ ଚୌଧୁରୀ, ଝସ କେତନ ଚୌଧୁରୀ, ବିପିନ ସାହୁ, ଭୁବନ ସାହୁ ପ୍ରମୁଖ ଗ୍ରାମବାସୀ ପ୍ରକାଶ କରିଛନ୍ତି।

### ଅପମିଶ୍ରିତ ନିଶାଦ୍ରବ୍ୟ ବିରୋଧରେ ସଚେତନତା ଅଭିଯାନ

**ଥୁଆମୂଳ ରାମପୁର, ୨୪।୬ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ବ୍ଲକ୍ ସଭାଗୃହଠାରେ ସୋମବାର ଅବକାରୀ ବିଭାଗ ପକ୍ଷରୁ ବିଡିଓ ଧ୍ରୁବଚରଣ ମୁଦୁଲିଙ୍କ ତତ୍ତ୍ୱାବଧାନରେ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥୁଆମୂଳ ରାମପୁର ତହସିଲଦାର ନିରୋଜ କୁମାର ଭତ୍ରା, ବ୍ଲକ୍ ଅବକାରୀ ବିଭାଗ ଅଧିକାରିଣୀ ପ୍ରଶାନ୍ତି ସ୍ୱାଇଁ, ଥୁଆମୂଳ ରାମପୁର ଥାନା ଏଏସ୍‌ଆଇ ଭାସ୍କର ଖୋସ୍ଲା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ ଯୋଗଦେଇ ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅବକାରୀ ବିଭାଗ କନ୍‌ଷ୍ଟେବଲ ପୃଥ୍ୱୀରାଜ ବାଗ, ସିଦ୍ଧାନ୍ତ ପଟ୍ଟନାୟକ ସହଯୋଗ କରିଥିଲେ।

# ନିଲାମ ହେଉନି, ବେଧଡ଼କ ଚାଲିଛି ଖଣି ଚୋରି

**ଭବାନୀପାଟଣା, ୨୪।୬(ଉତ୍ତମ କୁମାର ଦାଶ)**

ପ୍ରାକୃତିକ ସମ୍ପଦରେ ଭରପୂର କଳାହାଣ୍ଡି। ଜିଲ୍ଲାରେ ପରିପୂର୍ଣ୍ଣ ରହିଛି ବିଭିନ୍ନ ରତ୍ନପଥର ଓ ଖଣିଜ ସମ୍ପଦ। ଜିଲ୍ଲାରେ ମୋଟ ୧୪୨ଟି ବୃହତ୍ ଖଣି ଉତ୍ସ ଓ ୧୨ଟି ରତ୍ନପଥର ଉତ୍ସ ଠାବ ହୋଇଥିବା ବେଳେ ସରକାରୀ ଭାବେ ଏହାର ନିଲାମ ହେଉ ନାହିଁ। ଫଳରେ ଚୋରାଚାଲାଣକାରୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି।

ଜିଲ୍ଲାର ୧୩ ବ୍ଲକରେ ୨୦ରୁ ଅଧିକ ରତ୍ନଖଣି ଓ୧୪୨ରୁ ଅଧିକ ବୃହତ୍ ଖଣି ଉତ୍ସ ରହିଛି। ଥୁଆମୂଳ ରାମପୁରରେ ୧୭ଟି ବକ୍ସାଇଟ ଓ ୨ଟି କାରୁଣ୍ଡମ ରୁବି ଉତ୍ସ ରହିଛି। ଜୁନାଗଡ଼ରେ ୩ଟି ଓ ଧର୍ମଗଡ଼ରେ ଗୋଟିଏ କାରୁଣ୍ଡମ ରୁବି ଉତ୍ସ ରହିଛି। ସେହିପରି ଥୁଆମୂଳ ରାମପୁରରେ ଗୋଟିଏ ସିଟ୍ରାଇଟ ଆମେଥିସ୍ତ ଓ ଗୋଟିଏ ବେରାଇଲ ଖଣି



ଜୁନାଗଡ଼ ବ୍ଲକ ଅଞ୍ଚଳରେ ଥିବା ଏକ ରତ୍ନପଥର ଖଣି।

ଥିବା ସୂଚନା ମିଳିଛି। କେସିଙ୍ଗାରେ ୫ଟି, ନର୍ଲାରେ ୨ଟି ଓ ମଦନପୁର ରାମପୁରର ୬ଟି ସ୍ଥାନରେ ଗେଲେନା ଖଣି ଉତ୍ସ ଠାବ କରାଯାଇଛି। କେସିଙ୍ଗାରେ ୧୭, ନର୍ଲାରେ ୭ ଓ ମଦନପୁର ରାମପୁରର ୯ଟି ସ୍ଥାନରେ ଗ୍ରାଫାଇଟ ଖଣି ଉତ୍ସ ରହିଛି। ନର୍ଲାରେ ୨, ମଦନପୁର ରାମପୁରରେ ୨, ଭବାନୀପାଟଣାରେ ଗୋଟିଏ, କୋକସରାରେ ୨ ଓ ଧର୍ମଗଡ଼ର ଗୋଟିଏ ସ୍ଥାନରେ ଲାଇମ କାଙ୍କର ଖଣି ଚିହ୍ନଟ ହୋଇଛି। ସେହିପରି ନର୍ଲାରେ ୨, ମଦନପୁର ରାମପୁରରେ ୪, ଭବାନୀପାଟଣାରେ ୪, କୋକସରାରେ ୨, ଜୁନାଗଡ଼ରେ ୫ ଓ ଜୟପାଟଣାର ୧୦ଟି ସ୍ଥାନରେ କ୍ୱାର୍ଜ ଓ କ୍ୱାର୍ଜାଇଟ ଖଣି ଠାବ ହୋଇଛି। ମଦନପୁର ରାମପୁରର ୪ ସ୍ଥାନରେ ମାଙ୍ଗାନିଜ ଖଣି ରହିଥିବା ଜଣାଯାଇଛି। ଭବାନୀପାଟଣାରେ ୨, କୋକସରାରେ ଗୋଟିଏ, କେଗାଁରେ ୩, ଜୁନାଗଡ଼ରେ ୯ ଓ ଧର୍ମଗଡ଼ର ୪ ସ୍ଥାନରେ ଆୟୋଲାଇଟ ଖଣି ଉତ୍ସ ରହିଛି। ସେହିଭଳି କେଗାଁରେ ୨, ଜୁନାଗଡ଼ରେ ଗୋଟିଏ, ଧର୍ମଗଡ଼ରେ ୪ଟି ଗାର୍ନେଟ ଖଣି ଉତ୍ସ ରହିଛି। ଭବାନୀପାଟଣାରେ ଗୋଟିଏ ଆକ୍ୱାମେରାଇନ ଟୋପାଜ, ଆମେଥିଷ୍ଟ ଖଣି ଉତ୍ସ ରହିଛି। ଏହିସବୁ ଖଣି ନିଲାମ ହେଉ ନ ଥିବାରୁ ମାଫିଆମାନେ ବେଧଡ଼କ ଖଣି ଚୋରି କରି ମାଲେମାଲ ହେଉଥିବାବେଳେ ସରକାରଙ୍କ ରାଜସ୍ୱ ହାନି ହେଉଛି। ତୁରନ୍ତ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବି କରିଛନ୍ତି।

## ବଂଶଲ ଆଗ୍ରୋ ରାଇସ୍ ମିଲ୍ ସିଲ୍‌କଲା ପ୍ରଶାସନ

**ଖଡ଼ିଆଳ,୨୪।୬ (ସୁଜିତ କୁମାର ପ୍ରଧାନ)**

ଅଧିକ ଧାନ ଗଚ୍ଛିତ ରଖିବା ଅଭିଯୋଗରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଲକ୍ଷ୍ମୀପୁରସ୍ଥିତ ବଂଶଲ ଆଗ୍ରୋ ରାଇସ୍ ମିଲକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଗତ ୨୦ ତାରିଖରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶକ୍ରମେ ଏହି ରାଇସ୍ ମିଲରେ ଯୋଗାଣ ବିଭାଗ ଚଢ଼ାଉ କରିଥିଲା। ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟଙ୍କ ନେତୃତ୍ୱରେ ମାଜିଷ୍ଟ୍ରେଟ ଖଡ଼ିଆଳ ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାଏକଙ୍କ ଉପସ୍ଥିତିରେ ତଦନ୍ତ ହୋଇଥିଲା। ରାଇସ୍ ମିଲ୍ ପରିସରରେ ୭ଟି ଷ୍ଟକ, ଆର୍‌ଏମ୍‌ସି ଭଡ଼ା ଗୋଦାମର ଗୋଟିଏ ଷ୍ଟକ, ରାଜାପଡ଼ା ଭଡ଼ା ଗୋଦାମର ୨ଟି ଷ୍ଟକରେ ଯାଞ୍ଚ ହୋଇଥିଲା। ଯାଞ୍ଚ ସମୟରେ ମିଲରେ ଧାର୍ଯ୍ୟଠାରୁ ୭୧.୬୭ କୁଇଣ୍ଟାଲ ଧାନ ଓ ୨.୧୧ କୁଇଣ୍ଟାଲ ଚାଉଳ ଅଧିକ ବାହାରିଥିଲା। ଏହି ରିପୋର୍ଟ ପାଇବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚିଠି ସଂଖ୍ୟା ୧୦୭୯୭ରେ ରାଇସ ମିଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାଇସ ମିଲ ମାଲିକଙ୍କ ନାଁରେ ଥାନାରେ ମାମଲା ରୁଜୁ କରିବାକୁ ସିଏସ୍‌ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପଣ୍ଡରାମାଳି ସମାଜର ମହାସଭା



ମହାସଭାରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

**ଧର୍ମଗଡ଼,୨୪।୬(ଘାସିରାମ ଜଗତ)**

ପଣ୍ଡରାମାଳି ସମାଜ କଳାହାଣ୍ଡି ପକ୍ଷରୁ ମଙ୍ଗଳବାର ଧର୍ମଗଡ଼ ବ୍ଲକ୍ ଗଡ଼ିଆଯୋର ଆମ୍ବତୋଟାଠାରେ ଏକ ମହାସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରେମ ଲାଲ ନାଏକ ସଭାପତିତ୍ୱ କରିଥିବାବେଳେ ସେବାସଂଘର ଛତିଶ ବର୍ଗ ପୂଜାରୀ, ଗୌନ୍ତିଆ ଓ ଝାଙ୍କର ମଞ୍ଚାସୀନ ଥିଲେ। ସମାଜର ନୂଆପଡ଼ା ଜିଲ୍ଲା ସଭାପତି ଗୋଦାବରୀଶ ନାଏକ ମୁଖ୍ୟ ଅତିଥି, ଯତିନ୍ଦ୍ର ନାୟକ (ନବରଙ୍ଗପୁର) ମୁଖ୍ୟ ବକ୍ତା ଓ ନରେଶ ଶି (କେସିଙ୍ଗା ବ୍ଲକ), ବିଶ୍ୱେଶ୍ୱର ଟୋଲଟିଆ (ଛତିଶଗଡ଼) ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସମାଜର ଜିଲ୍ଲା କମିଟି ଗଠନ କରାଯାଇଥିଲା। ଉପସ୍ଥିତ ଥିବା ଚାରିଗଡ଼ର ସମସ୍ତ ଜନସାଧାରଣଙ୍କ ସହମତିକ୍ରମେ କୁଳପତି ଭାବରେ ବିଦ୍ୟାଧର ନାଏକ, ସଭାପତି ଉମାଶଙ୍କର ମାଝୀ, କାର୍ଯ୍ୟକାରୀ ସଭାପତି ଉଦିତ କୁମାର ନାଏକ, ସାଧାରଣ ସମ୍ପାଦକ ବିରଞ୍ଚି ବଣିଆ, କୋଷାଧ୍ୟକ୍ଷ ଭାବେ ମନୋଜ କୁମାର ନାଏକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଉପସଭାପତି ଭାବରେ ସୁରେନ୍ଦ୍ର ନାଏକ, ନୂତନ ନାଏକ, ଟଙ୍କଧର ନାଏକ, ଅଲେଖ ନାଏକ, ସୁଦର୍ଶନ ନରଗିଆ ଚୟନ ହୋଇଥିଲେ। ମଞ୍ଚକୁ ସୁଶାନ୍ତ ନାଏକ ପରିଚାଳନା କରିଥିବା ବେଳେ ଭଜମନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସିଟିଜେନ୍ ଫୋରମର ଦାବିପତ୍ର

**କେସିଙ୍ଗା,୨୪।୬ (ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ନେଇ ସିଟିଜେନ୍ ଫୋରମ ପକ୍ଷରୁ ସଭାପତି ଡ. ହେମ ସାଗର ସାହା ମଙ୍ଗଳବାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସାକ୍ଷାତକରି ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି, ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କଳାହାଣ୍ଡି, ବଲାଙ୍ଗୀର ଜିଲ୍ଲା ସୀମାନ୍ତ ଅଞ୍ଚଳର ବହୁ ଗର୍ଭବତୀ, ପ୍ରସୂତି ଓ ସାଧାରଣ



ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି ସିଟିଜେନ୍ ଫୋରମ ସଭାପତି।

ରୋଗୀ ନିର୍ଭର କରିଥାନ୍ତି। କିନ୍ତୁ ଏଠାରେ ଆବଶ୍ୟକତା ଅନୁସାରେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଟେକ୍‌ନିସିଆନ ଓ ବ୍ଲଡ୍‌ବ୍ୟାଙ୍କରେ କର୍ମଚାରୀ ଅଭାବରୁ ରୋଗୀସେବା ବ୍ୟାହତ ହେଉଛି। ଏଭଳି ବିଭିନ୍ନ ସମସ୍ୟା ନେଇ କେସିଙ୍ଗା ସିଟିଜେନ୍ ଫୋରମ ସଭାପତି ସାହା ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଯଥାଶୀଘ୍ର ଏହିସବୁ ସମସ୍ୟା ଦୂରକରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସାହା ପ୍ରକାଶ କରିଛନ୍ତି।

## ପ୍ରବାସୀ ଶ୍ରମିକ ସଚେତନତା ଶିବିର

**ବୋଡ଼େନ,୨୪।୬ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ୍ କର୍ଲାକୋଟ ପଞ୍ଚାୟତର କର୍ଲାକୋଟ ଗାଁରେ ମଙ୍ଗଳବାର ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଓ ଡିଏଫ୍‌ଓ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବିଡିଓ ସୁଶାନ୍ତ କୁମାର ରଣା, ତହସିଲଦାର ଅନସୂୟା ବାଗ ଦେବୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଗ୍ରାମବାସୀଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହିତ ସରକାରଙ୍କ ଅନ୍ୟ ଜନକଲ୍ୟାଣକାରୀ ଯୋଜନାର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ। ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ନିଜ ବିଭାଗର ଯୋଜନା ସମ୍ବନ୍ଧରେ ଜନସାଧାରଣଙ୍କୁ ବୁଝାଇଥିଲେ। କୌଣସି ମହିଳା କିମ୍ବା ପୁରୁଷ ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଚାଷୀ ଭାଇଭଉଣୀ ଉନ୍ନତ ପ୍ରଣାଳୀରେ ଚାଷକଲେ ଜିଲ୍ଲା ପ୍ରଶାସନ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇଦେବେ। ଏହି ପଞ୍ଚାୟତରୁ ୬୮ଜଣ ଲକ୍ଷପତି ଦିଦି ବାହାରିଥିବାରୁ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଆମେ ସମସ୍ତେ ମିଶି କର୍ଲାକୋଟ ପଞ୍ଚାୟତକୁ ପ୍ରବାସୀ ଶ୍ରମିକ ଓ ପ୍ଲାଷ୍ଟିକ୍‌ମୁକ୍ତ କରିପାରିବା ବୋଲି ଜିଲ୍ଲାପାଳ କହିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୦ରୁ ଅଧିକ ଦିନ ଶ୍ରମଦାନ କରିଥିବାରୁ ୨ଜଣ ଶ୍ରମିକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧରୁଆ ପରିଚାଳନା କରିଥିଲେ। ଶେଷରେ ସ୍ଥାନୀୟ ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୈକ୍ଷିକ ବାତାବରଣକୁ ନଷ୍ଟ କରୁଛି ଏବିଭିପି: ଛାତ୍ର ବିଜେଡି

**ଭବାନୀପାଟଣା,୨୪।୬(ଉତ୍ତମ କୁମାର ଦାଶ)**

ରାଜ୍ୟ ତଥା କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟରେ ନାମଲେଖା ପ୍ରକ୍ରିୟା ଚାଲିଛି। ଆଗକୁ ଛାତ୍ରସଂସଦ ନିର୍ବାଚନକୁ ନେଇ ସମସ୍ତ ରାଜନୈତିକ ଦଳର ଛାତ୍ର ସଂଗଠନ ସକ୍ରିୟ ହେବାରେ ଲାଗିଛନ୍ତି। ଏ ନେଇ ମାହୋଲ ଆଗକୁ ସରଗରମ ହେବାର ସମ୍ଭାବନା ରହିଛି। ଏପରି ସମୟରେ ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ନଷ୍ଟ କରିବାକୁ ଚେଷ୍ଟା କରୁଥିବା ଛାତ୍ର ବିଜେଡି ଅଭିଯୋଗ କରିଛି। ବିଶ୍ୱବିଦ୍ୟାଳୟର ସମସ୍ତ କାନ୍ଥରେ ଏଭିବିପି ତା'ର ପୋଷ୍ଟର ଓ ହାତଲେଖା ପେଣ୍ଟିଂ ଲଗାଇବା ଘଟଣାକୁ ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ଛାତ୍ର ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର ନିନ୍ଦା କରିଛନ୍ତି। ବିଶ୍ୱବିଦ୍ୟାଳୟକୁ ଆମେ ସବୁଜ ଓ ସ୍ୱଚ୍ଛ ପାଇଁ ପଦକ୍ଷେପ ନେଉଥିବା ବେଳେ କିଭଳି ଭାବରେ ଭାଜପା ସହ ଜଡ଼ିତ ଥିବା ଏବିଭିପି ଭବାନୀପାଟଣା ଶାଖା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ କାନ୍ଥରେ ଏଭଳି ଘୃଣ୍ୟ କାର୍ଯ୍ୟ କରୁଛି ବୋଲି ପୂର୍ବତନ ଛାତ୍ର ସଂସଦ ସଭାପତି ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। ଏହା ଦ୍ୱାରା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ଓ ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ଏ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହ୍ୱାଟ୍ସଆପ୍ ଜରିଆରେ ଅବଗତ କରାଯାଇଛି। ଏଣୁ ଆମେ ଆଶା କରୁଛୁ କର୍ତ୍ତୃପକ୍ଷ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଛାତ୍ର ବିଜେଡି କହିଛି ।

## ଜୁଆ ଆଡ୍ଡାରେ ଚଢ଼ାଉ: ୫ ଗିରଫ

**ନୂଆପଡ଼ା,୨୪।୬ (ମକାରୁ ବେମାଲ)**

ନୂଆପଡ଼ା ସଦର ଥାନା ସାହିପଲା ଗାଁ ନିକଟ ଜଙ୍ଗଲରେ ଚାଲିଥିବା ଜୁଆ ଆଡ୍ଡା ଉପରେ ରବିବାର ରାତିରେ ପୋଲିସ ଚଢ଼ାଉକରି ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବରଗଡ଼ ଜିଲ୍ଲା ପାଇକମାଳ ଥାନା ଜାମସେଟ ଗାଁର ଦିଲୀପ କୁମାର ରଣା (୬୦), ଡୁମେରବାହାଲ ଗାଁର ଅଲୁରି ରାଜୁ (୪୫), ମାଣ୍ଡୋସିଲ ଗାଁର ମାଧବ ମହାନନ୍ଦ (୪୦), ନୂଆପଡ଼ା ଜିଲ୍ଲା ସାହିପଲା ଗାଁର ଶ୍ୟାମ ସାହୁ (୩୯) ଓ ଲାଲେଶ୍ୱର ତାଣ୍ଡି (୩୧)। ସୂଚନା ମୁତାବକ ରବିବାର ରାତିରେ ସାହିପାଲା ଗାଁ ନିକଟ ଜଙ୍ଗଲରେ ଜୁଆଖେଳ ଚାଲିଥିବା ଖବର ପାଇ ନୂଆପଡ଼ା ଥାନା ଅଧିକାରୀ ଗଙ୍ଗାଧର ମେହେରଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ସେହି ସମୟରେ ୫ ଜୁଆଡ଼ିଙ୍କୁ ଗିରଫକରି ନଗଦ ୬୧ ହଜାର ୯୧୦ ଟଙ୍କା, ୫ ମୋବାଇଲ ଫୋନ, ୫ ବାଇକ୍, ୧୦୪ ତାସ ପତା ଓ ବ୍ୟାଗ୍ ଜବତ କରିଛି। ଏ ନେଇ ନୂଆପଡ଼ା ଥାନା କେସ୍ ନଂ.୧୪୩/୨୫ରେ ଏକ ମାମଲା ରୁଜୁକରି ସୋମବାର ସକାଳେ ସମସ୍ତ ଜୁଆଡ଼ିଙ୍କୁ ନୋଟିସକରି ଥାନାରୁ ଛାଡ଼ି ଦିଆଯାଇଛି ।

# ମୌଳିକ କର୍ତ୍ତବ୍ୟ ସଚେତନତା ଦିବସ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ନୂଆପଡ଼ା,୨୪।୬ (ମକାରୁ ବେମାଲ)**

ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟଠାରେ ମଙ୍ଗଳବାର ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ମୌଳିକ କର୍ତ୍ତବ୍ୟ ସଚେତନତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା କୋର୍ଟ ନିବନ୍ଧକ ସୌଭାଗ୍ୟ ରଞ୍ଜନ ପ୍ରଧାନ, ଉପଖଣ୍ଡିୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସ୍ନାତକୀ ଦାଶ, ବରିଷ୍ଠ ଆଇନଜୀବୀ ପ୍ରସନ୍ନ ମହାପାତ୍ର, ସେତରାମ ଦେବାଙ୍ଗନ, ନୂଆପଡା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଭାରତୀୟ ସମ୍ବିଧାନର ଧାରା ୫୧-କ ଅନୁଯାୟୀ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଦାଶ ପରିବେଶକୁ ସ୍ୱଚ୍ଛ ଓ ଆବର୍ଜନା ମୁକ୍ତ ରଖିବା ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲା ଏକକ ପ୍ଲାଷ୍ଟିକମୁକ୍ତ ଘୋଷିତ ହୋଇଥିବାରୁ ପ୍ରାଧିକରଣ ଦ୍ୱାରା ନୂଆପଡ଼ା ଏନ୍‌ଏସିର ସଫେଇ କର୍ମଚାରୀଙ୍କ ସହଯୋଗରେ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖରେ ଏକ ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଜାମଗାଁ ହାଇସ୍କୁଲର ପ୍ରାଚୀର ପତ୍ର ଉନ୍ମୋଚିତ

**ବଲାଙ୍ଗୀର,୨୪।୬(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲ୍ଲା ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଜାମଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାଚୀର ପତ୍ର 'ଆମ ଲେଖା ଆମ ଚିତ୍ର'କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଓ ଏସ୍‌ଏମ୍‌ସି ସଭ୍ୟ ପୁରୁଷୋତ୍ତମ ଗୁରହାଣ୍ଡି ଉନ୍ମୋଚିତ କରିଛନ୍ତି। ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ରାଜକିଶୋର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହଯୋଗରେ ପ୍ରସ୍ତୁତ ଏହି ପ୍ରାଚୀର ପତ୍ରରେ ଆଧ୍ୟାତ୍ମିକ, ସାହତ୍ୟ, ସଂସ୍କୃତି ତଥା ନୈତିକତା ବିଷୟରେ ଲେଖା ଓ ଚିତ୍ର ରହିଛି। ଉନ୍ମୋଚନ



ଜାମଗାଁ ହାଇସ୍କୁଲ ପ୍ରାଚୀର ପତ୍ର ଉନ୍ମୋଚନ କରାଯାଉଛି।

କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ନମିତା ପାଣିଗ୍ରାହୀ, ରଞ୍ଜିତା ରଣା, ଶିକ୍ଷକ ଶିବ ଶଙ୍କର ପାଣିଗ୍ରାହୀ, ମହେଶ୍ୱର ଝାଙ୍କର ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କୋମଳମତି ଛାତ୍ରୀଛାତ୍ରଙ୍କ ମନରେ ଭାଷା, ସାହିତ୍ୟ ଓ ଚିତ୍ର ପ୍ରତି ସୃଜନାତ୍ମକ ମନୋଭାବ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଏହି ପ୍ରାଚୀର ପତ୍ର କରାଯାଇଥିବା କୁହାଯାଇଛି।

## ବିଜେଡି ପକ୍ଷରୁ ଜନ ଜାଗରଣ ଅଭିଯାନ



ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

**କୋମନା,୨୪।୬ (ସୋବିନ ଛତ୍ରିଆ)**

ନୂଆପଡା ଜିଲ୍ଲା କୋମନା ବ୍ଲକ କଲ୍ୟାଣ ମଣ୍ଡପଠାରେ ବିଜେଡ଼ି କୋମନା ବ୍ଲକସ୍ତରୀୟ ଜନ ଜାଗରଣ ଅଭିଯାନ ଓ କର୍ମକର୍ତ୍ତା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। କୋମନା ବ୍ଲକ ସଭାପତି କ୍ଷମାସିଂ ନିଆଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡ଼ି ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଧାୟକ ପ୍ରତିନିଧି ରମାକାନ୍ତ ଠାକୁର, ବିଜେଡ଼ି ଜିଲ୍ଲା ସାଧାରଣ ସମ୍ପାଦକ କାର୍ତ୍ତିକ ଦୀପ ଓ କାଳିଆ ପ୍ରଧାନ, ଜିଲ୍ଲା ଉପସଭାପତି ସଞ୍ଜୟ ପ୍ରଧାନ, ଗୁପ୍ତେଶ୍ୱର କୁମ୍ଭାର, ଗଦାଧର ଗହିର ପ୍ରମୁଖ ସମ୍ମାନିତ ଅତିଥି ଥିଲେ। ବର୍ତ୍ତମାନ ବିକାଶ ନାଁରେ ଲୋକଙ୍କୁ ଭୁଆଁ ବୁଲାଯାଉଛି। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରିବା ସହ ସଙ୍ଗଠନକୁ ସୁଦୃଢ଼ କରିବା ଦିଗରେ ସମସ୍ତ କର୍ମୀ କାମ କରିବାକୁ ଜିଲ୍ଲା ସଭାପତି ଯୋଷୀ ଆହ୍ୱାନ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ଫୋନ ମାଧ୍ୟମରେ ଉଦ୍‌ବୋଧନ ଦେଇ ଦଳୀୟ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ପରିଷଦ ମୁରଲୀଧର ଭୋଇ ମଞ୍ଚ ପରିଚାଳନା କରିଥିଲେ।

# ଦାଦନ ଖଟିବାକୁ ଯାଇ ପଙ୍ଗୁ ହୋଇ ଫେରିଲେ

**ସହାୟତା ପାଇଁ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ**

**ଲାଞ୍ଜିଗଡ଼, ୨୪।୬ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ହରିହରପୁର ଗାଁର ଦୁଷ୍ମନ୍ତ ଜାଲ (୩୦) ପରିବାର ପ୍ରତିପୋଷଣ ପାଇଁ କେରଳ ଦାଦନ ଖଟିବାକୁ ଯାଇ ପଙ୍ଗୁ ହୋଇ ଘରକୁ ଫେରିଥିବା ବେଳେ ସହାୟତା ପାଇଁ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁସାରେ ଦୁଷ୍ମନ୍ତ ଗତ ଏପ୍ରିଲ ୩୦ରେ କେରଳ ରାଜ୍ୟ ମଙ୍ଗନୋର ଜିଲ୍ଲାର ଏକ ପଥର କୁଆଁରୀରେ ବ୍ଲାଷ୍ଟିଂ କାମରେ ନିୟୋଜିତ ଥିଲେ। ଜୁନ ୭ରେ କାମ ଶେଷ ହେବା ସମୟରେ ତାଙ୍କ ହାତରେ ବ୍ଲାଷ୍ଟିଂ ହୋଇଯାଇଥିଲା। ଫଳରେ ଦୁଷ୍ମନ୍ତଙ୍କ ଡାହାଣ ହାତର ଦୁଇ ଗୋଟି ଅଙ୍ଗୁଠି କଟିଯାଇଥିବା ବେଳେ ଛାତି, ବାମ ଗୋଡରେ ଭୀଷଣ ଆଘାତ ଲାଗି ଗୁରୁତର ହୋଇପଡ଼ିଥିଲେ। ପଥର




ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିବା ଦୁଷ୍ମନ୍ତ।

କୁଆଁରୀ ମାଲିକ ପୋଲିସ ଭୟରେ ନିକଟସ୍ଥ ଡାକ୍ତରଖାନାନ ନେଇ ୬୦ କିମି ଦୂରରେ ଥିବା ଏକ ବେସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦୁଷ୍ମନ୍ତଙ୍କୁ ଏକମାସ ଡାକ୍ତରଖାନାରେ ରହିବାକୁ କହିଥିଲେ। କଣ୍ଟ୍ରାକ୍ଟର ଜୁନ ୭ ତାରିଖରେ ଭର୍ତ୍ତି କରି ୧୪ରେ ଡାକ୍ତରଙ୍କ ସହ କଥାବାର୍ତ୍ତା କରି ଦୁଷ୍ମନ୍ତ ମନା କରିବା ସତ୍ତ୍ୱେ ଡିସ୍‌ଚାର୍ଜ କରିଦେଇଥିଲେ। ପରେ ସବୁ ଖର୍ଚ୍ଚ ବହନ କରିବି କହି ୧୫ ତାରିଖରେ ଟ୍ରେନ୍‌ରେ ବସାଇ ଘରକୁ ପଠାଇଦେଇଥିଲେ। ଦୁଷ୍ମନ୍ତ ନିଜ ପାରିଶ୍ରମିକ ୧୭ ହଜାର ୫ ଶହ ଟଙ୍କା ମଧ୍ୟ ପାଇ ନ ଥିବା ପ୍ରକାଶ କରିଛନ୍ତି। ୧୬ ତାରିଖରେ ଦୁଷ୍ମନ୍ତ ଘରେ ପହଞ୍ଚିବା ପରେ ଜୁନ ୨୦ରେ ଲାଞ୍ଜିଗଡ ବ୍ଲକ ଆଦିବାସୀ ସଂଘ ସଭାପତି ଶୁକ୍ରୁ ମାଝୀ, ତୁଲେଶ୍ୱର ଜାଲଙ୍କ ସହ ମିଶି ଜିଲ୍ଲା ଶ୍ରମ ଅଧିକାରୀ ସୁବାସ ଚନ୍ଦ୍ର ମଣ୍ଡଳଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ଜିଲ୍ଲା ଶ୍ରମ ଅଧିକାରୀ ଏନେଇ ଏକ ଇସି ମାମଲା ରୁଜୁ କରି କ୍ରଶର ମାଲିକଙ୍କୁ ଡକାଇ କ୍ଷତିପୂରଣ ଦେବାପାଇଁ ବ୍ୟବସ୍ଥା କରିବାକୁ ଦୁଷ୍ମନ୍ତକୁ କହିଥିବା ସେ ପ୍ରକାଶ କରିଛନ୍ତି। ଏ ନେଇ ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ ଜିତମ ମାଝୀଙ୍କୁ ପଚାରିବାରୁ ସେମାନେ ଆସି ମଣ୍ଡଳ ସାରଙ୍କୁ ଭେଟିଥିଲେ ଏବଂ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ପ୍ରକାଶ କରିଥିଲେ। ଦୁଷ୍ମନ୍ତଙ୍କ ବାପା ଟିକେରାମ ଜାଲ ୨୦୧୫ ମସିହାରେ ମୃତ୍ୟୁବରଣ କରିଥିବା ବେଳେ ବିଧବା ମା' ଯଶୋଦାଙ୍କ ସହ ସ୍ତ୍ରୀ ଓ ତିନି ଶିଶୁ କନ୍ୟା ଅଛନ୍ତି। ସରକାରୀ ସହାୟତା ଯୋଗାଇଦେବା ପାଇଁ ସେ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି।

**ସାପ କାମୁଡ଼ାରେ ଯୁବକ ମୃତ**

ହରଭଙ୍ଗା (ନରେନ୍ଦ୍ର କୁମାର ସାହୁ): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କମ୍ବୁନାଥପୁର ଗ୍ରାମରେ ସୋମବାର ରାତିରେ ବିଷାକ୍ତ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଜୟଦେବ ନାୟକ (୪୦)। ଜୟଦେବ ଖାଇ ସାରି ପରିବାର ସହ ଶୋଇଥିଲେ। ରାତିରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସଙ୍ଗେ ସଙ୍ଗେ ପରିବାର ଲୋକ ରାତିରେ ପୁରୁଣାକଟକ ମେଡିକାଲକୁ ନେଇଥିଲେ, କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। ହରଭଙ୍ଗା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଛି।





ଗୋଡ଼ଭଗାରେ ଧାନ ରଖି ଚାଷୀଙ୍କ ରାଜପଥ ଅବରୋଧ।



ରାଜପଥ ଅବରୋଧ ଯୋଗୁ ଗାଡ଼ି ଗୁଡ଼ିକ ଅଟକି ରହିଛି।

# ଧାନ ରଖି ଚାଷୀଙ୍କ ରାଜପଥ ଅବରୋଧ

ଅତାବିରା / ଗୋଡ଼ଭଗା, ୨୪।୬ (ଯୁଧିଷ୍ଠିର ମହାପାତ୍ର / ସୁରେଶ ଦାଶ)

ବରଗଡ଼ ଜିଲାରେ ଖରିଫ ଚାଷକାର୍ଯ୍ୟ ଆରମ୍ଭ ହୋଇଯାଇଛି। ମାତ୍ର ଏପର୍ଯ୍ୟନ୍ତ ଏଠାରେ ଚାଷୀଙ୍କ ରବିଧାନ ବିକ୍ରି ହୋଇପାରିନାହିଁ। ବିଭିନ୍ନ ସ୍ଥାନରେ ଖଳାଠାରୁ ଆରମ୍ଭକରି ଖୋଲାମଣ୍ଡିରେ ବହୁ ପରିମାଣରେ ଧାନ ପଡ଼ିରହିଛି। ବର୍ଷା ଯୋଗୁ କେତେକାଂଶରେ ତାହା ଭିଜି ନଷ୍ଟହେବା ସହିତ ଧାନରୁ ଗଜା ମଧ୍ୟ ବାହାରିଗଲାଣି। ଏଭଳି ସ୍ଥିତିରେ ଧାନ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଚାଷୀମାନେ ବାରମ୍ବାର ଜିଲା ପ୍ରଶାସନଠାରେ ଦାବି କରି ଆସୁଛନ୍ତି। ଏହାସତ୍ତ୍ୱେ କିଛି ସୁଫଳ ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଆନ୍ଦୋଳନ ତେଜି ଉଠିଛି।

ଏହି କ୍ରମରେ ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରୁ ଅତାବିରା ବ୍ଲକ ଗୋଡ଼ଭଗା ମାର୍କେଟ ୟାର୍ଡ ସମ୍ମୁଖରେ ଚାଷୀମାନେ ଧାନବସ୍ତା ଏବଂ ଧାନ ବୋଝେଇ ଟ୍ରାକ୍ଟର ରଖି ୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଆନ୍ଦୋଳନସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ସମସ୍ତ ଧାନ କ୍ରୟ କରା ନ ଯିବା ଯାଏ ଆନ୍ଦୋଳନରୁ ଉଠିବେ ନାହିଁ ବୋଲି ଚାଷୀମାନେ ଅଡ଼ି ବସିଛନ୍ତି। ଆନ୍ଦୋଳନ ଯୋଗୁ ବରଗଡ଼-ସମ୍ବଲପୁର ରାସ୍ତାରେ

**ଧାନ ଉଠାଣ ଦାବି, ତାତିଲେ ଚାଷୀ**

ଯାତାୟାତ ଠପ୍ ହୋଇଯାଇଛି। ରାସ୍ତାର ଉଭୟପାର୍ଶ୍ୱରେ ବହୁସଂଖ୍ୟକ ଯାନବାହନ ଅଟକି ରହିଛି। ଆନ୍ଦୋଳନସ୍ଥଳରେ ବ୍ୟାପକ ପୋଲିସ ମୁତୟନ ଅଛନ୍ତି।

ଗତ ମେ' ୧୪ରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଉ ୫ ଦିନ ପରେ ଏହାକୁ ଦେଢ଼ମାସ ପୂରିବ। ଏହାସତ୍ତ୍ୱେ ଜିଲାରେ ଧାନକିଣା ସମସ୍ୟା ଅସମାହିତ ରହିଛି। ମଣ୍ଡିଗୁଡ଼ିକୁ ଚାଷୀମାନେ ଧାନ ଆଣୁଛନ୍ତି। ମାତ୍ର କେତେବେଳେ କଟ୍‌ନି ଛଟ୍‌ନି ତ ଆଉକେବେ ମିଲର୍ସଙ୍କୁ ଟାର୍ଗେଟ୍ ଅଭାବ ଦର୍ଶାଇ ମଣ୍ଡିଗୁଡ଼ିକରୁ ଧାନ ଉଠାଯାଉନାହିଁ। ଅନ୍ୟପଟେ ବର୍ଷା ଆରମ୍ଭ ହୋଇଯାଇଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ବର୍ଷାରେ ଭିଜି ଧାନ ନଷ୍ଟ ହେଉଥିବାବେଳେ ରବିଧାନ ବିକ୍ରି କରିପାରି ନ ଥିବାରୁ ଚାଷୀମାନେ ଖରିଫ ଚାଷକାର୍ଯ୍ୟ ଆରମ୍ଭ କରିପାରିନାହାନ୍ତି। ଏହାକୁ ନେଇ ଚାଷୀ ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ଅସନ୍ତୁଷ୍ଟ ଚାଷୀଙ୍କ ସହ ବରଗଡ଼ ଡେପୁଟି କଲେକ୍ଟର ମଦନ ପଣ୍ଡା, ଉପ ଜିଲାପାଳ ତଥା ଅତାବିରା ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷ ପ୍ରସନ୍ନ କୁମାର ପାଣ୍ଡେ, ଅତାବିରା ନିୟନ୍ତ୍ରିତ ବଜାର କମିଟି ଦାୟିତ୍ୱରେ ଥିବା ଅତାବିରା ଅତିରିକ୍ତ ତହସିଲଦାର ଅଙ୍କିତ ପଣ୍ଡା ଦୀର୍ଘ ସମୟ ରାସ୍ତାରେ ବସି ଆଲୋଚନା କରିଥିଲେ। ଶେଷରେ ଆସନ୍ତା ୩୦ ତାରିଖ ସୁଦ୍ଧା ମଣ୍ଡିରେ ଥିବା ଚାଷୀଙ୍କ ସବୁ ଧାନ ଉଠାଇବା ଓ ଚାଷୀଙ୍କ ଶତ ପ୍ରତିଶତ ଧାନ ନା ଉଠାଇ କେବଳ ୭୦% ଧାନ ଉଠାଯିବ ବୋଲି ଯେଉଁ ଗୁଜବ ହୋଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି ତାହାର କିଛି ସାରକୁଲାର ନାହିଁ ଆଉ ଯେଉଁ ସରକାରୀ କର୍ମଚାରୀ ଏପରି କହିଥିବେ ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପ ଜିଲାପାଳ ପାଣ୍ଡେ ପ୍ରତିଶ୍ରୁତି ଦେଇଛନ୍ତି। ଏହା ପରେ ରାସ୍ତା ଅବରୋଧ ହଟିଥିଲା। ରାସ୍ତାରୋକୋ ହଟିବା ପରେ ରାତ୍ରି ୮ଟାରେ ୫୩ ନମ୍ବର ଜାତୀୟ ରାଜପଥର ସମ୍ବଲପୁର-ବରଗଡ଼ ଓ ବରଗଡ଼ – ସମ୍ବଲପୁର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଶହ ଶହ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଧାନ ଉଠାଣ ଦାବି କଲା ବିଜେଡି

ବରଗଡ଼, ୨୪।୬ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ରବିଧାନ ଉଠାଣରେ ଶିଥିଳତାକୁ ନେଇ ଚାଷୀ ଅସନ୍ତୋଷ ତେଜି ଉଠିଛି। ଏହାକୁ ନେଇ ଜିଲାର ବିଭିନ୍ନ ଅଞ୍ଚଳରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇ ଥିବାବେଳେ ବିଜେଡି ଧାନ ଉଠାଣ ଦାବି ନେଇ ମଙ୍ଗଳବାର ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଛି। ଦଳର ଜିଲା ସଭାପତି ସୁଶାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ଗୋୟଲଙ୍କୁ ଭେଟି ତୁରନ୍ତ ଚାଷୀଙ୍କ ଧାନ ଉଠାଣ ସହିତ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। ଦାବି ପୂରଣ ନ ହେଲେ ବିଜେଡି ଚାଷୀଙ୍କ ଏହି ସମସ୍ୟା ନେଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଚାଷୀ ସମସ୍ୟା ସମାଧାନ କରିବାର ସୁନେଲି ସ୍ୱପ୍ନ ଦେଖାଇ ଭାଜପା କ୍ଷମତାକୁ ଆସିଛି, ମାତ୍ର କ୍ଷମତାକୁ ଆସିବା ପରେ ଚାଷୀଙ୍କୁ ଭାଜପା ସରକାର ଏଭଳି ପ୍ରତାରଣା କରି ଚାଲିଛି ଏବଂ ଆଗାମୀ ଦିନରେ ଚାଷୀମାନେ ଏହାର ଉଚିତ ଜବାବ ଦେବେ ବୋଲି ବିଜେଡି ନେତୃବୃନ୍ଦ କହିଛନ୍ତି। ବିଜେଡିର ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ, ବରିଷ୍ଠ ଭାଜପା ନେତା ଗୌରହରି ମିଶ୍ର, ଜିଲା ଯୁବ ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଟିକେତ୍ ମହନ୍ତମ୍, ବରଗଡ଼ ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବରଗଡ଼ ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ନାଏକ, ଗଣତନ୍ତ୍ର ପ୍ରଧାନ, ବିକ୍ରମ ସିଂହ, ମଧୁ ସାହୁ, ଦିଲ୍ଲୀପ ପ୍ରଧାନ, ପ୍ରଶାନ୍ତ ମିଶ୍ର, ଯତୀନ ଦାସ, ଗଣେଶ ସାହୁ, ସତ୍ୟଜିତ ପୁରୋହିତ, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଧାନ ଉଠାଣ ଦାବିରେ ବିଜେଡି ପ୍ରତିନିଧିବୃନ୍ଦ ବରଗଡ଼ ଜିଲାପାଳଙ୍କ ସହିତ ଆଲୋଚନା କରୁଛନ୍ତି।

## ବନ୍ୟଜନ୍ତୁ ମାଂସ ଖାଇବା ଭିଡିଓ ଭାଇରାଲ କରି ୨ ଗିରଫ

ହରଭଙ୍ଗା, ୨୪।୬ (ନରେନ୍ଦ୍ର କୁମାର ସାହୁ)

ବନ୍ୟଜନ୍ତୁ ମାଂସ ଖାଇବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରି ୨ ଜଣ ଯୁବକ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତ ଗଣ୍ଡିସର ଗ୍ରାମର ବିକ୍ରମ ନାୟକ(୨୦) ଓ ଗୋଟିବିଡା ଗ୍ରାମର ସୌମ୍ୟରଞ୍ଜନ ଜାନି (୨୪)। ବନ ବିଭାଗ ମଙ୍ଗଳବାର ଉଭୟଙ୍କୁ କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ବିକ୍ରମ ବାର୍‌ହା ମାଂସ ଖାଇବା ସହ ସମ୍ବର ମାଂସ ଘରେ ରୋଷେଇ କରିଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଗତ ତା.୨୩।୬।୨୫ରିଖରେ ଏହି ଭାଇରାଲ ଭିଡିଓ ମାଧପୁର ବନାଞ୍ଚଳ ଅଧିକାରୀ ସୋସିଆଲ ମିଡିଆରୁ ଦେଖିବା ପରେ ବିଭାଗୀୟ ତଦନ୍ତ ଆରମ୍ଭ କରିଥିଲେ। ବନ କର୍ମଚାରୀମାନେ ବିକ୍ରମଙ୍କ ପାଖରୁ ମୋବାଇଲ ଫୋନ୍ ଜବତ କରିଥିଲେ। ଏଥିସହ ତାଙ୍କୁ ସୌମ୍ୟରଞ୍ଜନ ବନ୍ୟଜନ୍ତୁ ମାଂସ ଦେଇଥିବା ବନ କର୍ମଚାରୀ ତଦନ୍ତରୁ ଜାଣିପାରିଥିଲେ। ଏହାସହ ଅଭିଯୁକ୍ତ ଗ୍ରାମରେ ବାର୍‌ହା ମାଂସ ଭୋଜି କରିଖାଉଥିବା ଫଟୋ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ କରି ବିଭିନ୍ନ ମନ୍ତବ୍ୟ ଦେଇଥିଲେ। ବନ୍ୟଜନ୍ତୁ ଶିକାର କରି ଖାଇବା ଅଭିଯୋଗରେ ବନ ବିଭାଗ ପକ୍ଷରୁ ବିକ୍ରମ ଓ ସୌମ୍ୟରଞ୍ଜନଙ୍କୁ ଗିରଫ କରାଯାଇଥିଲା।

## ବିଦ୍ୟୁତ୍ ତାରକୁ ଛୁଇଁ ଯୁବକଙ୍କ ଆତ୍ମହତ୍ୟା

ଝାରବନ୍ଧ, ୨୪।୬ (ଦେବେନ୍ଦ୍ର ସାହୁ): ଅମ୍ବାଭୋନା ଥାନା ଅନ୍ତର୍ଗତ ଦୁଆରୀ ଗାଁରେ ମଙ୍ଗଳବାର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଦୁଆରୀ ଗାଁର ରବି ଧାରୁଆ (୩୮)। ଧାରୁଆ ସକାଳ ପ୍ରାୟ ୯ ଟାରେ ଝାରବନ୍ଧରୁ ଜଟେଶ୍ୱିରାକୁ ଯାଉଥିବା ବେଳେ ଝାରବନ୍ଧର ମଣ୍ଡି ପାଖରେ ଓହ୍ଲାଇ ପଡ଼ିଥିଲେ। ସେଠାରେ ରାସ୍ତାକଡ଼ରେ ଥିବା ଏକ ଗଛରେ ତାଙ୍କ ଗାମୁଛାକୁ ବେକରେ ଦେଇ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ। ହେଲେ ଗାମୁଛା ଚିରିଯିବାରୁ ସେ ତଳେ ପଡ଼ିଯାଇଥିଲେ। ଦ୍ୱିତୀୟ ଥର ୩୩ କେଭି ଉଚ୍ଚ କ୍ଷମତାସମ୍ପନ୍ନ ଯାଇଥିବା ବିଦ୍ୟୁତ୍ ଖୁଣ୍ଟକୁ ଚଢ଼ିଯାଇ ତାରକୁ ଛୁଇଁ ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।

## ଚାଷୀଙ୍କୁ ବିଜେଡି ବିଭ୍ରାନ୍ତ କରୁଛି- ଭାଜପା

ବରଗଡ଼, ୨୪।୬ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ରବିଧାନ ଉଠାଣରେ ଶିଥିଳତାକୁ ନେଇ ଗୋଟିଏ ପଟେ ଚାଷୀ ଅସନ୍ତୋଷ ତେଜି ଉଠିଥିବାବେଳେ ଏହାକୁ ନେଇ ଶାସକ ଭାଜପା ଏବଂ ବିରୋଧୀ ବିଜେଡି ମୁହାଁମୁହିଁ ହୋଇଛନ୍ତି। ଚାଷୀଙ୍କ ଧାନ ଉଠାଣରେ ବିଫଳତା ଭାଜପା ସରକାରଙ୍କ ଅପାରଗତାକୁ ପଦାରେ ପକାଇ ଦେବା ସହିତ ଏହି ସରକାର ଚାଷୀଙ୍କୁ ପ୍ରତାରଣା କରିଛି ବୋଲି ବିଜେଡି କହିଛି। ଅନ୍ୟପଟେ ମଙ୍ଗଳବାର ବରଗଡ଼ ସାମ୍ବାଦିକ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଶାସକ ଭାଜପା ବିରୋଧୀ ବିଜେଡିକୁ କଡ଼ା ଜବାବ ଦେଇଛି। ଚାଷୀମାନେ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ ଧାନ ବିକିବା ସହିତ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀମାନେ ପ୍ରଥମଥର ଲାଗି କ୍ଷତିପୂରଣ ପାଇ ଖୁସିରେ ଅଛନ୍ତି। ମାତ୍ର ବିଜେଡି କୁମ୍ଭୀର କାନ୍ଦଣା ଭଳି ଚାଷୀମାନଙ୍କୁ ବିଭ୍ରାନ୍ତ କରି ଚାଲିଛି ବୋଲି ଭାଜପା କହିଛି। ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ୍ୱର ଶତପଥୀ କହିଥିଲେ, ଗତବର୍ଷ ରବିଧାନ ସଂଗ୍ରହ ସମୟରେ ଜିଲାର ଅତାବିରା ନିୟନ୍ତ୍ରିତ ବଜାର କମିଟି(ଆରଏମ୍‌ସି) ଅଧୀନ ମଣ୍ଡିଗୁଡ଼ିକରୁ ୨୪ ଲକ୍ଷ କୁଇଣ୍ଟାଲ ଧାନ କିଣାଯାଇଥିଲା। ସେହି ସମୟରେ ବିଜେଡି ସରକାର ଚାଲିଥିଲା। ଏଥର ଏପର୍ଯ୍ୟନ୍ତ ଉକ୍ତ ଆରଏମ୍‌ସିରୁ ୨୩ ଲକ୍ଷ ୫୦ ହଜାର କୁଇଣ୍ଟାଲ ଧାନ କ୍ରୟ ସରିଲାଣି। ଆହୁରି ପ୍ରାୟ ଅଢ଼େଇ ଲକ୍ଷ କୁଇଣ୍ଟାଲ ବିକ୍ରି ଅପେକ୍ଷାରେ ରହିଛି। ସେସବୁକୁ ମଧ୍ୟ ଆସନ୍ତା ୩୦ତାରିଖ ସୁଦ୍ଧା କିଣାଯିବ ବୋଲି ସେ କହିଥିଲେ। ସେହିପରି ପୂର୍ବ ସରକାରରେ ଟୋକନ ଅବଧି ସରିଲେ ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟିକୁ କଥା ଯାଉଥିଲା। ମାତ୍ର ଏହି ସମସ୍ୟାର ସମାଧାନ କ୍ଷମତା ଏବେ ଜିଲାପାଳଙ୍କୁ ଦିଆଯାଇଛି। ଏହା ସହିତ ଅଦିନିଆ ବର୍ଷା ହେଲେ ପୂର୍ବ ସରକାର ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରୁ ନଥିଲା। ମାତ୍ର ଭାଜପା ସରକାର ପ୍ରଥମଥର ପାଇଁ ଏଭଳି ସ୍ଥିତିରେ କ୍ଷତିପୂରଣ ଘୋଷଣା କରିଛି। ଏହି ଦୃଷ୍ଟିରୁ ଭାଜପା ସରକାର ପୂର୍ବର ବିଜେଡି ସରକାର ତୁଳନାରେ ଚାଷୀଙ୍କ ହିତ ପାଇଁ ବହୁକିଛି ପଦକ୍ଷେପ ନେଇଛି ଏବଂ ଭାଜପା ଚାଷୀଙ୍କ ଦଳ ବୋଲି ଶତପଥୀ କହିଥିଲେ। ପୂର୍ବ ସରକାରଙ୍କ ବ୍ୟବସ୍ଥାରେ ଧାନ କିଣାବିକା ଚାଲିଛି, ସେଥିରେ ବହୁ ପରିବର୍ତ୍ତନର ଆବଶ୍ୟକତା ରହିଛି। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ସେସବୁ ପରିବର୍ତ୍ତନ ସମ୍ଭବ ନୁହେଁ ବୋଲି ମଧ୍ୟ ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

## ଶିବିରରେ ୯୪ ୟୁନିଟ୍ ରକ୍ତ ସଂଗୃହୀତ

ବରଗଡ଼, ୨୪।୬ (ପ୍ରେମାନନ୍ଦ ଖମାରୀ): ଆଦାନୀ ଫାଉଣ୍ଡେଶନ, ବରଗଡ଼ ସିମେଣ୍ଟ କାରଖାନା ଦ୍ୱାରା ମଙ୍ଗଳବାର ସ୍ଥାନୀୟ ସିମେଣ୍ଟ ନଗର ଡିସ୍ପେନସେରିରେ ଏକ ରକ୍ତଦାନ ଶିବିର ନିଷ୍ଠା ପରିବାରର ସହଭାଗିତାରେ ଅନୁଷ୍ଠିତ ହୋଇଯାଇଛି। ପ୍ଲାଣ୍ଟ ମ୍ୟାନେଜର ସୁକାନ୍ତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ଶିବିରରୁ ୯୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ଡା. ସୁଜିତ କୁମାର ନାୟକ, ମ୍ୟାନେଜର (ଏଚ୍.ଆର) ଅଭିଷେକ ଭଟ୍ଟାଚାର୍ଯ୍ୟ, ସିଏସ୍ଆର ମୁଖ୍ୟ ପ୍ରଦୀପ୍ତ କୁମାର ମହାନ୍ତି, ସିପିପି ମୁଖ୍ୟ ରାଜେଶ ପଠାନିଆ, ଇଲେକ୍ଟ୍ରିକାଲ ମୁଖ୍ୟ ଅତାବିଲ ମଣ୍ଡଳ, ସିକ୍ୟୁରିଟି ମୁଖ୍ୟ ରଞ୍ଜନ ଜେନା, କର୍ମଚାରୀ ସଂଘ ସଭାପତି ମହେନ୍ଦ୍ର ଦାଶ, ସମସ୍ତ ମେଡିକାଲ କର୍ମଚାରୀଙ୍କ ସହିତ ନିଷ୍ଠା ପରିବାରର ଉପଦେଷ୍ଟା ଆଶିଷ କର, ଉପସଭାପତି ସଚି ପଣ୍ଡା, ସଭାପତି ଅଶ୍ୱିନୀ ତ୍ରିପାଠୀ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ, ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହୁଲା ଓ ଅନ୍ୟ ସଦସ୍ୟା, ସଦସ୍ୟମାନେ ପରିଚାଳନା କରିଥିଲେ। ରକ୍ତଦାନ ଶିବିର ଆୟୋଜନ ପାଇଁ ଆଦାନୀ ଫାଉଣ୍ଡେଶନକୁ ନିଷ୍ଠା ପରିବାର ତରଫରୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସ୍କୁଲ, ଅଙ୍ଗନୱାଡି, ମଣ୍ଡି ପରିଦର୍ଶନ କଲା ବିଧାନସଭା ଗୃହ କମିଟି

ବୌଦ୍ଧ, ୨୪।୬ (ଅଜିତ କୁମାର ବାରିକ)

ଓଡ଼ିଶା ବିଧାନସଭା ଗୃହ କମିଟିର ବିଧାୟକମାନଙ୍କ ଏକ ପ୍ରତିନିଧି ମଣ୍ଡଳୀ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ନେତୃତ୍ୱରେ ସୋମବାର ବୌଦ୍ଧ ଜିଲା ଗସ୍ତ କରି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। କମିଟି ସଦସ୍ୟମାନେ ଅପରାହ୍ନରେ ବୌଦ୍ଧ ବ୍ଲକର ବାଉଁଶୁଣୀ ମା' ମାହେଶ୍ୱରୀ ମନ୍ଦିର ଓ ଶିବ ମନ୍ଦିର ପରିଦର୍ଶନ କରି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ସେଠାରୁ ଖୁଣ୍ଟବନ୍ଧ ଧାନ ମଣ୍ଡିକୁ ଯାଇ ଚାଷୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଏଥିସହ ତୁରନ୍ତ ଧାନ କ୍ରୟ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ସେମାନେ ମୁର୍ଖୁଣ୍ଡି ଗ୍ରାମପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ତଦାରଖ କରିଥିଲେ। ସେଠାରୁ ସରଣ୍ଡା ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସୁବିଧା ସୁଯୋଗ ଉପରେ ଅନୁଧ୍ୟାନ କରିଥିଲେ। କ୍ଷେତ୍ର ପରିଦର୍ଶନ ପରେ ଏହି ପ୍ରତିନିଧି ମଣ୍ଡଳୀ ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜିଲାର ଉନ୍ନୟନ କାର୍ଯ୍ୟ ନେଇ ସମୀକ୍ଷା କରିଥିଲେ।

## ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚିତ

ବୌଦ୍ଧ, ୨୪।୬ (ଅଜିତ କୁମାର ବାରିକ): ବୌଦ୍ଧ ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ନୂତନ କାର୍ଯ୍ୟକର୍ତ୍ତା ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ମଙ୍ଗଳବାର ଆସୋସିଏଶନ ସଭାପତି ଜୁଲିୟସସିଜର ମହାକୁଲଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମଠାରେ ଆୟୋଜିତ ସାଧାରଣ ପରିଷଦ ବୈଠକରେ ଅନୁଷ୍ଠାନର ଆୟବ୍ୟୟ ଉପସ୍ଥାପନ କରାଯାଇ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ବୈଠକରେ ଆସୋସିଏଶନ ପକ୍ଷରୁ ଚଳିତବର୍ଷ ହେବାକୁଥିବା ଜିଲା ଓ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ସମ୍ପର୍କରେ ଆଲୋଚନା କରାଯାଇ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସର୍ବସମ୍ମତିକ୍ରମେ ଆଗାମୀ ଦୁଇବର୍ଷ ପାଇଁ ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ କରାଯାଇଥିଲା। ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ନୂତନ ସଭାପତି ଭାବରେ ପ୍ରଦୋଷ କୁମାର ମହାରଣାଙ୍କୁ ନିର୍ବାଚିତ କରାଯାଇଥିବା ବେଳେ ଉପସଭାପତି- ପରେଶ ବେହେରା, ସାଧାରଣ ସମ୍ପାଦକ- ସୁନ୍ଦର ପ୍ରକାଶ ଅଗ୍ରୱାଲା, ସଙ୍ଗଠନ ସମ୍ପାଦକ- ବଦ୍ରିନାରାୟଣ ମିଶ୍ର ଓ କୋଷାଧ୍ୟକ୍ଷ ଭାବରେ ଶିବାନନ୍ଦ ସାହୁଙ୍କୁ ନିର୍ବାଚିତ କରାଯାଇଥିଲା। ଏଥିସହିତ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବରେ ବିଭୁ ପ୍ରସାଦ ପଣ୍ଡା, ବିମ୍ବେଶ ଅଗ୍ରୱାଲା, ଶେଖ ଶାହାଜାହାନ, ଗଣେଶ ମହାପାତ୍ର, ଆଲୋକ ରଥ, ସନ୍ତୋଷ କୁମାର ମହାନ୍ତି, ତାପସ ସାହୁ ଏବଂ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବରେ ଲମ୍ବୋଦର ପୁରୋହିତ, ଧର୍ମେଶ କୁମାର ନାୟକ, ଜୁଲିୟସସିଜର ମହାକୁଲ ଓ ଡା. କିଶୋର ଚନ୍ଦ୍ର ପଟ୍ଟନାୟକଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା।

## ମଦ ସହ ନିଶାଦ୍ରବ୍ୟ ଜବତ, ୪ ଗିରଫ

ପଦ୍ମପୁର, ୨୪।୬ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବରଙ୍କ ନିର୍ଦ୍ଦେଶକ୍ରମେ ବୁଡ଼େନ ପୋଲିସ ଶୁଳିଆ ଗାଁର ବିଭିନ୍ନ ଢାବାରେ ଚଢ଼ାଉ କରିଛି। ସେଠାରୁ ବ୍ୟାପକ ମାତ୍ରାରେ ମଦ ଓ ନିଶାଦ୍ରବ୍ୟ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅବକାରୀ ଆଇନ ଅନୁଯାୟୀ କେସ୍ ନଂ.୫୨, ୫୩, ୫୪, ୫୫/୨୫ରେ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ଉମା ଢାବାରୁ ୫୩ ବୋତଲ, କ୍ରିଷ୍ଣା ଢାବାରୁ ୪୩ ବୋତଲ, ନାଏକ ଢାବାରୁ ୩୯ ବୋତଲ ଏବଂ ୧୯୦ ପାଉଚ ମଦ ଜବତ କରାଯାଇଛି ବୋଲି ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ଶବର ସୂଚନା ଦେଇଛନ୍ତି।

## ଦୁର୍ଗାବତୀଙ୍କ ବଳିଦାନ ଦିବସରେ ଚାରାରୋପଣ

ପାଇକମାଳ, ୨୪।୬ (ବଢ଼ ଶତପଥୀ)

ନୃସିଂହନାଥ ପୀଠରେ ବଡ଼ଦେଓ ମଣ୍ଡପଠାରେ ସଭାପତି ଗଜରାଜ ସିଂ ପୁଟାଙ୍କ ସଭାପତିତ୍ୱରେ ଏକ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ସଭାକୁ ଦୁର୍ଯ୍ୟୋଧନ ପୁଟା ପରିଚାଳନା କରିଥିଲେ। ସର୍ବପ୍ରଥମେ ବିରାଙ୍ଗନା ରାଣୀ ଦୁର୍ଗାବତୀଙ୍କ ୪୬୨ତମ ବଳିଦାନ ଦିବସରେ ଶ୍ରୀଶ୍ରୀ ବଡ଼ଦେଓ ପୂଜା କରାଯିବା ପରେ ଅତିଥିମାନେ ଦୁର୍ଗାବତୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୀପ ଜାଳି ପୂଜା କରିଥିଲେ। ଏହି କାର୍ଯ୍ୟକ୍ରମରେ ମଣ୍ଡପର ଉପସଭାପତି ଚିତ୍ତରଞ୍ଜନ ପରେ, ଭୋଳାନାଥ ଜଗତ, ଚଇତୁ ସିଂ ଦେଓ, ରାତିରାମ ସିଦାର, ଦିଲ୍ଲୀପ ଧରୁଆ, ପବିତ୍ର ସିଦାରଙ୍କ ସହ ପାଇକମାଳ, ପଦ୍ମପୁର, ଝାରବନ୍ଧ ଅଞ୍ଚଳର ଅନେକ ମୁଖ୍ୟ କର୍ମକର୍ତ୍ତା ଅତିଥି ଭାବେ ଯୋଗଦେଇଥିଲେ। ସଭା ଶେଷରେ ନରସିଂହ ଧରୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ବଳିଦାନ ଦିବସରେ ଚାରାରୋପଣ।

# ନାଟକ ସମାଜର ଦର୍ପଣ ସଦୃଶ

ବରଗଡ଼, ୨୪।୬ (ପ୍ରେମାନନ୍ଦ ଖମାରୀ)

ନାଟକ ସମାଜର ଦର୍ପଣ ସଦୃଶ। ଏହାର କେବେ ଅନ୍ତ ହୋଇପାରେନା, ନାଟକ କାଳଜୟୀ ବୋଲି ରବିବାର ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାରର ଜୀବନ ଜିଜ୍ଞାସା ମାସିକ ଆଲୋଚନା ସଭାରେ ନାଟ୍ୟକାରଙ୍କ ସାମାଜିକ ଦାୟିତ୍ୱବୋଧ ଶୀର୍ଷକ ପ୍ରସଙ୍ଗରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ପାଠାଗାରର ସଭାପତି ଅରୁଣ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ନିଜର ବକ୍ତବ୍ୟ ରଖି ବିଶିଷ୍ଟ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ କେଶ ରଞ୍ଜନ ପ୍ରଧାନ କହିଥିଲେ, ନାଟକର କେବେ ଅନ୍ତ ହୋଇ ନ ପାରେ, ଏହା କାଳଜୟୀ। ନାଟ୍ୟକାର ଯୁଗର ପରିବର୍ତ୍ତନ ସହ ଖାପ ଖୁଆଇ ପରିବର୍ତ୍ତିତ ପରିସ୍ଥିତି ଅନୁସାରେ ନାଟକ ରଚନା କରିଥାଏ। ସେ ଆହୁରି କହିଥିଲେ, ନାଟ୍ୟକାର ତତ୍କାଳୀନ ସମାଜର ବିଷୟବସ୍ତୁ ସହ ଜଡ଼ିତ ବିଷୟ ହିଁ ନାଟକରେ ପରିପ୍ରକାଶ କରିଥାଏ। ହୁଏତ ଜଣେ କବି, ଲେଖକ, ଗାଳ୍ପିକ ସାମାଜିକ ବ୍ୟବସ୍ଥାରୁ ଦୂରରେ ରହି ନିଜର ଲେଖନୀ ଚାଳନା କରିପାରନ୍ତି, କିନ୍ତୁ ନାଟ୍ୟକାର ନୁହଁ। ସେ ସମାଜରେ ଘଟୁଥିବା ବିଷୟବସ୍ତୁକୁ ନେଇ ତା'ର ରଚନା ସୃଷ୍ଟି କରିଥାଏ। ତେଣୁ ନାଟକକୁ ସମାଜର ଦର୍ପଣ ଭାବରେ ଅଭିହିତ କରାଯାଇଥାଏ। ସେ ଆହୁରି କହିଥିଲେ, ଆମେ ହୁଏତ ଭାବୁଥିବା ଯେ ନାଟକ ଓ ନାଟ୍ୟକାରର ଯୁଗ ସରି ସରି ଯାଉଛି, କିନ୍ତୁ ତାହା ନୁହଁ। ନାଟକ କାଳଜୟୀ। ଅନ୍ୟତମ ଅତିଥି ବକ୍ତା ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଅଶୋକ କୁମାର ବହିଦାର କହିଥିଲେ, ନାଟକ ଗୋଟିଏ ଅଞ୍ଚଳର ଭାଷା, ସଂସ୍କୃତି, ପରମ୍ପରାକୁ ପ୍ରଦର୍ଶନ କରିବାର ପ୍ରକୃଷ୍ଟ ମାଧ୍ୟମ। ନାଟ୍ୟକାର ସମାଜର ବିଭିନ୍ନ ବିଷୟବସ୍ତୁକୁ ପରଖି ନାଟକ ରଚନା କରୁଥିବା ବେଳେ ନିର୍ଦ୍ଦେଶକ ନାଟ୍ୟକାରଙ୍କ ସ୍ୱପ୍ନକୁ ସାକାର କରିଥା'ନ୍ତି ଓ କଳାକାରମାନେ ସେଥିରେ ସହଯୋଗ କରିଥାନ୍ତି। ପିଢ଼ି ପରେ ପିଢ଼ି ଏହି ନାଟକର ଚରିତ୍ରରେ ପରିବର୍ତ୍ତନ ଆସୁଛି। ଲୋକ ନାଟକ, ଦଣ୍ଡ ନାଟକ, ଗୀତିନାଟ୍ୟ ଇତ୍ୟାଦି ନାଟକର ବିଭିନ୍ନ ପ୍ରକାର ଅଟେ, ଯାହା ସମୟାନୁକ୍ରମେ ପରିବର୍ତ୍ତିତ ହେଉଛି। ଜନସାଧାରଣଙ୍କ ରୁଚିକୁ ନଜରରେ ରଖି ନାଟକର କ୍ରମରେ ପରିବର୍ତ୍ତନ କରାଯାଇଥାଏ। ଯୁଗ ଯୁଗକୁ ଏହି ନାଟକ ବଞ୍ଚିରହିବ ବୋଲି ବହିଦାର କହିଥିଲେ। ସଭା ପ୍ରାରମ୍ଭରେ ପାଠାଗାରର ବରିଷ୍ଠ ସଦସ୍ୟ ମନୋରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଭୟ ଅତିଥିଙ୍କୁ ପାଠାଗାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।




ଆଲୋଚନାଚକ୍ରରେ ମଞ୍ଚାସୀନ ବକ୍ତାବୃନ୍ଦ।

## କାଉନସେଲିଂ ବେଳେ ସ୍ୱାମୀଙ୍କୁ ଆକ୍ରମଣକଲେ ସ୍ତ୍ରୀ

**ରାଉରକେଲା,୨୪।୬(ସଙ୍ଗୀତା ଜେନା):** ରାଉରକେଲା ଉଦିତନଗରସ୍ଥିତ ପରିବାର ଅଦାଲତରେ ମଙ୍ଗଳବାର ବିବାହ ବିଚ୍ଛେଦ ମାମଲାର କାଉନସେଲିଂ ଚାଲିଥିବାବେଳେ ସ୍ତ୍ରୀ ଆକ୍ରମଣରେ ସ୍ୱାମୀ ଆହତ ହୋଇଛନ୍ତି। ଏଥିରେ ଆହତ ହୋଇଥିବା ସ୍ୱାମୀ ଉଦିତନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ.୨୦୨/୨୫) ରୁଜୁ କରିଛି। ଅପରପକ୍ଷେ ଉକ୍ତ ମହିଳା ମଧ୍ୟ ତାଙ୍କ ସ୍ୱାମୀଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶର ମାନସ ରଞ୍ଜନ ଦ୍ୱିବେଦୀ ଛେଣ୍ଡ ଥାନା କଳିଙ୍ଗ ବିହାର ଅଞ୍ଚଳରେ ଜଣେ ଯୁବତୀଙ୍କୁ ୨୦୨୧ରେ ମାଟ୍ରୋମୋନି ସାଇଟ୍‌ରେ ବିବାହ କରିଥିଲେ ଏବଂ ଉଭୟ ଉତ୍ତରପ୍ରଦେଶ ଚନ୍ଦୌଲିଠାରେ ରହୁଥିଲେ। ବିବାହର କିଛିଦିନ ପରଠାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉଭୟଙ୍କ ମଧ୍ୟରେ ଝଗଡା ବଢିବାରୁ ଉତ୍ତରପ୍ରଦେଶର ଏକ ଥାନାରେ ଏ ନେଇ ଏତଲା ହୋଇଥିଲା। ସେଠାରେ ପୋଲିସ ଏକ ମାମଲା (ନଂ.୩୩/୨୪) ରୁଜୁ କରିଥିଲା। ଅନ୍ୟପକ୍ଷେ ୨୦୨୪ରେ ଉକ୍ତ ଯୁବତୀ ଜଣଙ୍କ ରାଉରକେଲାରେ ବିବାହ ବିଚ୍ଛେଦ ମାମଲା ରୁଜୁ କରିଥିଲେ। ମଙ୍ଗଳବାର ଉଭୟଙ୍କ କାଉନସେଲିଂ ଚାଲିଥିବା ବେଳେ ଆଇନ ପରାମର୍ଶଦାତ୍ରୀ ଆରତୀ ଚୌଧୁରୀଙ୍କ ସମ୍ମୁଖରେ ଯୁବତୀ ଜଣଙ୍କ ତାଙ୍କ ସ୍ୱାମୀଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଆଇନ ପରାମର୍ଶଦାତ୍ରୀ ଗଣ୍ଡଗୋଳକୁ ଶାନ୍ତ କରାଇବାରେ ଅସଫଳ ହେବାରୁ ଥାନା ଯାଏ ମାମଲଶ ଯାଇଥିଲା।

# ୫୭ ସ୍ଥାନରେ ହେବ ରଥଯାତ୍ରା


ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅଧିକାରୀଗଣ।

### ଆର୍‌ଏମ୍‌ସି ପକ୍ଷରୁ ପ୍ରସ୍ତୁତି ବୈଠକ

**ରାଉରକେଲା,୨୪।୬(ଦିନେଶ ମିଶ୍ର)**

ଉଦିତନଗରସ୍ଥିତ ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଚଳିତ ବର୍ଷ ରଥଯାତ୍ରାକୁ କିଭଳି ଶାନ୍ତିଶୃଙ୍ଖଳା ସହ ପାଳନ କରିହେବ ସେ ନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପାନପୋଷ ଅତିରିକ୍ତ ଜିଲାପାଳ ତଥା ଆରଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସହରରେ ଥିବା ରଥଯାତ୍ରା କମିଟିର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ରଥଯାତ୍ରା ପାଇଁ ରାସ୍ତା ମରାମତି, ସୁରକ୍ଷା ବ୍ୟବସ୍ଥା ଓ ଟ୍ରାଫିକ୍ ପରିଚାଳନା ଆଦି ଦିଗ ଉପରେ ଆଲୋଚନା ହୋଇଥିଲା। ଜିଲାର ବିଭିନ୍ନ ସ୍ଥାନରେ ୧୦୯ଟି ରଥ ମଧ୍ୟରୁ ଆସନ୍ତା ୨୭ ତାରିଖରେ ୭୬ଟି ରଥ ଟଣାଯିବ। ସେହିପରି ରାଉରକେଲାର କୋଏଲନଗର, ବାସନ୍ତୀ କଲୋନି, ଉଦିତନଗର, ହନୁମାନ ବାଟିକା, ପ୍ଲାଣ୍ଟସାଇଟ୍, ବିଶ୍ରା, ବନ୍ଧମୁଣ୍ଡା ଭଳି ୫୭ଟି ସ୍ଥାନରେ ରଥଯାତ୍ରା ପାଳନ କରାଯିବ। ଏହି ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯିବ। ରାଉରକେଲା ରିଂରୋଡ୍‌ରେ ୱାନ୍ ୱେ ବ୍ୟବସ୍ଥା କରାଯିବ। ରଥଯାତ୍ରା ପୂର୍ବରୁ ସହର ରାସ୍ତାଗୁଡିକ ଯଥାଶୀଘ୍ର ସମତୁଲ କରିବା ସହ ବିଦ୍ୟୁତ୍ ତାର ଓ ରଥଟଣା ଯିବା ରାସ୍ତାକଡ଼ ଗଛ ଡାଳକୁ କାଟି ସଫେଇ କରିବା ପାଇଁ ଏଡିଏମ୍ କୁଲକର୍ଣ୍ଣୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଶାନ୍ତିଶୃଙ୍ଖଳା ସହ ରଥଯାତ୍ରା ପାଳନ ଲାଗି ପ୍ରାୟ ୮ପ୍ଲାଟୁନ ଫୋର୍ସ ସହରରେ ମୁତୟନ କରାଯିବ। ରଥଟଣା ସମୟରେ ବିଭିନ୍ନ କମିଟି ସଦସ୍ୟମାନେ ସେମାନଙ୍କ କମିଟି କର୍ମକର୍ତ୍ତାମାନଙ୍କ ତାଲିକା ସ୍ଥାନୀୟ ଥାନାଧିକାରୀଙ୍କୁ ପ୍ରଦାନ କରିବେ। ରାଉରକେଲା ମେନ୍‌ରୋଡରେ ଥିବା ସ୍ୱେରେଜ ସିଷ୍ଟମ ଗର୍ତ୍ତ ଗୁଡିକ ଯଥାଶୀଘ୍ର ପୂରଣ କରିବା ପାଇଁ ଉଦିତନଗର ପଞ୍ଚଦେବ ଟ୍ରଷ୍ଟ କମିଟି ପକ୍ଷରୁ ଦାବି କରାଯାଇଥିଲା। ରଥଟଣା ସମୟରେ ୱାଟ୍‌କୋ ଓ ଆର୍‌ଏମ୍‌ସି ପକ୍ଷରୁ ପାଣି ସାଙ୍ଗକୁ ଆମ୍ବୁଲାନ୍ସ ବ୍ୟବସ୍ଥା ଯୋଗାଇ ଦେବା ପାଇଁ ବିଭିନ୍ନ ମନ୍ଦିର କମିଟି ପକ୍ଷରୁ ନିବେଦନ କରାଯାଇଥିଲା। ବନ୍ଧମୁଣ୍ଡା ଡିଜେଲ କଲୋନି ଅଞ୍ଚଳରେ ରାସ୍ତା ଭଙ୍ଗା ଅବସ୍ଥାରେ ପଡି ରହିଥିବାବେଳେ ଏହି ରାସ୍ତାକୁ ତୁରନ୍ତ ମରାମତି ପାଇଁ ଦାବି ହୋଇଥିଲା। ରଥଯାତ୍ରା ଦିନ ୱାଟ୍‌କୋ, ଟ୍ରାଫିକ୍, ବିଦ୍ୟୁତ୍, ଡାକ୍ତରଖାନା, ବନ ବିଭାଗ ସହ ପିଡବ୍ଲୁଡି ଅଧିକାରୀମାନେ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ରଥଯାତ୍ରା ସମୟରେ କୌଣସି ଅଶ୍ଳୀଳ ସଙ୍ଗୀତ କି ଆତସବାଜି ନ କରିବା ପାଇଁ ବିଭିନ୍ନ କମିଟିକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଥିଲା। ରଥଟଣା ସମୟରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ପାଇଁ ଦାବି ହୋଇଥିଲା। ବର୍ତ୍ତମାନ ରାଜ୍ୟରେ ହଇଜା ବ୍ୟାପୁଥିବାରୁ ରଥଟଣା ସମୟରେ ବିତରଣ ହେବାକୁ ଥିବା ଥଣ୍ଡା ପାନୀୟ ଓ ପ୍ରସାଦକୁ ନେଇ ସଚେତନ ରହିବାକୁ ଏଡିଏମ୍ ସହରବାସୀଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ରାଉରକେଲା ଏସ୍‌ପି ନିତେଶ ୱାଧୱାନି, ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ରତିକାନ୍ତ ସାହୁଙ୍କ ସମେତ ସମସ୍ତ ଥାନାଧିକାରୀ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଶୁଭଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇଜିଏଚ୍‌ରେ ବୃଦ୍ଧାଙ୍କ ସଫଳ ଆଣ୍ଠୁ ପ୍ରତିରୋପଣ

**ରାଉରକେଲା,୨୪।୬(ବିପ୍ଳବ ରଞ୍ଜନ ଦାଶ)**

ଆରଏସ୍‌ପି ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଜଣେ ୮୦ ବର୍ଷୀୟ ବୃଦ୍ଧାଙ୍କ ବାମ ଆଣ୍ଠୁର ସଫଳ ପ୍ରତିରୋପଣ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଛି। ଅତିରିକ୍ତ ସିଏମ୍‌ଓ ଏବଂ ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ଡା. ଏସ୍. କେ. ତିୱାରୀଙ୍କ ନେତୃତ୍ୱରେ ଅଭିଜ୍ଞ ଡାକ୍ତରଙ୍କ ଏକ ଦଳ ଦ୍ୱାରା ଏହି ଜଟିଳ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଥିଲା। ଅସ୍ତ୍ରୋପଚାରରେ ନିଶ୍ଚେତକ ବିଭାଗ ଡେପୁଟି ସିଏମ୍‌ଓ ଡା. ଏମ୍. ସାମନ୍ତରାୟ ଅଭିଜ୍ଞ ନିଶ୍ଚେତକ ସହାୟତା ପ୍ରଦାନ କରିଥିଲେ। ରୋଗୀଙ୍କ ଅଧିକ ବୟସ ଏବଂ ସ୍ୱାସ୍ଥ୍ୟ ଅବସ୍ଥାକୁ ଦୃଷ୍ଟିରେ ରଖି ଏହି ଅସ୍ତ୍ରୋପଚାର ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରିଥିଲା। ତଥାପି ବିଶେଷଜ୍ଞ ଡାକ୍ତରୀ ଦଳ ସଫଳତାର ସହିତ ଅସ୍ତ୍ରୋପଚାର ପ୍ରକ୍ରିୟା ସମ୍ପାଦନ କରିଥିଲେ। ଅସ୍ତ୍ରୋପଚାର ପରେ ରୋଗୀ ଏବେ ଦ୍ରୁତ ସୁସ୍ଥତା ଲାଭ କରୁଛନ୍ତି। ଗୁରୁତର ଆଣ୍ଠୁ ହାଡ ଅବକ୍ଷୟରେ ପୀଡିତ ଏବଂ ଉଭୟ ଆଣ୍ଠୁ ପ୍ରତିରୋପଣ ଆବଶ୍ୟକ କରୁଥିବା ବୃଦ୍ଧା ମହିଳା ଚିକିତ୍ସାକୁ ନେଇ କହିଛନ୍ତି, ମୋତେ ଏକ ନୂତନ ଜୀବନ ଦେଇଥିବା ଡାକ୍ତରୀ ଦଳ ପ୍ରତି ମୁଁ ଅତ୍ୟନ୍ତ କୃତଜ୍ଞ। ଏହି ଅସ୍ତ୍ରୋପଚାରର ସଫଳତା ମୋତେ ଖୁବ୍‌ଶୀଘ୍ର ମୋର ଡାହାଣ ଆଣ୍ଠୁ ପ୍ରତିରୋପଣ କରିବା ପାଇଁ ଆତ୍ମବିଶ୍ୱାସ ଦେଇଛି। ଆଣ୍ଠୁଗଣ୍ଠି ଅଷ୍ଟିଓଆର୍ଥାଇଟିସ୍, କାର୍ଟିଲେଜ ଅବକ୍ଷୟ ଦ୍ୱାରା ସୃଷ୍ଟି ହେଉଥିବା ଏକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଜୀବନ ଆୟୁ ବଢିବା ସହିତ ଏହା ସମ୍ପ୍ରତି ବହୁଳ ଲୋକଙ୍କଠାରେ ଦେଖାଦେଉଛି। ଗୁରୁତର ସମସ୍ୟା କ୍ଷେତ୍ରରେ ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ ଆବଶ୍ୟକ ହୋଇଥାଏ। ଯାହା ଏକ ଜଟିଳ ଶଲ୍ୟ ଚିକିତ୍ସା ପଦ୍ଧତି ଏବଂ ଏଥିପାଇଁ ଅଭିଜ୍ଞ ଡାକ୍ତରୀ ପାରଦର୍ଶିତା ଆବଶ୍ୟକ। ଦୁଇ ଦଶନ୍ଧି ଧରି ଆଇଜିଏଚ୍ ଏହିଭଳି ଉନ୍ନତ ଅସ୍ତ୍ରୋପଚାର ସେବା ପ୍ରଦାନ କରିବାରେ ଆଗରେ ରହିଆସିଛି। ଏହି ଡାକ୍ତରୀଖାନା ଏକ ବିଶ୍ୱସ୍ତ ଏବଂ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଭାବେ ଜୀବନକୁ ଆହୁରି ସୁଖଦ ଏବଂ ଗତିଶୀଳତାକୁ ପୁନଃ ସ୍ଥାପନ କରିବା ପାଇଁ ନିରନ୍ତର ଭାବେ ନିଜର ସମ୍ମାନ ପ୍ରତିଷ୍ଠା ବଜାୟ ରଖିଛି।


ଆଇଜିଏଚ୍ ଡାକ୍ତରୀ ଦଳ ସହ ଆରୋଗ୍ୟଲାଭ କରିଥିବା ବୃଦ୍ଧା।

## ୨୭ରୁ ଦ୍ୱିତୀୟ ରାଉରକେଲା ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

**ରାଉରକେଲା,୨୪।୬(ଦିନେଶ ମିଶ୍ର)**

ରାଉରକେଲା ସେକ୍ଟର-୧୩ସ୍ଥିତ ମେଳଣ ପଡିଆରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରା. ଲି. ପକ୍ଷରୁ ଆପେଲ ସାଇନ୍ ଆଣ୍ଡ ଗ୍ରାଫିକ୍ସ ସହାୟତାରେ ଦ୍ୱିତୀୟ ରାଉରକେଲା ଅର୍ନ୍ତଜାତୀୟ ବାଣିଜ୍ୟ ମେଳା-୨୦୨୫ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବ। ଏହି ମେଳା ୧୧ଦିନ ପର୍ଯ୍ୟନ୍ତ ଚାଲିବ। ଏ ନେଇ ଏକ ଘରୋଇ ହୋଟେଲ ପରିସରରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ମେଳାରେ ଦେଶର ୨୨ଟି ରାଜ୍ୟ ସମେତ ଶ୍ରୀଲଙ୍କା, ଆଫଗାନିସ୍ତାନ, ନେପାଳ, ଇରାନ ଭଳି ୧୦ଟି ଦେଶରୁ ବିଭିନ୍ନ ବ୍ୟବସାୟିକ ସଂସ୍ଥା ଅଂଶଗ୍ରହଣ କରିବେ। ମେଳାରେ ରିଏଲ ଇଷ୍ଟେଟ୍, ଷ୍ଟାର୍ଟ ଅପ୍ କମ୍ପାନୀ, ଉତ୍ପାଦକ ବିକାଶକାରୀ, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ଆସବାପତ୍ର, ଶିକ୍ଷା, ବିଭିନ୍ନ ଘର ଉପକରଣଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଗହଣା, ରାଜସ୍ଥାନୀ ମାର୍ବଲ, ଭାରତୀୟ ହସ୍ତତନ୍ତ୍ର, ଆୟୁର୍ବେଦ ଔଷଧ ଭଳି ବିଭିନ୍ନ ସାମଗ୍ରୀ ଉପଲବ୍ଧ ରହିବ। ମେଳାରେ ବିଭିନ୍ନ ଖାଦ୍ୟ ଷ୍ଟଲ ମୁଖ୍ୟ ଆକର୍ଷଣ ରହିବ। ସେଥିମଧ୍ୟରୁ ମାଟିହାଣ୍ଡି ଚମ୍ପାରନ ମଟନ ଲୋକଙ୍କୁ ଆକର୍ଷଣ କରିବ ବୋଲି ଆଶା କରାଯାଇଛି। ରାଉରକେଲା ସହର ସମେତ ସୁନ୍ଦରଗଡ ଜିଲା ଓ ସମଗ୍ର ପଶ୍ଚିମ ଓଡିଶାରୁ ପ୍ରାୟ ୩ ଲକ୍ଷ ଲୋକ ଏହି ମେଳାର ଭରପୁର ଲାଭ ଉଠାଇ ପାରିବେ ବୋଲି କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା କହିଥିଲେ। ମେଳାରେ ଡିଜାଇନ ହୋଇଥିବା ଆଉଟ୍‌ଲେଟ୍ ଗୁଡିକେ ଶୀତତାପ ନିୟନ୍ତ୍ରିତ ହ୍ୟାଙ୍ଗର ସଂରଚନା ଅନ୍ତର୍ଭୁକ୍ତ ରହିଛି। ଏହି ମେଳା ଉଭୟ ଗ୍ରାହକ ଓ ବ୍ୟବସାୟୀଙ୍କ ପାଇଁ ସମ୍ପୂର୍ଣ୍ଣ ସହଯୋଗ ଓ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବ ବୋଲି ଲକ୍ଷ୍ୟ ରଖାଯାଇଛି। ସମ୍ମିଳନୀରେ ଆପେଲସାଇନ୍‌ର ନିର୍ଦ୍ଦେଶକ ସରୋଜ ମହାପାତ୍ର, ଦିଲ୍ଲୀପ ପଟ୍ଟନାୟକ, ମନୋରଞ୍ଜନ ମୁନି, ଦିନେଶ ଭୋଲ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

## ଶିଶୁ ଅନୁକୂଳ ପରିବେଶକୁ ଗୁରୁତ୍ୱ

### ନର୍ଚରିଂ ନେବରହୁଡ୍‌ସ ବହୁ କ୍ଷେତ୍ରୀୟ ସମ୍ମିଳନୀ

**ରାଉରକେଲା,୨୪।୬(ବିପ୍ଳବ ରଞ୍ଜନ ଦାଶ)**

ଆଜିର ଶିଶୁ ଆସନ୍ତାକାଲିର ନାଗରିକ। ଏହି ଶିଶୁମାନଙ୍କ ଶୈଶବର ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ସେମାନଙ୍କୁ ଉତ୍ତମ ପରିବେଶରେ ବଢିବାର ସୁଯୋଗ ଦେବା ଲାଗି ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ଓ ରାଉରକେଲା ମହାନଗର ନିଗମ ତରଫରୁ 'ନର୍ଚରିଂ ନେବରହୁଡ୍‌ସ' ଅଭିଯାନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ ଉଦ୍ଦେଶ୍ୟରେ 'ନର୍ଚରିଂ ନେବରହୁଡ ଚ୍ୟାଲେଞ୍ଜ ୨.୦' ଅଧୀନରେ ଏହାସହ ସଂଶ୍ଳିଷ୍ଟ ସଂସ୍ଥାମାନଙ୍କୁ ନେଇ ମଙ୍ଗଳବାର ଏକ ବହୁ କ୍ଷେତ୍ରୀୟ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଉରକେଲା ମହାନଗର ନିଗମ କମିଶନର ତଥା ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ କୁଲକର୍ଣ୍ଣୀ କହିଲେ, ଭାରତ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଭାନ୍ ଲିଅର ଫାଉଣ୍ଡେଶନ ସହାୟତାରେ ଆୟୋଜିତ ଏହି ଅଭିଯାନରେ ଦେଶର ଶ୍ରେଷ୍ଠ ୧୦ଟି ସହର ମଧ୍ୟରେ ରାଉରକେଲା ସ୍ଥାନ ପାଇଛି। ଏହି ସଫଳତା ପରେ ସହରର ପରିବେଶକୁ ଶିଶୁ ଅନୁକୂଳ କରିବା ସକାଶେ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ପକ୍ଷରୁ ବିଶ୍ୱ ସମ୍ବଳ ପ୍ରତିଷ୍ଠାନ ଭାରତର ବୈଷୟିକ ସହାୟତାରେ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ କରାଯାଇଛି। ଆଗାମୀ ଦିନରେ ଶିଶୁଙ୍କୁ ସୁହାଇବା ଭଳି ଆନନ୍ଦମୟ ପରିବେଶ ତିଆରି କରିବା ପାଇଁ ଉପଯୁକ୍ତ ରଣନୀତି ପ୍ରସ୍ତୁତ କରିବା ତଥା ପ୍ରମୁଖ ଅଂଶୀଦାରମାନଙ୍କ ଉପସ୍ଥିତିରେ ଏକ ରୋଡ୍ ମ୍ୟାପ୍ ତିଆରି କରିବା ପାଇଁ ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ବିକାଶ କାମକୁ ତ୍ୱରାନ୍ୱିତ କରିବା ସହ ରାଉରକେଲା ସହରକୁ ଶିଶୁମାନଙ୍କ ଲାଗି ଶ୍ରେଷ୍ଠ ସହର ଭାବେ ଗଢ଼ି ତୋଳିବାକୁ ଚର୍ଚ୍ଚା ହୋଇଥିଲା।


କାର୍ଯ୍ୟକ୍ରମରେ ଆର୍‌ଏମ୍‌ସି କମିଶନର ସୂଚନା ଦେଉଛନ୍ତି।

ସେ ଆହୁରି କହିଥିଲେ, 'ନର୍ଚରିଂ ନେବରହୁଡ୍‌ସ' ଅଭିଯାନରେ ରାଉରକେଲା ସହର ପରିବେଶକୁ ଶିଶୁ ଅନୁକୂଳ କରିବା ସକାଶେ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ବିଶେଷକରି ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକେ ବସବାସ କରୁଥିବା ଅଞ୍ଚଳଗୁଡିକୁ ପ୍ରାଧାନ୍ୟ ଦେଇ ସେଠାକାର ପରିବେଶକୁ ଚାଇଲ୍ଡ ଫ୍ରେଣ୍ଡଲି କରାଯାଇଛି। ଶିଶୁମାନଙ୍କ ମାନସିକ ତଥା ଶାରୀରିକ ବିକାଶ ସକାଶେ ଖେଳକୁଦ ଜରୁରୀ ହୋଇଥିବା ବେଳେ ସହରର ଅବ୍ୟବହୃତ ଖୋଲା ସ୍ଥାନଗୁଡ଼ିକର ଉନ୍ନତୀକରଣ କରି ଶିଶୁମାନଙ୍କ ଖେଳକୁଦ ପାଇଁ ଉତ୍ତମ ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି। ଏଥିସହ ପାର୍କଗୁଡିକର ମଧ୍ୟ ବିକାଶ କାର୍ଯ୍ୟ ଜାରି ରହିଛି। ସେହିପରି ଅଙ୍ଗନୱାଡି କେନ୍ଦ୍ର ପରିସରକୁ ଶିଶୁ ଅନୁକୂଳ କରି ଶିଶୁମାନଙ୍କ ପ୍ରାରମ୍ଭିକ ଶିକ୍ଷାକୁ ଆନନ୍ଦଦାୟକ କରିବା ସକାଶେ ବାଲା ମଡେଲରେ ନୂତନ ଅଙ୍ଗନୱାଡି ନିର୍ମାଣ କରାଯାଉଛି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ପ୍ରସୂତୀ ମା' ମାନଙ୍କ ଲାଗି ସ୍ୱତନ୍ତ୍ର ସ୍ତନ୍ୟପାନ କକ୍ଷ ବ୍ୟବସ୍ଥା କରାଯାଉଛି। ରାଉରକେଲା ସହରରେ ବହୁ ସଂଖ୍ୟକ ପ୍ରବାସୀ ଜନସଂଖ୍ୟାଙ୍କ ଉପସ୍ଥିତିକୁ ଧ୍ୟାନରେ ରଖି ସେମାନଙ୍କ ପରିବାର ପାଇଁ ଏକ ଉନ୍ନତ ପରିବେଶ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କୁଲକର୍ଣ୍ଣୀ କହିଥିଲେ। ଏଥିରେ ରାଉରକେଲା ମହାନଗର ନିଗମର ଉପ ପୌରାୟୁକ୍ତ ବିଶ୍ୱରଞ୍ଜନ ମଲ୍ଲିକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିପିନ ବିହାରୀ ମହାନ୍ତି, ଭାନ୍ ଲି ଫାଉଣ୍ଡେଶନର ଇସିଡି ବିଶେଷଜ୍ଞ ଅଶ୍ୱିନୀ ଗଡସେ, ବିଶ୍ୱ ସମ୍ବଳ ପ୍ରତିଷ୍ଠାନ ଭାରତର ସଷ୍ଟେନେବଲ ସିଟିଜ୍ ଆଣ୍ଡ ଟ୍ରାନ୍ସପୋର୍ଟର ସିନିୟର ପ୍ରୋଗ୍ରାମ ଆସୋସିଏଟ୍ ଅରୁଣିମା ସେନ୍, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ବସ୍ତି ଉନ୍ନୟନ ସଂଘ ସଦସ୍ୟ, ଆର୍‌ଏମ୍‌ସି ଓ ସ୍ମାର୍ଟ ସିଟିର ଅଧିକାରୀ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବର୍ଷା ବର୍ଣ୍ଣାଳିଙ୍କୁ ଗୋଲ୍ଡ ମେଡାଲ

**ରାଉରକେଲା,୨୪।୬(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଏନ୍‌ଆଇଟି ମେଟାଲର୍ଜି ବିଭାଗରେ ଏଚ୍‌ଓଡ଼ି ତଥା ଏନ୍‌ଆଇଟିର ଡିନ୍ ଏକାଡେମୀ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ ପ୍ରଫେସର ରମେଶ ଚନ୍ଦ୍ର ବେହେରା। ଆଜକୁ ୬ବର୍ଷ ହେଲା ତାଙ୍କ ସ୍ମୃତିରେ ଏନ୍‌ଆଇଟିର ଏମଟେକ୍ ଟପ୍ପରଙ୍କୁ ପ୍ରତିବର୍ଷ ପ୍ରଫେସର ଡ଼ ରମେଶ ଚନ୍ଦ୍ର ବେହେରା ମେମୋରିଆଲ ଗୋଲ୍ଡ ମେଡାଲ ଏନ୍‌ଆଇଟିର ସମାବର୍ତ୍ତନ ଉତ୍ସବରେ ପ୍ରଦାନ କରାଯାଇଆସୁଛି। ଚଳିତବର୍ଷ ଏନ୍‌ଆଇଟିର ୨୦ତମ ସମାବର୍ତ୍ତନ ଉତ୍ସବରେ ଇଲେକ୍ଟ୍ରିକ ବିଭାଗର ଛାତ୍ରୀ ବର୍ଷା ବର୍ଣ୍ଣାଳି ସମଗ୍ର କଲେଜର ଏମଟେକ୍ ଟପ୍ପର ହୋଇଥିବାରୁ ତାଙ୍କୁ ପ୍ରଫେସର ଡ଼ ରମେଶ ଚନ୍ଦ୍ର ବେହେରା ମେମୋରିଆଲ ଗୋଲ୍ଡ ମେଡାଲ ପ୍ରଦାନ କରାଯାଇଛି। ସ୍ୱର୍ଗତ ବେହେରାଙ୍କ ସ୍ତ୍ରୀ ସବିତାରାଣୀ ବେହେରାଙ୍କ ତରଫରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।


ବର୍ଷାଙ୍କୁ ଗୋଲ୍ଡ ମେଡାଲ ପ୍ରଦାନ କରାଯାଉଛି।

## ମୋବାଇଲ ଛିନ୍‌ତାଇ ଘଟଣାରେ ୨ ଗିରଫ

**ରାଉରକେଲା,୨୪।୬(ଦିନେଶ ମିଶ୍ର):** ସେକ୍ଟର-୧୯ ଥାନା ଅନ୍ତର୍ଗତ ଆମ୍ବାଗାନ ମାର୍କେଟ ଅଞ୍ଚଳରୁ ମୋବାଇଲ ଛିନ୍‌ତାଇ ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଧର୍ମେନ୍ଦ୍ର ମଣ୍ଡଳ(୨୦) ଓ ବିଶାଳ କୁମାର ମାହାତୋ(୨୩)। ସେମାନଙ୍କ ନିକଟରୁ ସ୍ମାର୍ଟଫୋନ ଜବତ କରାଯାଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୧୧୦/୨୫) ରୁଜୁ କରି ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, କୋଏଲନଗରରେ ରହୁଥିବା ଶୁଭମ ସାହୁ ଗତ ୨୩ ତାରିଖ ପୂର୍ବାହ୍ନ ୧୦ଟାରେ ଶୁଭମ ବାଇକ୍ ଯୋଗେ ସେକ୍ଟର-୧୯ ଆମ୍ବଗାନ ମାର୍କେଟରୁ ଘରକୁ ଫେରୁଥିବା ବେଳେ ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କ ମୋବାଇଲକୁ ଛଡେଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ।

## ଆର୍‌ଏସ୍‌ପି ଅଗ୍ନିଶମ ସେବା ବିଭାଗରେ ନୂତନ ଅଗ୍ନିବାହନ ସାମିଲ

**ରାଉରକେଲା,୨୪।୬(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ଅଗ୍ନିଶମ ସେବା ବିଭାଗ ଗୋଟିଏ ନୂତନ ଫୋମ୍ ଫାୟାର ଟେଣ୍ଡର ଏବଂ ଦୁଇଟି ଫାୟାର ମାଷ୍ଟର ଜିପ୍ ସାମିଲ କରି ଏହାର ଜରୁରୀକାଳୀନ ପ୍ରତିକ୍ରିୟା ବାହନ ସମୂହକୁ ବୃଦ୍ଧି କରିଛି। ଗତ ୨୧ତାରିଖରେ କେନ୍ଦ୍ରୀୟ ଅଗ୍ନିଶମ କେନ୍ଦ୍ରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମେକାନିକାଲ ଓ ଶକ୍ତି ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଆର୍. ଏନ୍. ରାଜେନ୍ଦ୍ରନ, ସୁରକ୍ଷା ଓ ଅଗ୍ନିଶମ ବିଭାଗର ସିଜିଏମ୍ ଆଶା ଏସ୍. କାର୍ଥା, ପ୍ଲେଟ୍ ମିଲ୍ ବିଭାଗର ସିଜିଏମ ଏତୁଆ ଓରାମ, ମେକାନିକାଲ ବିଭାଗର ସିଜିଏମ୍ ଡି. ପାଲୋ ଓ ଅଗ୍ନିଶମ ସେବା ବିଭାଗର ଜିଏମ୍ ଜେ. ବି. ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ବାହନଗୁଡିକ କମିଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଯୋଗାଣକାରୀ ମେସର୍ସ ରୋହିତ ଏଣ୍ଟରପ୍ରାଇଜେସ, ନୂଆଦିଲ୍ଲୀ ଏବଂ ମେସର୍ସ ଇଣ୍ଟିଗ୍ରେଟେଡ ଫାୟାର ପ୍ରୋଟେକ୍ସନ ପ୍ରାଇଭେଟ ଲିମିଟେଡ, କୋଲକାତାର ପ୍ରତିନିଧିଙ୍କ ସମେତ ଆର୍‌ଏସ୍‌ପିର ବହୁ ଅଗ୍ନିଶମ ସେବା କର୍ମଚାରୀ ଉପସ୍ଥିତ ଥିଲେ। ନୂତନ ଯାନ ଗୁଡିକ ଅତ୍ୟାଧୁନିକ ଅଗ୍ନି ନିର୍ବାପନ ପ୍ରଣାଳୀ ଏବଂ ପ୍ରକ୍ସିମିଟି ସୁଟ ସମେତ ଉନ୍ନତ ଉଦ୍ଧାର ଗିୟର ସହିତ ସଜ୍ଜିତ ଅଟେ। ଉଚ୍ଚ ଦକ୍ଷତା ଏବଂ ଦ୍ରୁତ ପ୍ରତିକ୍ରିୟା ପାଇଁ ଡିଜାଇନ ହୋଇଥିବା ଏହି ଯାନଗୁଡିକ ପ୍ଲାଣ୍ଟ ଏବଂ ଟାଉନଶିପ୍ ମଧ୍ୟରେ ସଂକୀର୍ଣ୍ଣ ଏବଂ ଭିଡ ଅଞ୍ଚଳଗୁଡିକୁ ଯାଇପାରିବ। ଜରୁରୀକାଳୀନ ସମୟରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବ। ସେମାନଙ୍କ ଉନ୍ନତ ବୈଶିଷ୍ଟ୍ୟ ଗୁଡିକ ପ୍ରତିକ୍ରିୟା ସମୟ ହ୍ରାସ କରିବ ଏବଂ ସାମଗ୍ରିକ ଅଗ୍ନି ନିରାପତ୍ତା ଭିତ୍ତିଭୂମିକୁ ଉନ୍ନତ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ। ଅଗ୍ନିଶମ ସେବା ବିଭାଗର ଡେପୁଟି ମ୍ୟାନେଜର ଶୁଭବ୍ରତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ଆର୍‌ଏସ୍‌ପି ଅଗ୍ନିଶମ ବିଭାଗରେ ନୂତନ ଅଗ୍ନିବାହନ ସାମିଲ ହୋଇଛି।

## ସ୍ୱଚ୍ଛତା, ଦକ୍ଷତା ବୃଦ୍ଧି ପାଇଁ ଡିଜିଟାଲ କ୍ଷେତ୍ରରେ ଉନ୍ନତୀକରଣ

### ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ

**ରାଉରକେଲା,୨୪।୬(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଦ୍ୱାରା କାର୍ଯ୍ୟକ୍ଷମ ଉତ୍କର୍ଷତା ହାସଲ ପାଇଁ ନିରନ୍ତର ଏହାର ପ୍ରୟାସ କ୍ରମେ ନବସୃଜନ ଏବଂ ଡିଜିଟାଲ ରୂପାନ୍ତରଣକୁ ଗ୍ରହଣ କରୁଛି। କମ୍ପ୍ୟୁଟର ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା (ସିଏଣ୍ଡଆଇଟି) ବିଭାଗ ଦକ୍ଷତା ଏବଂ ଉତ୍ତରଦାୟିତ୍ୱ ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ସ୍ୱଚ୍ଛତା ବୃଦ୍ଧି କରିବା, ସମ୍ବଳକୁ ଉନ୍ନତ କରିବା ଓ ମାନୁଆଲ ପ୍ରକ୍ରିୟାଗୁଡିକୁ ସ୍ୱୟଂଚାଳିତ କରିବା ପାଇଁ କାରଖାନାରେ ଅନେକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏସ୍‌ବିଆଇ କ୍ୟାସ୍ ମ୍ୟାନେଜମେଣ୍ଟ ପ୍ରୋଟୋକଲ (ସିଏମ୍‌ପି) ଗେଟୱେ ଭାବେ କାର୍ଯ୍ୟ କରିବା ପାଇଁ ଇଆର୍‌ପି ପ୍ରାଥମିକ ଡାଟା ସେଣ୍ଟରରେ ଏକ ପିସି- ଆଧାରିତ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ବିଭାଗର ପ୍ରମୁଖ ପଦକ୍ଷେପଗୁଡିକ ମଧ୍ୟରୁ ଗୋଟିଏ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏବଂ ଅର୍ଥ ବିଭାଗ ସହିତ ମିଳିତ ଭାବେ ବିକଶିତ ଏହି ବ୍ୟବସ୍ଥା ଏସ୍‌ଏପି ପ୍ଲାଟଫର୍ମ ମାଧ୍ୟମରେ ଦେୟ ପ୍ରକ୍ରିୟାର ସ୍ୱୟଂଚାଳିତକରଣକୁ ସକ୍ଷମ କରୁଛି। ନୂତନ ସେଟ୍‌ଅପ୍ ଦେୟ ପ୍ରକ୍ରିୟାରେ ମାନୁଆଲ ହସ୍ତକ୍ଷେପର ଆବଶ୍ୟକତାକୁ ଦୂର କରିବା ସହ ସ୍ୱଚ୍ଛତା ଏବଂ ସୁରକ୍ଷା ବୃଦ୍ଧି କରିଛି। ଏଥିସହ ଏସ୍‌ବିଆଇ ପୋର୍ଟାଲରେ ପୃଥକ ଭାବେ ପେମେଣ୍ଟ ଫାଇଲ ଗୁଡିକୁ ଏନ୍‌କ୍ରିପ୍ଟ ତଥା ଅପ୍‌ଲୋଡ୍ କରିବାର ପୂର୍ବ ଅଭ୍ୟାସ ଦୂର କରିଛି। କ୍ୟୁଆର୍ କୋଡ୍-ଆଧାରିତ ସାମଗ୍ରୀ ଟ୍ୟାଗିଂ ସିଷ୍ଟମ ପ୍ରଚଳନ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରହିଥିଲା। ଏହି ନୂତନ ସିଷ୍ଟମ ଲେଭଲ କିମ୍ବା ଲେଜର ପ୍ରିଣ୍ଟର ବ୍ୟବହାର କରି ଏସ୍‌ଏପି ମାଧ୍ୟମରେ ସାମଗ୍ରୀ ଟ୍ୟାଗ୍ ସୃଷ୍ଟି କରେ ଓ ସେଗୁଡିକୁ ସିଧାସଳଖ ଷ୍ଟୋରଗୁଡିକରେ ସାମଗ୍ରୀ ଉପରେ ଲଗାଯାଏ। ଏହି ଟ୍ୟାଗ୍‌ଗୁଡିକ ଏସ୍‌ଏପି ସିଷ୍ଟମରୁ ପ୍ରାପ୍ତ ସମସ୍ତ ଆବଶ୍ୟକ ସୂଚନା ବହନ ସହ ତୁରନ୍ତ ପ୍ରବେଶ ପାଇଁ ସହଜରେ ସ୍କାନ କରିପାରିବ। ଏହା ମାନୁଆଲ ରେକର୍ଡ ରଖିବାର ଆବଶ୍ୟତାକୁ ଯଥେଷ୍ଟ ହ୍ରାସ କରିଛି। ପ୍ରତିଦିନ ପ୍ରାୟ ୩୦ଘଣ୍ଟା ଶ୍ରମ ସମୟକୁ ସଞ୍ଚୟ କରିଛି ଏବଂ ବାର୍ଷିକ ୨୫ରୁ ୩୦ଲକ୍ଷ ଟଙ୍କା ଖର୍ଚ୍ଚ ସଞ୍ଚୟ କରିବାର ଆକଳନ ମଧ୍ୟ କରାଯାଇଛି। ଏହି ସିଷ୍ଟମ ସାମଗ୍ରୀ ଚିହ୍ନଟରେ ଅଧିକ ସ୍ୱଚ୍ଛତା ଆଣିବା ସହିତ ଏହାକୁ ଆର୍‌ଏସ୍‌ପିର ସମସ୍ତ ଷ୍ଟୋରରେ ଭବିଷ୍ୟତରେ କାର୍ଯ୍ୟକାରୀ କରାଯାଇପାରିବ। ଏହାବ୍ୟତୀତ ଗୁଣବତ୍ତା ଯାଞ୍ଚ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଷ୍ଟୋର ଗୁଡିକରେ କ୍ଷୁଦ୍ର କଞ୍ଚାମାଲର ଅନିୟମିତ ନମୂନା ଚୟନ ପାଇଁ ଏକ ନୂତନ ଡିଜିଟାଲ ସିଷ୍ଟମ ପ୍ରଚଳନ କରାଯାଇଛି। ଉକ୍ତ ସିଷ୍ଟମ ନମୂନା ପ୍ରକ୍ରିୟାର ସ୍ୱଚ୍ଛତା ଏବଂ ନିର୍ଭରଯୋଗ୍ୟତାକୁ ଉନ୍ନତି କରିଛି। ପ୍ରତ୍ୟେକ ଲଟ୍ ପାଇଁ ବ୍ୟାଗ୍ ଚୟନ ବିବରଣୀ ସମସ୍ତ ପ୍ରମୁଖ ପଣଧାରୀଙ୍କ ସହିତ ବାସ୍ତବ ସମୟରେ ସହଭାଗିତା କରାଯାଇଛି। ଏହି ଡିଜିଟାଲ ପଦକ୍ଷେପଗୁଡିକ ଏକ ସ୍ୱଚ୍ଛ, ଦକ୍ଷ ଏବଂ ଭବିଷ୍ୟମୁଖି ଇସ୍ପାତ କାରଖାନା ଗଠନ ଦିଗରେ ଆର୍‌ଏସ୍‌ପିର ବୃହତ ଦୃଷ୍ଟିକୋଣର ଅଂଶବିଶେଷ ଅଟେ। ସି ଏଣ୍ଡ ଆଇଟି ବିଭାଗ କାର୍ଯ୍ୟକ୍ଷମ ଉତ୍କର୍ଷତା ହାସଲ ଏବଂ କାରଖାନାର ଅଭିବୃଦ୍ଧି ଯାତ୍ରାରେ ପ୍ରମୁଖ ଅବଦାନ ଦେବା ପାଇଁ ପ୍ରଯୁକ୍ତିବିଦ୍ୟାର ସର୍ବଶ୍ରେଷ୍ଠ ଉପଯୋଗ କରିବାକୁ ପ୍ରତିବଦ୍ଧ ରହିଛି।


ଡିଜିଟାଲ ରୂପାନ୍ତରଣରେ ସାମିଲ ହୋଇଥିବା ଆର୍‌ଏସ୍‌ପି ଅଧିକାରୀ।

# ଚାଷୀଙ୍କୁ ଖରିଫ୍ ଧାନ ବିହନ ଚିନ୍ତା

**ସମ୍ବଲପୁର,୨୪।୬(ପ୍ରମୋଦ ବହିଦାର)**


ବିତରଣ କେନ୍ଦ୍ରରେ ଗଚ୍ଛିତ ଧାନ ବିହନ।


ଧାନ ବିହନ ନମୁନା।

■ଜଳବାୟୁ ଅନୁକୂଳ ନୁହେଁ ସରକାରୀ ବିହନ: ଚାଷୀ

■ବିହନର ମାନକୁ ନେଇ ସନ୍ଦେହ ନାହିଁ: କୃଷି ଅଧିକାରୀ

ରବିଧାନ ବିକ୍ରୀକୁ ନେଇ ସମ୍ବଲପୁରର ଚାଷୀ ଅସୁବିଧାର ସମ୍ମୁଖୀନ ହୋଇଥିଲା। ରାସ୍ତାରୋକୋ ଆନ୍ଦୋଳନ କରି ପ୍ରତିବାଦ ଜଣାଇଥିଲା। ଏହି ସମସ୍ୟା ଦୂର ନ ହେଉଣୁ ଏବେ ଚାଷୀଙ୍କୁ ଘାରିଲାଣି ଧାନ ବିହନ ଚିନ୍ତା। ବର୍ତ୍ତମାନ ଖରିଫ ଚାଷ ପାଇଁ ସରକାରଙ୍କ ପକ୍ଷରୁ ଧାନ ବିହନ ଯୋଗାଇ ଦିଆଯାଉଛି। ମାତ୍ର ଚାଷୀ ଏହି ବିହନ ପ୍ରତି ବିମୁଖ ହେଉଥିବା ଦେଖିବାକୁ ମିଳିଛି। ସରକାରୀ ବିହନ ଅଧିକ ଆମଳକ୍ଷମ ନୁହେଁ, ଏହାର ରୋଗ ପ୍ରତିଷେଧକ ଶକ୍ତି କ୍ଷୀଣ ବୋଲି ଚାଷୀମାନେ ଅଭିଯୋଗ କରି ଏହାକୁ ନେଉ ନାହାନ୍ତି। ଖୋଲା ବଜାରରେ ମିଳୁଥିବା ଧାନ ବିହନକୁ ଅଧିକ ମୂଲ୍ୟରେ କ୍ରୟ କରିବାକୁ ସେମାନେ ଶ୍ରେୟସ୍କର ମଣୁଛନ୍ତି। ଏପରିକି ସରକାରୀ ବିହନ ପ୍ରତି ଚାଷୀଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇବାକୁ ବିଭାଗ ପ୍ରକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ଚାଷୀମାନେ କହିଛନ୍ତି। ଏସମ୍ପର୍କରେ ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତି ସଂଯୋଜକ ବ୍ୟୋମକେଶ ଠାକୁର କହିଛନ୍ତି, ସରକାରୀ ଧାନ ବିହନ ଅନ୍ୟ ଅଞ୍ଚଳରେ ଉତ୍ତମ ଅମଳକ୍ଷମ ସାବ୍ୟସ୍ତ ହୋଇ ପାରେ। ମାତ୍ର ପଶ୍ଚିମ ଓଡ଼ିଶା ବିଶେଷ କରି ସମ୍ବଲପୁର, ବରଗଡ଼ ଆଦି ହୀରାକୁଦ ଜଳସେଚିତ ଅଞ୍ଚଳର ଜଳବାୟୁ ଅନୁକୂଳ ନୁହେଁ। ଯଦ୍ୱାରା ସରକାରୀ ବିହନରେ ଅଶାନୁରୂପ ଅମଳ ହେଉନାହିଁ। ସେହିପରି ଏହି ବିହନର ରୋଗ ପ୍ରତିଷେଧକ ଶକ୍ତି ମଧ୍ୟ ଅତ୍ୟନ୍ତ କ୍ଷୀଣ ବୋଲି ସେ କହିଛନ୍ତି। ସମ୍ବଲପୁର ଜିଲା ଚିପିଲିମାସ୍ଥିତ କୃଷି ବିଶ୍ୱବିଦ୍ୟାଳୟରେ ଉପଯୁକ୍ତ ଗବେଷଣା ପୂର୍ବକ ଏ ଅଞ୍ଚଳର ଜଳବାୟୁ ଅନୁକୂଳ ଧାନ ବିହନ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଅପରପକ୍ଷରେ ଜିଲା କୃଷି ଅଧିକାରୀ ହେମନ୍ତ କୁମାର ଜେନା କହିଛନ୍ତି, ସମ୍ବଲପୁର ଜିଲାରେ ସରକାରଙ୍କ ପକ୍ଷରୁ ବିତରଣ ହେଉଥିବା ଧାନ ବିହନରେ ସେଭଳି କୌଣସି ଅସୁବିଧାନ ପରିଲକ୍ଷିତ ହୋଇନାହିଁ। କେତେକ ଚାଷୀ ଏଥିପ୍ରତି ବିମୁଖ ହୋଇ ଥାଇ ପାରନ୍ତି। ମାତ୍ର ସେଭଳି ଏଥିପ୍ରତି ବିମୁଖ ହେବାର କୌଣସି ଅଭିଯୋଗ ଆମର ହସ୍ତଗତ ହୋଇନାହିଁ। ଚାଷୀମାନଙ୍କ ଅମଳ ଧାନରୁ ପ୍ରସ୍ତୁତ ବିହନକୁ ଓଡ଼ିଶା ବିହନ ନିଗମ ପକ୍ଷରୁ ରାଜ୍ୟରେ ବିତରଣ କରାଯାଉଛି। ତେଣୁ ସରକାରୀ ବିହନର ମାନକୁ ନେଇ ସନ୍ଦେହର କୌଣସି ଅବକାଶ ନାହିଁ। ବିଭିନ୍ନ ସ୍ଥାନରେ ଅନେକ ଚାଷୀ ଉକ୍ତ ଧାନ ବିହନକୁ କ୍ରୟ କରି ଚାଷକାମ ଆରମ୍ଭ କରି ସାରିଛନ୍ତି। ଜିଲାରେ ଚଳିତ ଖରିଫ ଋତୁ ପାଇଁ ୯୬୦୦ କୁଇଣ୍ଟାଲ ଧାନ ବିହନ ବିତରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏପର୍ଯ୍ୟନ୍ତ ଜିଲାର ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି(ପିଏସିଏସ୍) ଓ ବୃହତ୍ତ ଅଞ୍ଚଳ ବହୁମୁଖୀ ସମବାୟ ସମିତିକୁ କୁଇଣ୍ଟାଲ ୩୨୦୦ ଟଙ୍କାରେ ଧାନ ବିହନ ବିକ୍ରୟ ପାଇଁ ପ୍ରଦାନ କରାଯାଇଥିଲା ଯାହା ବର୍ତ୍ତମାନ ଶେଷ ହେବା ଉପରେ। ତେଣୁ ଅବଶିଷ୍ଟ ଧାନ ଯଥାଶୀଘ୍ର ପ୍ରେରଣ କରିବାକୁ ବିହନ ବିତରଣ ସଂସ୍ଥାକୁ ଯୋଗଯୋଗ କରାଯାଇଛି ବୋଲି ସେ କହିଛନ୍ତି।

## ଭିସୁଟ୍‌ରେ ପାୱାର ଇଲେକ୍ଟ୍ରୋନିକ୍ସ ଉପରେ ବକ୍ତୃତା


ଭିସୁଟ୍ ଇ-ଲର୍ଣ୍ଣିଂ କେନ୍ଦ୍ରରେ ଅନୁଷ୍ଠିତ ବକ୍ତୃତାମାଳାର ମୁଖ୍ୟବକ୍ତାଙ୍କ ସହିତ ଭିସୁଟ୍ କୁଳପତି ଓ ଅନ୍ୟମାନେ।

**ସମ୍ବଲପୁର,୨୪।୬(ପ୍ରମୋଦ ବହିଦାର)**

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ପ୍ରଯୁକ୍ତିବିଦ୍ୟା ଛାତ୍ର ଶାଖା ପକ୍ଷରୁ ପାୱାର ଇଲେକ୍ଟ୍ରୋନିକ୍ସ ଇନଭର୍ଟର ଟ୍ରାପୋଲୋଜି ଶୀର୍ଷକ ଏକ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭିସୁଟ୍ ଇ-ଲର୍ଣ୍ଣିଂ କେନ୍ଦ୍ରରେ ଭାରପ୍ରାପ୍ତ କୁଳପତି ପ୍ରଫେସର ବିଭୂତି ଭୂଷଣ ପତିଙ୍କ ଅଧ୍ୟକ୍ଷତାରେ ଅୟୋଜିତ ବକ୍ତୃତାରେ ମୁଖ୍ୟବକ୍ତାଭାବେ ଯୋଗଦେଇ ସିଙ୍ଗାପୁର ନ୍ୟାଶନାଲ ୟୁନିଭରସିଟିର ଫେଲୋ ପ୍ରଫେସର ଡ. ସଞ୍ଜିବ କୁମାର ପଣ୍ଡା ନବୀକରଣୀୟ ଶକ୍ତି ଉତ୍ସ ସହିତ ମାଇକ୍ରୋ-ଗ୍ରୀଡ୍‌ର ଶକ୍ତି ବିନିମୟ ପାଇଁ ଉଦ୍ଦିଷ୍ଟ ଏକକ ଫେଜ୍ ଇନଭର୍ଟରେ ଉନ୍ନତ ନିୟନ୍ତ୍ରଣ ରଣନୀତି ଉପରେ ଆଲୋଚନା କରିଥିଲେ। ଭିସୁଟ୍ ଭାରପ୍ରାପ୍ତ କୁଳପତି ପ୍ରଫେସର ପତି ଓ ବ୍ରାଞ୍ଚ କାଉନସିଲର ପ୍ରଫେସର ହରିଶ କୁମାର ସାହୁ ମୁଖ୍ୟବକ୍ତା ଡ. ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ଫଳକ ପ୍ରଦାନ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ୫୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ।

## ସ୍ଥିତି ଅନୁଧ୍ୟାନ କଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ଝାରସୁଗୁଡ଼ା,୨୪।୬(ଆଶିଷ ରଞ୍ଜନ ଦାଶ)**

**ବର୍ଷାରେ ଭିଜି ଗଜା ହେବାକୁ ବସିଲାଣି ଧାନ**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଞ୍ଚଳର ଚାଷୀମାନେ ଧାନ ବିକ୍ରି କରି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଜଣାପଡିବା ପରେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଲଖନପୁର ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛି। ସରକାର ଲଖନପୁର ବ୍ଲକ ଅଞ୍ଚଳର ଚାଷୀଙ୍କ ଧାନ କିଣୁନାହାନ୍ତି। ଫଳରେ ବର୍ଷାରେ ଏହି ଧାନ ଭିଜି ଗଜା ହେବାକୁ ବସିଲାଣି। ଏଭଳି ପରିସ୍ଥିତିରେ ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଲକା ମହାନ୍ତି ଗୋଦାମ ଯାଞ୍ଚ କରିବା ସହ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଧାନ କିଣିବା ପାଇଁ ସେ ସରକାରଙ୍କୁ ଚିଠି ଲେଖିବେ ବୋଲି କହିଥିଲେ। ଏହି ଟିମ୍‌ରେ ଜିଲା ବିଜେଡି କୃଷକ ସେଲ୍ ସଭାପତି ମିତ୍ରଭାନୁ ସାହୁ, ବିଜେଡି ଜିଲା ସଭାପତି ହରିଶ ଗଣତ୍ରା, ତାପସ ରାୟ ଚୌଧୁରୀ, ସନତ ସିଂ, ମନୋରଞ୍ଜନ ମହାପାତ୍ର ପ୍ରମୁଖ ସାମିଲ ହୋଇଛନ୍ତି। ଏହି ଟିମ୍ ଲଖନପୁର ବ୍ଲକ ଅଞ୍ଚଳର ଚାରପାଲି ସେବା ସମବାୟ ସମିତି, ମାର୍କେଟ ୟାର୍ଡ ଏବଂ ଚାଷୀମାନଙ୍କ ଘରକୁ ଯାଇ ସ୍ଥିତି ପରଖିଥିଲେ। ଆଲୋଚନା ସମୟରେ ଟିମ୍ ସଦସ୍ୟଙ୍କୁ ଚାଷୀମାନେ ସେମାନଙ୍କ ସମସ୍ୟା ଜଣାଇଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ଧାନ କିଣିବା ପାଇଁ ସମବାୟ ସମିତିଗୁଡିକୁ ସରକାରଙ୍କ ପକ୍ଷରୁ ଟାର୍ଗେଟ୍ ମିଳି ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

## ସମ୍ବଲପୁରୀ ଲୋକ ସାହିତ୍ୟ କର୍ମଶାଳା

**ସମ୍ବଲପୁର,୨୪।୬(ପ୍ରମୋଦ ବହିଦାର)**

ଉତ୍ତରପ୍ରଦେଶର ଆଗ୍ରାଠାରେ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ପକ୍ଷରୁ ତିନିଦିନିଆ ସମ୍ବଲପୁରୀ ଲୋକ ସାହିତ୍ୟ କର୍ମଶାଳା ସୋମବାରଠାରୁ ଆରମ୍ଭ ହୋଇଛି। ଆଗ୍ରାସ୍ଥିତ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧିନ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନର ପୂର୍ବୋତ୍ତର ଶିକ୍ଷଣ ସାମଗ୍ରୀ ନିର୍ମାଣ ବିଭାଗ ପକ୍ଷରୁ ଚାଲିଥିବା ଏହି କର୍ମଶାଳା ବୁଧବାର ପର୍ଯ୍ୟନ୍ତ ଚାଲିବ। ବିଭାଗ ମୁଖ୍ୟ ପ୍ରଫେସର ଡ. ମିନାକ୍ଷୀ ଦୁବେଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ସମ୍ପାଦକ ଭାବେ ପଶ୍ଚିମବଙ୍ଗ ରାଜ୍ୟ ବିଶ୍ୱବିଦ୍ୟାଳୟର ହିନ୍ଦୀ ପ୍ରଫେସର ଡ. ଅରୁଣ ହୋତା, ପ୍ରବକ୍ତା ଡ. ସିଦ୍ଧାର୍ଥ ପଣ୍ଡା, ଡ. ସ୍ୱୟଂପ୍ରକାଶ ପଣ୍ଡା ଓ ଡ. ରଶ୍ମିରେଖା ଜେନା ଯୋଗ ଦେଇଛନ୍ତି। ବକ୍ତମାନେ ସମ୍ବଲପୁରୀ ଲୋକଗୀତ, ଲୋକନୃତ୍ୟ, ଲୋକନାଟ୍ୟ, ଗଳ୍ପ, ଲୋକକ୍ରୀଡ଼ା ଆଦି ସମ୍ବଲପୁରୀ ଲୋକ ସଂସ୍କୃତି ଓ ସାହିତ୍ୟର ବିଭିନ୍ନ ପରିଚୟକୁ ହିନ୍ଦୀରେ ଅନୁବାଦ ପୂର୍ବକ ଉପସ୍ଥାପନ କରି ଏହାର ପ୍ରକାଶନ ପାଇଁ ସଂସ୍ଥାନକୁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଯଦ୍ୱାରା ସମ୍ବଲପୁରୀ ଲୋକ ସହିତ୍ୟ ବିଶ୍ୱର ପ୍ରାୟ ୧୨୫ଟି ଦେଶକୁ ପରିବ୍ୟାପ୍ତ ହୋଇ ଏହି ମହାନ ଭାଷାର ଉପଯୁକ୍ତ ପ୍ରଚାର ପ୍ରସାର ହୋଇ ପାରିବ ବୋଲି ଏକ ସ୍ୱରରେ ଏଥିରେ ଯୋଗ ଦେଇଥିବା ବକ୍ତାମାନେ କହିଛନ୍ତି। ସଂସ୍ଥାନ ପକ୍ଷରୁ ଅତୀତରେ ଦେଶର ବିଭିନ୍ନ ପ୍ରାନ୍ତର ଲୋକ ସାହିତ୍ୟକୁ ନେଇ ଏତାଦୃଶ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଆସିଛି। ସଂସ୍ଥାନର ଡ. ଶଶୀ ସେନଗାରଙ୍କ ସହଯୋଗିତାରେ ଏହି କର୍ମଶାଳା ଆୟୋଜିତ ହୋଇଛି।


ଆଗ୍ରା କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନରେ ଆୟୋଜିତ ସମ୍ବଲପୁରୀ ଲୋକ ସାହିତ୍ୟ କର୍ମଶାଳାରେ ଉପସ୍ଥିତ ସାହିତ୍ୟ ବିଶାରଦ।

## ଶିଶୁର ବିକାଶରେ ପରିବାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି



ପାଠଶାଳାର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

**ସମ୍ବଲପୁର,୨୪।୬(ଭବାନୀ ଶଙ୍କର ଭୋଇ)**

**ନିଃଶୁଳ୍କ ଶିକ୍ଷାଦାନ ସଂସ୍ଥା ପାଠଶାଳାର ବାର୍ଷିକ ଉତ୍ସବ**

ବସୁନ୍ଧରା କମ୍ୟୁନିଟି ସେଣ୍ଟର ପରିଚାଳିତ ପାଠଶାଳାର ଗୋଟିଏ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ସାଂସ୍କୃତିକ ଭବନଠାରେ ମଙ୍ଗଳବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି, ସମ୍ବଲପୁର ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ଆଜାଦ ଶେଖର ପ୍ରଧାନ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ସେହିପରି ଓଡ଼ିଶା ପ୍ରାନ୍ତ ଯୋଗ ସମିତି ଉପସଭାପତି ପ୍ରାଣବନ୍ଧୁ ବେହେରା, ପାଠଶାଳା ସଭାପତି ଡ. ବିଜୟ ପ୍ରଧାନ, ସମ୍ପାଦକ ପ୍ରବୀର ନାୟକ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ମହାପାତ୍ର ପାଠଶାଳା ଜରିଆରେ କରାଯାଉଥିବା ଶିକ୍ଷାଦାନକୁ ପ୍ରଶଂସା କରିଥିଲେ। ଶିଶୁର ବିକାଶରେ ପରିବାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ମୁଖ୍ୟବକ୍ତା ପ୍ରଧାନ କହିଥିଲେ। ଏହି ଅବସରରେ ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାକ୍ତନ ଶିକ୍ଷୟିତ୍ରୀ ସାବିତ୍ରୀ ସୁନା ଏବଂ ବୁଢାରଜା ୟୁପି ସ୍କୁଲ ପ୍ରାକ୍ତନ ଶିକ୍ଷକ ଚକ୍ରଧର ପାଣିଗ୍ରାହୀଙ୍କୁ ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବଲପୁର ସଦର ଡାକ୍ତରଖାନା ଆଖପାଖ ଛାତ୍ରୀଛାତ୍ରଙ୍କୁ ନେଇ ବସୁନ୍ଧରା କମ୍ୟୁନିଟି ସେଣ୍ଟର ସ୍ଥିତ ପାଠଶାଳାରେ ଏକ ବର୍ଷ ହେବ ନିଃଶୁଳ୍କ ଶିକ୍ଷାଦାନ ସହ ସେମାନଙ୍କ ମାନସିକ ବିକାଶ ପାଇଁ ଚେଷ୍ଟା କରାଯାଇ ଆସୁଛି। ସେମାନଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ପାଇଁ ନିୟମିତ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ସଭାପରେ ପାଠଶାଳା ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ରାଜା ଆଚାରୀ, ଜ୍ୟୋତି ମୁଣ୍ଡା, ମନିଷା ନାଏକ, ଝୁନୁ ତ୍ରିପାଠୀ, ପ୍ରଶାନ୍ତ ପାତ୍ର, ଶରତ ବହିଦାର, ସ୍ୱସ୍ତିକା ନାୟକ, ଆରତୀ ସାହୁ, ଦେବେନ୍ଦ୍ର ନାଥ, ପ୍ରଶାନ୍ତ ମହାକୁଡ ପ୍ରମୁଖ ସହଯୋଗ କରିଥିଲେ ।

## କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଜିଲାପାଳଙ୍କୁ ଫେରାଦ


ରୋହିଦାସ ନଗର ବାସିନ୍ଦା ଜିଲାପାଳଙ୍କୁ ଭେଟିବାକୁ ଯାଉଛନ୍ତି।

**ସମ୍ବଲପୁର,୨୪।୬(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ରୋହିଦାସ ନଗରରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ମଙ୍ଗଳବାର ସମ୍ପୃକ୍ତ ନଗରର ବାସୀନ୍ଦାମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କଲ୍ୟାଣ ମଣ୍ଡପ ନିର୍ମାଣ ନେଇ ୩ ବର୍ଷ ପୂର୍ବରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଥିଲା। ଏଥିପାଇଁ ଆବଶ୍ୟକ ଅନୁଦାନ ମଞ୍ଜୁର ହେବାସହ ସ୍ଥାନ ଚିହ୍ନଟ ପ୍ରକ୍ରିୟା ହୋଇଥିଲା। ୨ବର୍ଷ ତଳେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଏହି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଶୁଭ ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଏହି କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଅନ୍ୟପକ୍ଷରେ ସେହି ଚିହ୍ନଟ ହୋଇଥିବା ସ୍ଥାନରେ ୱାଟକୋ ପକ୍ଷରୁ ସ୍ୱେରେଜ ପ୍ରକଳ୍ପ କାମ ଆରମ୍ଭ ହେବାକୁ ବସିଛି। ତେବେ ରୋହିଦାସ ନଗର କଲ୍ୟାଣ ମଣ୍ଡପ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଗଲା କି ବୋଲି ସ୍ଥାନୀୟ ଲୋକେ ଜିଲା ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୁଣିଥରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଆଲୋଚନା କରିଥିଲେ। ଜିଲାପାଳ ରୋହିଦାସ ନଗର କଲ୍ୟାଣ ମଣ୍ଡପ ପାଇଁ ଜମି ଆବଣ୍ଟନ ସ୍ଥିତିର ଅନୁଧ୍ୟାନ କରିବେ ବୋଲି କହିଥିଲେ। ରୋହିଦାସ ନଗର ବାସିନ୍ଦାଙ୍କ ପକ୍ଷରୁ ଉମାକାନ୍ତ ମିରିଗ, ସତ୍ୟ ମେହେର, ବିପିନ ମିରିଗ, ପରମେଶର ମେହେର ପ୍ରମୁଖ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ।

## ଅଭିଯୋଗର ସତ୍ୟତା ପ୍ରମାଣ ଦିଅନ୍ତୁ ବିଧାୟକ: ଭାଜପା

**ଦେବଗଡ଼,୨୪।୬(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ରବିବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ସରକାରୀ ଦଳ ବିରୋଧରେ ବିଷୋଦ୍‌ଗାର କରିଥିଲେ। ବିଶେଷକରି ଜିଲାରେ ସରକାରୀ ନିୟମ ପାଳନ କରାଯାଉନାହିଁ, ସରକାରୀ ଦଳର କେତେଜଣ ନିର୍ଦ୍ଦିଷ୍ଟ ନେତା ଠିକା କାମ ବିକ୍ରି କରୁଛନ୍ତି, ସରକାରଙ୍କ ନୂତନ ମାର୍ଗଦର୍ଶିକା ଅନୁଯାୟୀ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ଆସିଥିବା କାମଗୁଡିକ ମଧ୍ୟରୁ ପଞ୍ଚାୟତସ୍ତରରେ ୪୦% କାମ ବିଧାୟକଙ୍କ ସୁପାରିସରେ କରାଯାଇପାରିବ, ସର୍ଭିସ୍ ପ୍ରୋଭାଇଡର ଜରିଆରେ ଜିଲା ବାହାରର ଯୁବତୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନ ଓ ସୈରାତ ଉତ୍ସଗୁଡିକରୁ ବେଆଇନ ଭାବେ ପଥର ଓ ବାଲି ଚୋରାଚାଲାଣ ହେଉଥିବା ନେଇ ବିଧାୟକ କହିଥିଲେ। ତେବେ ଏଭଳି ଅଭିଯୋଗକୁ ଭାଜପା ଖଣ୍ଡନ କରିଛି। ଏନେଇ ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ସମ୍ବଲପୁର ଏମ୍‌ପିଙ୍କ ତିଲେଇବଣି ବ୍ଲକ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନଙ୍କ ସଂଯୋଜନା ଏବଂ ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ବିଶ୍ୱାଳଙ୍କ ଉପରୋକ୍ତ ଅଭିଯୋଗକୁ ଭିତିହୀନ ବୋଲି କୁହାଯାଇଛି। ଯଦି ସତ୍‌ସାହସ ଅଛି, ତେବେ ଅଭିଯୋଗର ସତ୍ୟତା ଜାଣିବା ପାଇଁ ବିଧାୟକ ପ୍ରମାଣ ଦିଅନ୍ତୁ। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ସାହୁ କହିଛନ୍ତି, ପୂର୍ବ ସରକାର ଅମଳରେ ୫-ଟି, 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟ କିଭଳି ହେଉଥିଲା ତାହା ସମସ୍ତେ ଜାଣନ୍ତି। ମାର୍ଗଦର୍ଶିକା ଅନୁଯାୟୀ, ୪୦% କାମ ବିଧାୟକଙ୍କ ସୁପାରିସରେ କରାଯିବାର ବିଧି ଥିବା ନେଇ ବିଧାୟକ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ଆଶ୍ଚର୍ଯ୍ୟର କଥା। ଯଦି ସେ ୪୦% କାର୍ଯ୍ୟ କରିପାରୁନାହାନ୍ତି, ତେବେ ଏହା ତାଙ୍କର ପାରିବାପଣିଆର ପ୍ରମାଣ। କେଉଁ ନେତା କେଉଁ କାମକୁ କେତେ ଟଙ୍କାରେ ବିକ୍ରି କରିଛନ୍ତି ସେ ସମ୍ପର୍କିତ ପ୍ରମାଣ ବିଧାୟକ ଦିଅନ୍ତୁ। ସେହିପରି ବାଲିଘାଟରୁ ବେଆଇନ ଭାବେ କିଏ ବାଲି ଉତ୍ତୋଳନ କରି ଚୋରାଚାଲାଣ କରୁଛି, ତାହା ଜନସାଧାରଣ ଭଲଭାବେ ଜାଣନ୍ତି ବୋଲି ସାହୁ କହିଛନ୍ତି। ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଭାଜପା ନେତା ସୁଧୀର କୁମାର ବ୍ରହ୍ମା ଉପସ୍ଥିତ ଥିଲେ। ଏନେଇ ବିଧାୟକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

## ଯାନବାହନ ଚୋରି ରୋକିବା ନେଇ ସଚେତନତା

**ସମ୍ବଲପୁର,୨୪।୬(ଭବାନୀ ଶଙ୍କର ଭୋଇ)**

**ଭିମସାରରେ ବୁର୍ଲା ପୋଲିସ ଅଭିଯାନ**

ଭିମସାର ମେଡିକାଲ ପରିସରରେ ମଙ୍ଗଳବାର ବୁର୍ଲା ପୋଲିସ ରୋଗୀ ପରିଜନଙ୍କୁ ଯାନବାହାନ ଚୋରିରୁ ରକ୍ଷା ପାଇବା ପାଇଁ ସଚେତନତା କାର୍ଯ୍ୟକ୍ରମ କରିଛି। ମେଡିକାଲ ପରିସରରୁ ବାରମ୍ବାର ଯାନବାହନ ଚୋରି ନେଇ ଅଭିଯୋଗ ହେଉଥିବା ବେଳେ ଏହାକୁ ରୋକିବା ଦିଗରେ ଜନସଚେତନ ଜରୁରୀ ବୋଲି ବୁର୍ଲା ପୋଲିସ ପକ୍ଷରୁ କୁହାଯାଇଛି। ଭିମସାର ପରିସରରେ ଜନସାଧାରଣଙ୍କ ନିଜର ଦୁଇଚକିଆ ଯାନବାହାନ ରଖି ରୋଗୀଙ୍କ ନିକଟକୁ ଗଲାବେଳେ ଡବଲ ଲକ କରି ଯିବାକୁ କୁହାଯାଇଛି। ଏହାସହ ଓ ଚାରିଚକିଆ ଯାନଗୁଡିକ କେବଳ ପାର୍କିଂ ଏରିଆରେ ରଖିବାକୁ ଅନୁରୋଧ କରାଯାଇଛି। ଭିମସାର ପରିସରରେ ବିଭିନ୍ନ ସ୍ଥାନରେ ସିସିଟିଭି ଲାଗିଥିବା ବେଳେ ପାର୍କିଂ ଅଞ୍ଚଳରେ ଯାନବାହାନ ରଖିଲେ ସିସିଟିଭି ସର୍ଭେଲାନ୍ସ ଭିତରେ ରହିବ। ଯଦ୍ୱାରା ଯାନବାହାନ ସୁରକ୍ଷିତ ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏହାସହ ଟ୍ରାଫିସ ସମସ୍ୟା ଉପୁଜୁଥିବାରୁ ରାସ୍ତା ମଝିରେ ଯାନବାହାନ ନ ରଖିବାକୁ ରୋଗୀ ପରିଜନଙ୍କୁ ଅନୁରୋଧ କରାଯାଇଛି । ରାସ୍ତା ମଝିରେ ରହିଥିବା ଯାନବାହାନ ମାଲିକଙ୍କଠାରୁ ଫାଇନ ଆଦାୟ କରାଯିବ ବୋଲି ବୁର୍ଲା ପୋଲିସ ପକ୍ଷରୁ ତାଗିଦ୍ କରାଯାଇଛି।

**ସିଆରପିଏଫ ଗ୍ରୁପ ସେଣ୍ଟରର ପ୍ରତିଷ୍ଠା ଦିବସ**

## ପ୍ରତିଷ୍ଠାର ୧୦ ବର୍ଷରେ ଶ୍ରେଷ୍ଠତ୍ୱ ହାସଲ କରିଛି

**ସମ୍ବଲପୁର,୨୪।୬(ବି.ଶଙ୍କର)**


ସିଆରପିଏଫ ଗ୍ରୁପ ସେଣ୍ଟରର ଦଶମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ପତାକା ଉତ୍ତୋଳନ କରାଯାଉଛି।

ସମ୍ବଲପୁର ଗୋଶାଳାସ୍ଥିତ ସିଆରପିଏଫ ଗ୍ରୁପ ସେଣ୍ଟରର ଦଶମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି । ଗ୍ରୁପ ସେଣ୍ଟର ସମ୍ବଲପୁରର ଡେପୁଟି ଇନ୍ସପେକ୍ଟର ଜେନରାଲ ସଞ୍ଜୟ କୁମାର ସିଂହ ପତାକା ଉତ୍ତୋଳନ କରିଥିଲେ। ଗ୍ରୁପ ସେଣ୍ଟରର ଗୌରବମୟ ସ୍ଥାପନା ଏବଂ ସଫଳତା ଉପରେ ଏହି ଅବସରରେ ସେ ଆଲୋକପାତ କରିଥିଲେ। ବାହିନୀର ଗୌରବମୟ ଇତିହାସ, ବୀରତ୍ୱ, ତ୍ୟାଗ ଏବଂ ଶୃଙ୍ଖଳାର ପରମ୍ପରାକୁ ମନେ ପକାଇ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଐତିହ୍ୟକୁ ଆଗକୁ ବହନ କରି ଜାତିର ଏକତା, ଅଖଣ୍ଡତା ଏବଂ ସମ୍ବିଧାନର ସୁରକ୍ଷା ପାଇଁ ସର୍ବଦା ଉତ୍ସର୍ଗୀକୃତ ରହିବାକୁ ସମସ୍ତଙ୍କୁ ଡେପୁଟି ଇନ୍ସପେକ୍ଟର ଜେନରାଲ ସିଂହ ଆହ୍ୱାନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ୨୦୧୫ ମସିହାରେ ଏହି ଗ୍ରୁପ ସେଣ୍ଟର ପ୍ରତିଷ୍ଠା ହୋଇଥିଲା । ଯେତେବେଳେ ତତ୍କାଳୀନ ନିର୍ଦ୍ଦେଶକ ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ଚାରୋଟି ଭିନ୍ନ ସ୍ଥାନରୁ ଆରମ୍ଭ ହୋଇଥିଲା। ସୀମିତ ସମ୍ବଳ, ଆବାସିକ ଚ୍ୟାଲେଞ୍ଜ, କଷ୍ଟକର ପରିସ୍ଥିତି ସତ୍ତ୍ୱେ ଅଧିକାରୀ ଓ ସୈନିକଙ୍କ ଅକ୍ଲାନ୍ତ ପରିଶ୍ରମ, ସମର୍ପଣ ଯୋଗୁ ଏହି ଗ୍ରୁପ ସେଣ୍ଟର ଆଜି ଏକ ଆଦର୍ଶ ଏବଂ ସୁନ୍ଦର କ୍ୟାମ୍ପସରେ ପରିଣତ ହୋଇଛି। ପ୍ରତିଷ୍ଠାର ମାତ୍ର ୧୦ ବର୍ଷ ମଧ୍ୟରେ ଏହି ଗ୍ରୁପ ସେଣ୍ଟରକୁ ଶ୍ରେଷ୍ଠ ସେଣ୍ଟର ଘୋଷଣା କରାଯାଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି ବୋଲି ସିଂ କହିଥିଲେ। ପରମ୍ପରା ଅନୁସାରେ ସପ୍ତାହ ସାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯେଉଁଥିରେ ବନ୍ଧୁତ୍ୱପୂର୍ଣ୍ଣ କ୍ରୀଡା ପ୍ରତିଯୋଗିତା, ଯବାନଙ୍କ ସହିତ ସୈନିକ ସମ୍ମିଳନୀ, ସାଂସ୍କୃତିକ ସନ୍ଧ୍ୟା ଏବଂ ବଡା ଖାନା ବିଶେଷ ଆକର୍ଷଣ ଥିଲା । କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ ଅଧିକାରୀ ଏବଂ ଯବାନଙ୍କ ବ୍ୟତୀତ ଆରଡିସି ସଚିନ ରାମଚନ୍ଦ୍ର ଜାଧବ, ସ୍ୱତନ୍ତ୍ର ଗୃହ କମିଶନର ଡାକ୍ତର ମୃଣାଳିନୀ ଦର୍ଶୱାଲ, ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ, ସମ୍ବଲପୁର ଜିଲାପାଳ ଡାକ୍ତର ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସପି ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଜେଏସଡବ୍ଲ୍ୟୁ-ବିପିଏସଏଲ ସଭାପତି ଅନିଲ କୁମାର ସିଂହ, ଏବଂ ବରିଷ୍ଠ ସୁରକ୍ଷା ଅଧିକାରୀ ମନୋଜ କୁମାର ସାଂସ୍କୃତିକ କାର୍ଯ୍ୟକ୍ରମରେ ନିମନ୍ତ୍ରୀତ ଅତିଥି ଭାବେ ଯୋଗଦେଇଥିଲେ।

**ବ୍ଲକସ୍ତରୀୟ ନିଶା ନିବାରଣ ସଚେତନତା କର୍ମଶାଳା**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ସ୍ଥାନୀୟ ବ୍ଲକ ସଭାଗୃହଠାରେ ଅବକାରୀ ବିଭାଗ ଓ ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ବ୍ଲକସ୍ତରୀୟ ନିଶା ନିବାରଣ ସଚେତନତା କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅବକାରୀ ଏସ୍ଆଇ ଜୟନ୍ତ ଲାଲ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବକାରୀ ନିରୀକ୍ଷକ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଫାଉଣ୍ଡେସନ ଅଫିସର ଯୋଗଦେଇ ନିଶା ନିବାରଣ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହିଅବସରରେ ଏସ୍ଏଚ୍‌ଜି, ଆଶା, ଆଙ୍ଗନବାଡ଼ି କର୍ମୀ, ଅବକାରୀ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଧାରଣାରେ ବସିଲେ ଜିଲା ପରିଷଦ ସଦସ୍ୟା ସଦସ୍ୟ

ବଲାଙ୍ଗୀର,୨୪।୬(ବୀରେନ୍ଦ୍ର କୁମାର ଖାଙ୍ଗର)

ବଲାଙ୍ଗୀର ଜିଲା ପରିଷଦ ସଭାପତି, ବିଜେଡି କଂଗ୍ରେସର ସଦସ୍ୟାସଦସ୍ୟମାନେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରୁ ସ୍ଥାନୀୟ ଜିଲା ପରିଷଦ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ଜିଲା ପରିଷଦ ସଭାପତି ଦେବକୀ ସାହୁଙ୍କ ନେତୃତ୍ୱରେ ବିଜେଡି ଓ କଂଗ୍ରେସର ପ୍ରାୟ ସମସ୍ତ ଜିଲା ପରିଷଦ ସଦସ୍ୟା ସଦସ୍ୟ ଧାରଣାରେ ବସି ରାଜ୍ୟ ସରକାର ଓ ଜିଲା ପ୍ରଶାସନ ବିରୋଧରେ ଅସହଯୋଗ କରୁଥିବା ଗୁରୁତର ଅଭିଯୋଗ କରିଥିଲେ। ମହାତ୍ମାଗାନ୍ଧୀଙ୍କ ଫଟୋଚିତ୍ର ରଖି ପରିଷଦ ସଦସ୍ୟା ସଦସ୍ୟମାନେ ଜିଲା ପରିଷଦ କାର୍ଯ୍ୟାଳୟ ପ୍ରବେଶ ପଥ ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ। ଫଳରେ ଅଫିସ ଭିତରକୁ ଆଉ କୌଣସି ଅଧିକାରୀ କି କର୍ମଚାରୀ ଯାଇ ପାରି ନ ଥିଲେ। ଧାରଣାକୁ ଆଖି ଆଗରେ ରଖି ଜିଲା ପରିଷଦ ଅଫିସକୁ ପୋଲିସ ବାହିନୀ ଜଗି ରହିଥିଲେ। ସେଠାରେ ପରିଷଦ ସଦସ୍ୟା ସଦସ୍ୟମାନେ ବିଭିନ୍ନ ଦାବି ନେଇ ନାରାବାଜି କରିବା ପରେ ଏସ୍ଡିପିଓ ସରୋଜ ଉପାଧ୍ୟାୟ ଓ ଟାଉନ ଥାନା ଅଧିକାରୀ ଅବନୀ ସାହୁ ଧାରଣାସ୍ଥଳକୁ ଯାଇ ଅଫିସ ବନ୍ଦ କରିବା ଠିକ୍ ହେବ କି ବୋଲି ପ୍ରଶ୍ନ କରିଥିଲେ। ଧାରଣାକାରୀମାନେ ଅଫିସରେ ସେମାନେ ତାଲା ମାରିନାହାନ୍ତି। ଗଣତାନ୍ତ୍ରିକ ଉପାୟରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି ଏଥିରେ ଅସୁବିଧା କ'ଣ ବୋଲି ପାଲଟା ପ୍ରଶ୍ନ କରିଥିଲେ। ସେଠାରେ ଉଭୟ ପରିଷଦ ସଦସ୍ୟା ସଦସ୍ୟ ଓ ପୋଲିସ ଅଧିକାରୀଙ୍କ ମଧ୍ୟରେ କିଛି ସମୟ ଆଲୋଚନା ହେବା ପରେ ଦୁଇ ପୋଲିସ ଅଧିକାରୀ ସେଠାରୁ ଫେରି ଆସିଥିଲେ। ଜିଲାପାଳ ତଥା ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଗୌରବ ଶିୱାଜୀ ଇସଲୱାରଙ୍କ ସହ ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା ହେବା ପରେ ଯାଇ ସେମାନେ ଧାରଣା ପ୍ରତ୍ୟାହାର କରିବେ ନଚେତ୍ ଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରଖିବେ ବୋଲି କହିଥିଲେ। ଜିଲା ପରିଷଦ ସଭାପତି ସାହୁ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ, କେବିକେ ବିକାଶ ଯୋଜନାର ଜିଲା ଅଂଶ ଅନୁଦାନ ଦିଆଯାଉ ନ ଥିବାରୁ ଜିଲାର ବିକାଶ କାର୍ଯ୍ୟ ଠପ୍ ହୋଇପଡିଛି। ଏହା ସହିତ ପ୍ରାୟ ଏକବର୍ଷ ହେଲା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ନିଯୁକ୍ତ ହୋଇନାହିଁ। ଏଭଳି ସ୍ଥିତିରେ ଜିଲାର ବିକାଶ କିଭଳି ସମ୍ଭବ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ଜିଲା ପରିଷଦ ବୈଠକ ବସୁ ନଥିବାରୁ ଜନପ୍ରତିନିଧିମାନେ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଏହାସହିତ ନିର୍ବାଚିତ ଜିଲା ପରିଷଦ ସଦସ୍ୟା ସଦସ୍ୟଙ୍କୁ ଜିଲା ପ୍ରଶାସନ ସମ୍ମାନ କରୁନାହାଁନ୍ତି ବୋଲି ଅଭିଯୋଗ ଆଣିଥିଲେ। ନୂଆ ସରକାର ଆସିବା ପରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବା ପରିବର୍ତ୍ତେ ଠପ୍ ହୋଇପଡିଥିବା ଅଭିଯୋଗ କରିଥିଲେ। ଜିଲାପାଳ ଜିଲାର ଜନପ୍ରତିନିଧିଙ୍କ ସହ ଆଲୋଚନା ନ କରିବା ପରିତାପର ବିଷୟ ବୋଲି ସାହୁ କହିବା ସହ ଦାବି ପୂରଣ ନହେବା ଯାଏ ଧାରଣା ଜାରି ରହିବ ବୋଲି କହିଥିଲେ। ସେ ଆହୁରି କହିଥିଲେ, ବଲାଙ୍ଗୀର ଏକ ଆକାଂକ୍ଷୀ ଜିଲା। ଏହା ପୁଣି କେବିକେ ଅନ୍ତର୍ଗତ ଏକ ପଛୁଆ ଜିଲା। ଏଠାରେ ସମସ୍ତ ବିକାଶ କାମ ଠପ୍ ହୋଇଥିବାରୁ ଆଗାମୀ ଦିନରେ ବହୁ ଅସୁବିଧା ଦେଖାଦେବ। ଜିଲା ପରିଷଦ ପକ୍ଷରୁ ପୂର୍ବରୁ ଦାବିପତ୍ରକୁ ଇ-ମେଲ ଯୋଗେ ରାଜ୍ୟପାଳଙ୍କୁ ପଠାଇ ଦିଆଯାଇଥିବା ଜଣାଇଥିଲେ। ପରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର ଧାରଣା ସ୍ଥଳକୁ ଆସି ଧାରଣାରତ ସଦସ୍ୟା ସଦସ୍ୟଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ କିଛି ଲାଭ ହୋଇ ନ ଥିଲା। ଯାହା ଆଲୋଚନା ଜିଲାପାଳଙ୍କ ସହ ହେବ ବୋଲି ସଦସ୍ୟା ସଦସ୍ୟମାନେ କହିଥିଲେ। ବୁଧବାର ମଧ୍ୟ ଜିଲା ପରିଷଦ ଅଫିସ ସମ୍ମୁଖରେ ଧାରଣା ଜାରି ରହିବ ବୋଲି କୁହାଯାଇଛି। ଜିଲା ପରିଷଦ ସଦସ୍ୟା ବୀଣାପାଣି ଦାଶ, ସଞ୍ଜୁକ୍ତା ବରିହା, ଗୀତା ବିଶି, ଜିଲା ପରିଷଦ ସଦସ୍ୟ ପ୍ରଦୀପ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ବଲାଙ୍ଗୀର ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଜିଲା ପରିଷଦ ସଭାପତିଙ୍କ ସହ ସଦସ୍ୟା ସଦସ୍ୟ।

- ବଲାଙ୍ଗୀର ଜିଲା ବିକାଶ କାର୍ଯ୍ୟ ଠପ୍ ଅଭିଯୋଗ
- ସିଡିଓ ଆସି ବୁଝାଇବା ସତ୍ତ୍ୱେ ସମାଧାନ ନୋହିଲା

# କେନ୍ଦୁ କାଠ ବୋଝେଇ ଟ୍ରାକ୍ଟର ଜବତ: ଜଣେ ଗିରଫ

ଖପ୍ରାଖୋଲ,୨୪।୬(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ହରିଶଙ୍କର ବନ ବିଭାଗ ରେଞ୍ଜ ଅଧୀନ ତୁର୍ଲା ଗାଁ ନିକଟରେ ସୋମବାର ବିଳମ୍ବିତ ରାତିରେ ବନ ବିଭାଗ ଚଢାଉ କରି କେନ୍ଦୁ କାଠ ବୋଝେଇ ଏକ ଟ୍ରାକ୍ଟର ଜବତ କରିବା ସହିତ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା ଜଣାଯାଇଛି। କାଠ ଚୋରା ଚାଲାଣ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇବା ପରେ ଏସିଏଫ ତଥା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକଙ୍କ ନେତୃତ୍ୱରେ ତୁର୍ଲା ଗାଁ ନିକଟରେ ଚଢାଉ କରାଯାଇଥିଲା । ଚଢାଉ ବେଳେ କେନ୍ଦୁ କାଠ ବୋଝେଇ ଏକ ନମ୍ବର ବିହୀନ ଟ୍ରାକ୍ଟର ଜବତ ହୋଇଥିବା ବେଳେ ଟ୍ରାକ୍ଟର ଡ୍ରାଇଭର ଫେରାର ମାରିଥିବା ଜଣାଯାଇଛି । ତେବେ

**ବନ ବିଭାଗର ଚଢ଼ାଉ**

କାଠ ଚାଲାଣରେ ସହଯୋଗ କରିବା ଅଭିଯୋଗରେ ତୁର୍ଲା ଗାଁର ମନିଲାଲ ଛତର (୪୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ରେଞ୍ଜ ଅଧିକାରୀ ନାଏକ ପ୍ରକାଶ କରିଛନ୍ତି। ଏନେଇ ହରିଶଙ୍କର ରେଞ୍ଜ ଓଆର ନମ୍ବର ୧୨୭/୨୦୨୫-୨୬ ରେ ଏକ ମାମଲା ରୁଜୁ କରାଯାଇଛି। ଉକ୍ତ ଟ୍ରାକ୍ଟରରୁ ୨୮ ଖଣ୍ଡ କେନ୍ଦୁ କାଠ ଗଣ୍ଡି ଜବତ ହୋଇଛି। ଚଢାଉ ବେଳେ ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର, ଖପ୍ରାଖୋଲ ବନପାଳ ସୁଧୀର ଜେନା, ବିପିନ ସାହୁ, ବନରକ୍ଷୀ ରାଜେନ୍ଦ୍ର ଧରୁଆ,ସଞ୍ଜୀବ ପଧାନଙ୍କ ସମେତ ପାରା କର୍ମଚାରୀ ସାମିଲ ଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

SKI Retail Capital Limited
A Leading distributor, Insurance & Financial Services
Require
DYNAMIC AREA MANAGER
for Motor Insurance in Rourkela, Sambalpur, Balasore, Cuttack, Angul.
Exp. in General Insurance Industry or Insurance broking 4-5 yrs experience.
CTC Rs. 6 to 7.2 lacs LPA
Mail CV: resume@skiretail.in.
M: 9840335849

ଆବଶ୍ୟକ
ଘର ସହ ରନ୍ଧା ରୁମ୍, ଗାଧୋଇବା, ପାଇଖାନା ଘର ସହିତ ଖାଲିଅଛି। ଅଟୋ ଓ କାର୍ ଚଳାଇବା ୨୪ରୁ ୨୫ବର୍ଷର ଯୁବକ ଛୋଟ ପରିବାର କିମ୍ବା ଛୋଟ ପିଲା ଥିବା ପରିବାର ପଶ୍ଚିମ କିମ୍ବା ଦକ୍ଷିଣ ଓଡ଼ିଶା ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ବୟସାଧିକ ଘରର ମା'ଙ୍କୁ ରନ୍ଧାବଢ଼ାରେ ସକାଳ, ସଞ୍ଜରେ ୨ଘଣ୍ଟା ସାହାଯ୍ୟ କଲେ ପ୍ରାପ୍ୟ ମଧ୍ୟ ରହୁଥିବା ଲୋକର ସ୍ତ୍ରୀକୁ ଦିଆଯିବ।
ଯୋଗାଯୋଗ: ଟଙ୍କପାଣି ରୋଡ୍, ଭୁବନେଶ୍ୱର
9861037236

See Career Appointment on every Wednesday & Saturday

# ହାଓଡା ଜଗଦଲପୁର--ସମଲେଶ୍ୱରୀ ଏକ୍ସପ୍ରେସ୍ ଲୋଇସିଂହା ଷ୍ଟେଶନରେ ରହଣିକୁ ଅନୁମୋଦନ

**ଖୁସିବ୍ୟକ୍ତ କଲେ ଅଞ୍ଚଳବାସୀ**

ଲୋଇସିଂହା,୨୪।୬(ସୁଶାନ୍ତ ବାରିକ)

ମଙ୍ଗଳବାର କେନ୍ଦ୍ର ସରକାରଙ୍କ ରେଳ ମନ୍ତ୍ରଣାଳୟ ପକ୍ଷରୁ ହାଓଡା ଜଗଦଲପୁର-ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନ ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟେଶନରେ ରହଣି ପାଇଁ ଅନୁମୋଦନ ମିଳିଛି। ଏହା କେବେଠାରୁ ରହିବ ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ଏକ୍ସପ୍ରେସ ଟ୍ରେନ ରହଣି ସଂକ୍ରାନ୍ତ ଖବର ବଲାଙ୍ଗୀର ଏମ୍ପି ସଙ୍ଗୀତା କୁମାରୀ ସିଂଦେଓ ଏବଂ ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ତାଙ୍କ ସାମାଜିକ ଗଣମାଧ୍ୟମରେ ମଙ୍ଗଳବାର ପୋଷ୍ଟ କରି ଜନସାଧାରଣଙ୍କୁ ଜଣାଇଛନ୍ତି । ଫଳରେ ବିଭିନ୍ନ କାର୍ଯ୍ୟ ନେଇ ପଶ୍ଚିମବଙ୍ଗ ରାଜ୍ୟକୁ ଯାଉଥିବା ସ୍ଥାନୀୟ ଯାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।

ଏହାଛଡା ଅନ୍ୟ ଷ୍ଟେଶନ ଦେଇ ବିଭିନ୍ନ ରାଜ୍ୟକୁ ଯାତ୍ରା ପାଇଁ ଏହି ଟ୍ରେନରେ ଗଲେ ସୁବିଧାଜନକ ହେବ ବୋଲି ସାଧାରଣରେ ମତପ୍ରକାଶ ପାଉଛି । ତେବେ ଏହି ଟ୍ରେନ ଲୋଇସିଂହା ଷ୍ଟେଶନରେ ରହଣି ଅନୁମୋଦନକୁ ନେଇ ଏମ୍ପି ସିଂଦେଓ ଓ ମନ୍ତ୍ରୀ ମହାଲିଙ୍ଗ ଉଭୟ ଶ୍ରେୟ ନେବାକୁ ପ୍ରୟାସ କରୁଥିବା ଦେଖିବାକୁ ମିଳିଛି । ଏମ୍ପି ସିଂଦେଓ ଏଥିପାଇଁ ପ୍ରଧାନମନ୍ତ୍ରୀ, କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହିତ ସ୍ଥାନୀୟ ନାଗରିକଙ୍କ ଦୈନନ୍ଦିନ ଯାତ୍ରା ସହଜ ଓ ଲାଭଦାୟକ ରହିବ। ଆଞ୍ଚଳିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ସେ ଜଣାଇଛନ୍ତି। ସେହିପରି ମନ୍ତ୍ରୀ ମହାଲିଙ୍ଗ ପ୍ରଧାନମନ୍ତ୍ରୀ, କେନ୍ଦ୍ର ରେଳମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । କିନ୍ତୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପୋଷ୍ଟରେ ଏମ୍ପି ସିଂଦେଓ କମେଣ୍ଟ କରି ଲେଖିଛନ୍ତି, 'ମୁକେଶ ବାବୁ ଟିକେ ମୋତେ ବି ଧନ୍ୟବାଦ ଦେବେ'। ଏମ୍ପିଙ୍କ ଏହି କମେଣ୍ଟ ଅଞ୍ଚଳରେ ଆଲୋଚନାର ଖୋରାକ ଯୋଗାଇଛି। ଅପରପକ୍ଷେ ଏମ୍ପି ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପୋଷ୍ଟକୁ ନେଇ ସମର୍ଥକ ମହଲରେ ଆଲେଚନା ଜୋର ଧରିଛି।

# ବାଇକ୍ ଧକ୍କାରେ ଜଣେ ମୃତ

ଦେଓଗାଁ,୨୪।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ମଙ୍ଗଳବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଉପରଝର ଗ୍ରାମ ନିକଟ ରାସ୍ତାରେ ଏକ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଫଟାମୁଣ୍ଡା ଗାଁର ଗରୁଡ ନାଏକ(୫୨)। ପ୍ରକାଶ ଯେ, ସନ୍ଧ୍ୟାରେ ଗରୁଡ ଉପରଝର ପଟରୁ ନିଜ ଗାଁକୁ ଫେରୁଥିବା ବେଳେ ଏକ ବାଇକ୍ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ପଡିଯିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଖବରପାଇ ପୋଲିସ ପହଞ୍ଚିବା ପୂର୍ବରୁ ଉତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ବାଇକ୍ ଆରୋହୀଙ୍କୁ ମାଡ ମାରିବାରୁ ସେ ମଧ୍ୟ ଗୁରୁତର ହୋଇପଡିଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ପ୍ରଥମେ ଦେଓଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରିଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି ।

ବୈଁକ ଑ଫ ମହାରାଷ୍ଟ୍ର
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

## ଡିମାଣ୍ଡ ନୋଟିସ୍

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ସମ୍ପୃକ୍ତ ଶାଖା** ଦ୍ୱାରା ନିମ୍ନ ଋଣ ସୁବିଧା ଗୁଡ଼ିକ ମଞ୍ଜୁର କରାଯାଇଛି ଏବଂ ଆପଣ ଏହା ପ୍ରାପ୍ତ କରିଛନ୍ତି। କଥିତ ପ୍ରାପ୍ତ ଋଣ ସୁବିଧା ଅନୁଯାୟୀ ଆପଣ ବ୍ୟାଙ୍କ ସପକ୍ଷରେ ଆବଶ୍ୟକୀୟ କାଗଜପତ୍ର ସମ୍ପାଦନ କରିଛନ୍ତି ଏବଂ ବ୍ୟାଙ୍କ ସପକ୍ଷରେ ବନ୍ଧକ ମଧ୍ୟ ଦେଇଛନ୍ତି। ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ, ଆପଣମାନେ ଆପଣମାନଙ୍କର ବକେୟା ଦେୟ ପରିଶୋଧ କରୁନାହାନ୍ତି । ଏଣୁ କିସ୍ତି ସୁଧ/ମୂଳଧନ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଆପଣଙ୍କ ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ସମ୍ପୃକ୍ତ ଶାଖାର** ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ରେଜିଷ୍ଟ୍ରେଡ ଡାକ ସହିତ ଏ.ଡି. ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା / ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ମହାନଦୀ ବିହାର ଶାଖା /** ଋଣଗ୍ରହୀତା: ଶ୍ରୀ ରଞ୍ଜିତ ମହାପାତ୍ର / ସହ-ଋଣଗ୍ରହୀତା: ଶ୍ରୀମତୀ ସୁନିତା ମହାପାତ୍ର, ସ୍ୱାମୀ: ଶ୍ରୀ ରଞ୍ଜିତ ମହାପାତ୍ର, ଉଭୟଙ୍କ ଠିକଣା- ଫ୍ଲାଟ୍ ନଂ.: ୩୦୩, ବି ବ୍ଲକ୍, ମେଟ୍ରୋ ଗ୍ରୀନ୍‌ଉଡ୍, ଟୁଇନ୍ ସିଟି, ପୋ: ବ୍ରାହ୍ମଣଗାଁ, ଥାନା: ବାରଙ୍ଗ, ମୌଜା: ମଧୁବନ, ତ୍ରିଶୁଳିଆ ଛକ, ଜିଲ୍ଲା: କଟକ, ପିନ୍-୭୫୪୦୦୫, **ଅନ୍ୟ ଠିକଣା:** ସା: ୨୦୪, ହର୍ଷପ୍ରିୟା ରିଟ୍ରିଟ୍, ଜୟପୁର, ବାଲିଅନ୍ତା, ହଂସପାଳ ଛକ, ବାଲିଅନ୍ତା, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୧୦୧ | ମହା ଏଚ୍‌ଏସ୍‌ଜି- କନ୍‌ଷ୍ଟ ନନ୍‌ଏସ୍‌ଏଏଲ୍ ଏନ୍‌ପି / ଟ.୩୨,୩୬,୦୦୦/-, ମହା ଏଚ୍‌ଏସ୍‌ଜି- କନ୍‌ଷ୍ଟ ନନ୍‌ଏସ୍‌ଏଏଲ୍ ଏନ୍‌ପି / ଟ.୪୦,୦୦,୦୦୦/- | ୦୮.୦୬.୨୦୨୫ / ୧୦.୦୬.୨୦୨୫ / ୧୦.୦୬.୨୦୨୫ ସୁଦ୍ଧା ଟ.୭୪,୪୪,୭୮୯.୦୦ + ସେବାବଦ ପରବର୍ତ୍ତୀ ସୁଧ | ଶ୍ରୀ ରଞ୍ଜିତ ମହାପାତ୍ର ଏବଂ ଶ୍ରୀମତୀ ସୁନିତା ମହାପାତ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମିର ସମସ୍ତ ଅଂଶବିଶେଷ ଯାହାର ମିଲକତ ନଂ./ପ୍ଲଟ୍ ନଂ. ୨୯୬/୩୩୮୭, ଖାତା ନଂ.: ୪୦୩/୨୩୧୯, ମୌଜା: ମଧୁବନ, ତହସିଲ: ବାରଙ୍ଗ, ନଂ.-୨୬୩, ଥାନା: କଟକ ସଦର, ନଂ.-୨୭, ଜିଲ୍ଲା: କଟକ, ପରିମିତ କ୍ଷେତ୍ର: ଏକର୦.୦୩୪୪ ଡିସିମିଲି, ଏହାର ଚଉପାର୍ଶ୍ୱରେ- ପୂର୍ବ: ରାସ୍ତା ଏବଂ ପ୍ଲଟ୍ ନଂ. ୩୧୪, ପଶ୍ଚିମ: ବିକ୍ରି ହୋଇଥିବା ସମ୍ପତ୍ତିର ଅବଶିଷ୍ଟ ଅଂଶ, ଉତ୍ତର: ବିକ୍ରି ହୋଇଥିବା ସମ୍ପତ୍ତିର ଅବଶିଷ୍ଟ ଅଂଶ, ଦକ୍ଷିଣ: ବିକ୍ରି ହୋଇଥିବା ସମ୍ପତ୍ତିର ଅବଶିଷ୍ଟ ଅଂଶ ସହିତ ପରିମିତ କ୍ଷେତ୍ର ଏକର୦.୦୩୪୪ଡିସିମିଲିରେ ଥିବା ସମସ୍ତ ଗୃହ ଏବଂ ନିର୍ମିତ ଷ୍ଟ୍ରକ୍‌ଚର୍ସ କିମ୍ବା ନିର୍ମାଣ ହେବାକୁ ଥିବା ଷ୍ଟ୍ରକ୍‌ଚର୍ସ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍‌ଚର୍ସ |
| **ପାରାଦୀପ ଶାଖା /** ଋଣଗ୍ରହୀତା: ଶ୍ରୀ ବିଜୟ କୁମାର ଦାସ, ପିତା: ନିଳମଣୀ ଦାସ, ସା: ରଙ୍ଗିଆଗଡ଼, ନିହାରୁଣି, ପୋ: ଝିମାଣୀ, କୁଜଙ୍ଗ, ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧, **ଅନ୍ୟ ଠିକଣା:** ସା: ଧରାଧରପୁର, ପୋ: ରଘୁନାଥପୁର, ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧ / **ସହ-ଋଣଗ୍ରହୀତା: ଶ୍ରୀମତୀ ପ୍ରଶାନ୍ତୀ ଦାସ,** ସ୍ୱାମୀ: ବିଜୟ କୁମାର ଦାସ, ସା: ରଙ୍ଗିଆଗଡ଼, ନିହାରୁଣି, ପୋ: ଝିମାଣୀ, କୁଜଙ୍ଗ, ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧ | ଏଚ୍‌ଏସ୍‌ଜି-ମହାସୁପ୍ ପିଆର୍‌ଆଇଓ-ରୁରାଲ / ଟ.୨୦,୦୦,୦୦୦/- | ୦୬.୦୬.୨୦୨୫ / ୧୧.୦୬.୨୦୨୫ / ୧୧.୦୬.୨୦୨୫ ସୁଦ୍ଧା ଟ.୧୯,୫୩,୮୪୮.୭୪ + ସେବାବଦ ପରବର୍ତ୍ତୀ ସୁଧ | ଶ୍ରୀ ବିଜୟ କୁମାର ଦାସଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା/ଗ୍ରାମ: ଝିମାଣୀ, ନିହାରୁଣି, ତହସିଲ: କୁଜଙ୍ଗ, ଏସ୍‌ଆରଓ: କୁଜଙ୍ଗ, ଏସ. ନଂ/ଜିଏଟି ନଂ./ସିଟିଏସ୍ ନଂ.: ୧୮୧/୩୬, ପରିମିତ କ୍ଷେତ୍ର ୨୧୭୮ ବର୍ଗଫୁଟ, ଏହାର ଚଉପାର୍ଶ୍ୱରେ- ପୂର୍ବ: ହରିହର ଜେନା, ପଶ୍ଚିମ: ବିକ୍ରେତାଙ୍କ ଜମିର ଅବଶିଷ୍ଟ ପ୍ଲଟ୍, ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୨୮୧, ସହିତ ସେଠାରେ ଥିବା ସମସ୍ତ ଗୃହ ଏବଂ ନିର୍ମିତ ଷ୍ଟ୍ରକ୍‌ଚର୍ସ କିମ୍ବା ନିର୍ମାଣ ହେବାକୁ ଥିବା ଷ୍ଟ୍ରକ୍‌ଚର୍ସ ଏବଂ ସଂଲଗ୍ନ ସମସ୍ତ ଫିକ୍‌ଚର୍ସ |
| **ପାରାଦୀପ ଶାଖା /** ଋଣଗ୍ରହୀତା: ଶ୍ରୀ ଆଲୋକ କୁମାର ସେନାପତି, ପିତା: ବାବୁରାମ ସେନାପତି / ସହ-ଋଣଗ୍ରହୀତା: ଶ୍ରୀମତୀ ସନ୍ଦିପ୍ତା ସେନାପତି, ସ୍ୱାମୀ: ଆଲୋକ କୁମାର ସେନାପତି, ଉଭୟଙ୍କ ଠିକଣା- ସା: ତାଳପଡ଼ା, ପୋ: ରାହାମା, କୁଜଙ୍ଗ, ଓଡ଼ିଶା, ପିନ୍-୭୫୪୧୪୧ | ଟିଏନ୍-ଏଲ୍‌ଏନ୍ ବିପକ୍ଷରେ ପ୍ରପର୍ଟି ଆରଇଟି / ଟ.୧୫,୦୦,୦୦୦/- | ୦୮.୦୬.୨୦୨୫ / ୧୧.୦୬.୨୦୨୫ / ୧୧.୦୬.୨୦୨୫ ସୁଦ୍ଧା ଟ.୧୪,୦୬,୯୨୩.୦୦ + ସେବାବଦ ପରବର୍ତ୍ତୀ ସୁଧ | ଶ୍ରୀ ଆଲୋକ କୁମାର ସେନାପତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଦୋକାନ (ସତ୍ତ୍ୱ) ଆଦି ବ୍ୟବସାୟିକ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର ୬୫୩୪ ବର୍ଗଫୁଟ, ମୌଜା/ଗ୍ରାମ: ତାଳପଡ଼ା, ତହସିଲ: କୁଜଙ୍ଗ, ଏସ୍‌ଆରଓ: ତିର୍ତ୍ତୋଲ, ଏସ୍. ନଂ/ଜିଏଟି ନଂ./ସିଟିଏସ୍/ ସର୍ଭେ ନଂ./ପ୍ଲଟ୍ ନଂ.: ୨୦୧୮/୨୫୭୩, ଖାତା ନଂ.: ୭୫୫/୫୩୮, ଏହାର ଚଉପାର୍ଶ୍ୱରେ- ପୂର୍ବ: କେଲୁ ସେନାପତି, ପଶ୍ଚିମ: ରମେଶ ଚନ୍ଦ୍ର ସେନାପତି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପତ୍ତି ମାଲିକଙ୍କ ଜମି, ସହିତ ପରିମିତ କ୍ଷେତ୍ର ୬୫୩୪ ବର୍ଗଫୁଟରେ ଥିବା ସମସ୍ତ ଗୃହ ଏବଂ ନିର୍ମିତ ଷ୍ଟ୍ରକ୍‌ଚର୍ସ କିମ୍ବା ନିର୍ମାଣ ହେବାକୁ ଥିବା ଷ୍ଟ୍ରକ୍‌ଚର୍ସ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍‌ଚର୍ସ |
| **ଟିଟିଲାଗଡ ଶାଖା /** ଋଣଗ୍ରହୀତାମାନେ: ୧) ଶ୍ରୀ ଲିଳାମୟ ସାହୁ, ପିତା: ଶ୍ରୀ କେଶରୀ ସାହୁ, ୨) ଶ୍ରୀମତୀ ସୁଜାତା ସାହୁ, ସ୍ୱାମୀ: କେଶରୀ ସାହୁ, ଉଭୟଙ୍କ ଠିକଣା- ସା: କୁରୁସୁଡ, ପୋ: କୁରୁସୁଡ, ସିନ୍ଧେକେଲା, ଜିଲ୍ଲା: ବଲାଙ୍ଗୀର, ପିନ୍-୭୬୭୦୩୫ | ଟିଏଲ୍‌ମହା-ଏମ୍‌ଏସ୍‌ଇ ସିଁଟି<=୨୫ଏଲ_ନିଉ / ଟ.୧୩,୫୦,୦୦୦/-, ସିସି-ମହା-ଏମ୍‌ଏସ୍‌ଇ ସିଁଟି<=୨୫ଏଲ_ନିଉ / ଟ.୧,୫୦,୦୦୦/- | ୦୩.୦୬.୨୦୨୫ / ୧୦.୦୬.୨୦୨୫ / ୧୦.୦୬.୨୦୨୫ ସୁଦ୍ଧା ଟ.୧୪,୯୬,୦୪୧.୭୮ + ସେବାବଦ ପରବର୍ତ୍ତୀ ସୁଧ | ଶ୍ରୀମତୀ ସୁଜାତା ସାହୁ, ସ୍ୱାମୀ: କେଶରୀ ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା/ଗ୍ରାମ: କୁରୁସୁଡ, ତହସିଲ: ଟିଟିଲାଗଡ, ଥାନା: ସିନ୍ଧେକେଲା, ଥାନା ନଂ.: ୪୫, ପୋ: କୁରୁସଡ, ସିଟିଏସ୍/ସର୍ଭେ ନଂ./ ଏଚ୍‌ଏନ୍ ନଂ.: ୨୭୫/୩୮୩, ପ୍ଲଟ୍ ନଂ.: ୯୮୬/୨୧୨୬, ପରିମିତ କ୍ଷେତ୍ର: ଏକର୦.୦୮୦ଡିସିମିଲି, କିସମ: ଘରବାରି ଏକ, ଏହାର ଚଉପାର୍ଶ୍ୱରେ- ପୂର୍ବ: ଭୋଳାନାଥ ସାହୁଙ୍କ ଜମି, ପଶ୍ଚିମ: ଚେରୁ ସାହୁଙ୍କ ଜମି, ଉତ୍ତର: କେଶରୀ ସାହୁଙ୍କ ଜମି, ଦକ୍ଷିଣ: ରାସ୍ତା |

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ସରଫେଶୀ) ଅନୁଯାୟୀ ବ୍ୟାଙ୍କ ଏହାର ଅଧିକାର କ୍ଷୁର୍ଣ୍ଣ ନକରି କ୍ଷମତା ପ୍ରୟୋଗ କରିବ। ଏତଦ୍ଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି କି, ଏହି ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ଆପଣ ଉପରଦର୍ଶିତ ସମ୍ପୂର୍ଣ୍ଣ ବକେୟା ଦେୟ ସହିତ ସେବାବଦ ପରବର୍ତ୍ତୀ ସୁଧ ଓ ଅନ୍ୟାନ୍ୟ ଦେୟ ପଇଠ କରନ୍ତୁ, ଅନ୍ୟଥା ବ୍ୟାଙ୍କଙ୍କୁ ଉପଲବ୍ଧ ଥିବା ଅନ୍ୟାନ୍ୟ ଅଧିକାରକୁ କ୍ଷୁର୍ଣ୍ଣ ନକରି ଏହାର କ୍ଷମତା ପ୍ରୟୋଗ କରିବ ଏବଂ / କିମ୍ବା ସମ୍ପତ୍ତି ସମ୍ବନ୍ଧୀୟ କଥିତ ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ଅନୁଯାୟୀ ବ୍ୟାଙ୍କ ଏହାର ସମସ୍ତ କ୍ଷମତା ପ୍ରୟୋଗ କରି ସମ୍ପତ୍ତିକୁ ଦଖଲ ନେବାକୁ ବାଧ୍ୟ ହେବ ଏବଂ ସେବାବଦ ପରବର୍ତ୍ତୀ ସମସ୍ତ ଖର୍ଚ୍ଚ, ଆଇନଗତ ଦେୟ କିମ୍ବା ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ନିମନ୍ତେ ଆପଣ ଦାୟୀ ରହିବେ। ଆକ୍ଟ ଅନ୍ତର୍ଗତ ଉପଲବ୍ଧ ଥିବା କ୍ଷମତାଗୁଡ଼ିକ: **କ)** ଋଣଗ୍ରହୀତାଙ୍କ ବନ୍ଧକ ସୁରକ୍ଷିତ ସମ୍ପତ୍ତିକୁ ଦଖଲ, ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରି କରାଯାଇ ଋଣ ରାଶି ଆଦାୟ କରିପାରିବେ। **ଖ)** ବନ୍ଧକ ସୁରକ୍ଷିତ ସମ୍ପତ୍ତିର ପରିଚାଳନା ଭାର ଗ୍ରହଣକରି ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରୟ କରି ଋଣ ରାଶି ଆଦାୟ କରିପାରିବେ। **ଗ)** ବନ୍ଧକଧାରୀ ଋଣଦାତା ଭାବେ ବ୍ୟାଙ୍କ ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ପରିଚାଳନା ପାଇଁ ଯେକୌଣସି ବ୍ୟକ୍ତିଙ୍କୁ (ଏହା ପରେ ପରିଚାଳକ ଭାବେ ଦର୍ଶିତ ହେବେ) ନିଯୁକ୍ତି କରିପାରିବେ। **ଘ)** କୌଣସି ବ୍ୟକ୍ତିଙ୍କୁ ଯିଏ କି ଋଣଗ୍ରହୀତାଙ୍କ ଠାରୁ ସୁରକ୍ଷିତ ସମ୍ପତ୍ତିକୁ ଅଧିକାର କରିଛନ୍ତି ଏବଂ ଯାହାଙ୍କ ଠାରୁ ଅର୍ଥରାଶି ପ୍ରାପ୍ତ ହେବାକୁ ଅଛି କିମ୍ବା ଯାହାଙ୍କର ଋଣଗ୍ରହୀତାଙ୍କୁ ଦେୟ ପ୍ରଦାନ କରିବାକୁ ଅଛି, ତାଙ୍କୁ ଲିଖିତ ନୋଟିସ୍ ମାଧ୍ୟମରେ ବ୍ୟାଙ୍କଙ୍କୁ ଉକ୍ତ ଅର୍ଥରାଶି ଯାହାକି ସୁରକ୍ଷିତ ଋଣ ନିମନ୍ତେ ଯଥେଷ୍ଟ ତାହା ପ୍ରଦାନ କରିବାକୁ କୁହାଯିବ। ସୂଚନା ଯୋଗ୍ୟ ଯେ ଆକ୍ଟର ଧାରା ୧୩ (୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପ୍ରାପ୍ତି ପରେ ଆମର ପ୍ରାକ୍ ଲିଖିତ ଅନୁମତି ବିନା ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍ଦ୍ୱାରା ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ତାରିଖ: ୨୪.୦୬.୨୦୨୫
ସ୍ଥାନ: ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ,
ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

**TPWODL**
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur Pin-768017 (Odisha)

**Notice for cancellation of Tender**

T.Notice No. TPWODL/PJ/O/SU/2500000995 Date : 21.06.2025

**The Tender referred above for "Rate contract for Supply of 11KV DO Fuse with DD Link" is here by Cancelled.**

Sd/- HoD-Contracts and Procurement

## MILK UNION SAMBALPUR
## VEHICLE REQUIRED ON HIRE

1. Max Pick up or similar type of vehicle required on Hire for Samasingha-Kirmira Milk Route running covering 162 K.M (Both Morning & Evening shift).
2. TATA ACE or similar type of vehicle required on Hire for Jhikjhiki-Bargarh Milk Route running covering 177 K.M (Morning-103 K.M & Evening -74 K.M).
3. TATA ACE or similar type of vehicle required on Hire for Kansingha-Padampur Milk Route running covering 90 K.M (Both Morning & Evening shift).
4. Auto or similar type of vehicle required on Hire for Talmal-Kirmira Milk Route running covering 92 K.M (Both Morning & Evening shift).

For details please visit our website www.samul.in
Interested Parties may purchase and submit Tenders by **03.07.2025**.
Tender Paper cost - Rs.200/- + GST
EMD - Rs.2,000/-

## ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୧୦ ଓ ୧୧ ତାରିଖ: ୨୩।୦୬।୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । କ୍ର.ସଂ.- (୧), ବର୍ଗ: ପାର୍ସଲ, କାଟାଲଗ୍ ନଂ.: ଲିଜ୍-କେଜିପି-୨୫-୧୦, ଇ-ନିଲାମ ତାରିଖ: ୩୦।୦୬।୨୦୨୫ । ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା । ନିଲାମ ସମାପ୍ତି ସମୟ: ୧୨.୪୦ ଘଟିକା । କ୍ର.ସଂ.- (୨), ବର୍ଗ: ପାର୍ସଲ, କାଟାଲଗ୍ ନଂ.: ଲିଜ୍-କେଜିପି-୨୫-୧୧, ଇ-ନିଲାମ ତାରିଖ: ୦୭।୦୭।୨୦୨୫ । ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା । ନିଲାମ ସମାପ୍ତି ସମୟ: ୧୬.୩୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-309) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

## PM SHRI School
## Jawahar Navodaya Vidyalaya, Paljhar, Boudh

(A Unit of Navodaya of Navodaya Vidyalaya Samiti)
Ministry of Education, Deptt. of School, Education & Literacy, Govt. of India
Village - Salki, Distt - Boudh, State - Odisha, Pin - 762028
Email - jnvboudh@gmail.com, UDISE No. - 21220107102, CBSE Affiliation No. - 1540023, School Code - 19060
Website - https://www.navodaya.gov.in/nvs/nvs-school/Boudh/en/home/
GSTIN NO-21BBNJ00254C1DE

F.No-02.16/JNV/BGH/2025-26/1082 Dated-24.06.2025

**SHORT TENDER CALL NOTICE FOR HIRING OF VEHICLE ON CONTRACT BASIS**

Sealed tenders are invited from interested Vehicle Owners/ Travel Agencies/Tour Operators for providing Diesel Run Bolero (7+1) of AC for official use on hiring basis at PM SHRI JNV Boudh (Odisha) on terms and conditions mentioned in the standard bidding documents so as to reach in the O/o the Principal, JNV Boudh(Odisha) on or before **30.06.2025 up to 05.00 P.M.** through Registered/Speed Post/Courier Service and can also be dropped in Tender Box Placed in O/o the Principal, JNV Boudh (Odisha). The tenders will be opened on dated **01.07.2025 at 10.00 A.M.** in the Office of the Principal, JNV Boudh (Odisha). The standard bidding documents and terms and conditions can be downloaded from https://navodaya.gov.in/nvs/nvs-school/Boudh/en/home/ and also can be obtained from Office of the Principal, JNV Boudh from **25.06.2025 to 30.06.2025** during office hour i.e. from **09.00 A.M. to 05.00 P.M.** on payment of **Rs.500/-(Non refundable)**.

Tender inviting authority reserves the right of accepting or rejecting one or more tender offers (s) or cancelling the tender without assigning any reason thereof.

Sd./- (Brahmdeo Prasad)
Principal I/c
JNV Boudh (Odisha)

ଆବଶ୍ୟକ
JC BATTERIES
ତାମିଲନାଡୁର ଏକ ISO ପ୍ରମାଣିତ ବ୍ୟାଟେରି ବିନିର୍ମାତା କମ୍ପାନୀ ପୂର୍ଣ୍ଣକାଳୀନ ଚାକିରି ପାଇଁ ଶ୍ରମିକ ଆବଶ୍ୟକ କରୁଛି ।
ମେଶିନ ଅପରେଟର
ହେଲ୍‌ପର
ଉଚ୍ଚ ଦରମା
ପ୍ରଦାନ କରାଯାଉଥିବା ଲାଭ:
• ମାଗଣା ଖାଇବା ଓ ରହିବା ସୁବିଧା
• ବୋନସ୍, ଇଏସ୍‌ଆଇ, ପିଏଫ୍, ବୀମା ସୁବିଧା ଦିଆଯିବ
ଯୋଗାଯୋଗ: ଜୟଚନ୍ଦ୍ରନ ଇଣ୍ଡଷ୍ଟ୍ରିଜ୍ (ପ୍ରା) ଲିଃ
219/2A1, ତେଲେଙ୍ଗୁପାଲାୟାମ ରୋଡ୍, ଏଲ୍ଲାପାଲାୟାମ ପୋଷ୍ଟ, ଅନ୍ନୁର, କୋଏମ୍ବାଟୁର – 641697 । ତାମିଲନାଡୁ
ଫୋନ୍: +91 96777 75651, 95009 42402
www.jcbattery.net

## STATE SELECTION BOARD, DEPARTMENT OF HIGHER EDUCATION, GOVT. OF ODISHA, BHUBANESWAR-09

## NOTICE

No. 1058/SSB Date: 19.06.2025

No. N-102: In pursuant to Advertisement No. 03/2024, **Computer Skill Test** for provisionally shortlisted candidates will be held on **20th July 2025 at Bhubaneswar** for the recruitment to the Post of Non-teaching Posts (Jr. Assistant) in Govt. Degree Colleges of Odisha. The list of Roll Nos. of provisionally shortlisted candidates along with detailed instructions for appearing the test is available in the official website of State Selection Board **(www.ssbodisha.ac.in)**. Candidates are instructed to go through the notice given in the website in this regard and act accordingly.

**OIPR-11015/11/0022/2526** **Sd./- Secretary**

## Govt. of Jharkhand
## OFFICE OF THE EXECUTIVE ENGINEER

Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in

**2nd Call, e-Procurement very Short Notice**

e-Tender Reference No .-RCD/FSD /AP/ RAN/06/25-26 Dated 23.06.2025

| | | |
|---|---|---|
| 1- | Name of Work | Consultancy services for preparation of complete Land Acquisition Proposal with ownership details and computation of cost of acquired land, Resettlement and Rehabilitation Proposal & Forest Diversion Proposal including clearance of all stages as required as per latest guidelines for Ghaghri (on Hunterganj-Chatra, NH-99) to Kauleshwari Mandir (on RCD Road) via Dantar road at Chatra in the state of Jharkhand from Consultants empanelled in Category-I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Tentative Length | 10.935 KM |
| 3- | Work completion time | 60 Days |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs 20,000/- (Rupees Twenty Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal ( https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 25.06.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 03.07.2025, 12.30 PM |
| 7- | Date and Timing of Bid opening | 04.07.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |
| 10- | PR No. | 354253 Road (25-26) D |

For further information please go through the website http://jharkhandtenders.gov.in

Executive Engineer
Field Survey Division,A.P
PR 355861 Road(25-26)#D Road Construction Department,Ranchi

## ସଟ୍ଟା ଖେଳ, ଯୁବକ ଗିରଫ

ଡୁଙ୍ଗୁରିପାଲି,(ଦୀନବନ୍ଧୁ ସୁନା): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିରେ ପୋଲିସ ମଙ୍ଗଳବାର ସହଲା କେନାଲ ଛକ ରାସ୍ତା ପାର୍ଶ୍ୱରୁ ସଟ୍ଟା ଖେଳରେ ଲିପ୍ତ ଥିବା ଜଣେ ଯୁବକଙ୍କୁ ଗିରଫ କରିଛି। ତାଙ୍କଠାରୁ ସଟ୍ଟା ଚାର୍ଟ ଲିଷ୍ଟ ସହ ନଗଦ ୧୪୦୦ ଟଙ୍କା ଜବତ କରାଯାଇଛି। ତାଙ୍କ ନାମରେ ଏକ ମାମଲା (ନଂ.୧୧୬/୨୫)ରୁଜୁ କରି ପିଆର ବଣ୍ଡରେ ଛଡାଯାଇଥିବା ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନ କହିଛନ୍ତି। ସକାଳ ୯ଟାରେ କୌଣସି ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନ ଓ ତାଙ୍କ ଟିମ୍ ଚଢ଼ାଉ କରିଥିଲେ।

# ଅସୁରମୁଣ୍ଡା ଛକରେ ରାସ୍ତାରୋକୋ କଲେ ଚାଷୀ

## ମଣ୍ଡିରୁ ଧାନ ଉଠିବା ପରେ ରାସ୍ତାରୋକୋ ହଟିଲା

ସୋନପୁର,୨୪।୬(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲ୍ଲାରେ ଧାନବିକ୍ରି ସମସ୍ୟା ଜଟିଳ ହେବାରେ ଲାଗିଛି। ମଣ୍ଡିରୁ ଧାନ ନ ଉଠିବା ପ୍ରତିବାଦରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ମଙ୍ଗଳବାର ଅପରାହ୍ନରେ ଶତାଧିକ ଚାଷୀ ଲକ୍ଷ୍ମୀପୁର-ତିଲେଇମାଲ ରାସ୍ତାର ଅସୁରମୁଣ୍ଡା ଛକରେ ରାସ୍ତାରୋକୋ କରିଥିଲେ। ସୋନପୁର ବ୍ଲକର ଲକ୍ଷ୍ମୀପୁର ମଣ୍ଡି ଉପରେ ନିର୍ଭରଶୀଳ ଚାଷୀମାନେ ରାସ୍ତା ଉପରେ ଧାନବସ୍ତା ରଖି ରାସ୍ତା ଅବରୋଧ କରିଥିଲେ। ଅପରାହ୍ନ ୧ଟାରୁ ରାସ୍ତାରୋକୋ ଆରମ୍ଭ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା। ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ସୋନପୁର ଅତିରିକ୍ତ ତହସିଲଦାର ଯୋଗେଶ୍ୱର ଧରୁଆ ଫସି ଯାଇଥିଲେ। ପ୍ରଶାସନ ପକ୍ଷରୁ ଆଲୋଚନା ଜାରି ରହିଥିଲେ ମଧ୍ୟ ମଣ୍ଡିରୁ ଧାନ ଉଠିବା ଓ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନରୁ ହଟିବେ ବୋଲି ଚାଷୀମାନେ ରୋକଠୋକ ଜଣାଇଥିଲେ। ସହକାରୀ ଯୋଗାଣ ଅଧିକାରୀ ପ୍ରଭାତ ଦାସ ଓ ଲଳିତ ମୋହନ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚିବା ପରେ ମିଲର୍ସଙ୍କ ଦ୍ୱାରା ୨ଟି ଟ୍ରକରେ ମଣ୍ଡିରୁ ଧାନ ଉଠିଥିଲା। ସେହିପରି ଆସନ୍ତା ୩୦ତାରିଖ ସୁଦ୍ଧା ଚାଷୀଙ୍କ ଧାନ ଉଠିବ ବୋଲି ସହକାରୀ ଯୋଗାଣ ଅଧିକାରୀ ଲିଖିତ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ୬ଟା ୨୦ରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା। ଲକ୍ଷ୍ମୀପୁର ଆଇଆଇସି ଭୋଜରାଜ ସା ପୋଲିସ ଟିମ୍ ସହ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଲକ୍ଷ୍ମୀପୁର ପାକ୍ସର ଲକ୍ଷ୍ମୀପୁର ମଣ୍ଡିରେ ପ୍ରାୟ ୫ହଜାର ବସ୍ତା ଓ ବାଲପୁର ମଣ୍ଡିରେ ୩ହଜାର ବସ୍ତା ଧାନ ପଡି ରହିଥିବା ଜଣାପଡିଛି। ପ୍ରାକ୍ତନ ସରପଞ୍ଚ ବାସୁଦେବ ରଣା, ଚାଷୀନେତା ସନ୍ତୋଷ କୁମାର ହୋତା, ଅଶୋକ ପଣ୍ଡା, ରାଜ କୁମାର ଦନ୍ତା, ରାମଗୋପାଳ ମେହେର ଓ ଶିବରାମ ଦାଶ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।



ମଙ୍ଗଳବାର ଅସୁରମୁଣ୍ଡା ଛକରେ ଚାଷୀମାନେ ଧାନବସ୍ତା ରଖି ରାସ୍ତାରୋକୋ କରିଛନ୍ତି।

# ୧୪୦କିଲୋ ଗଞ୍ଜେଇ, କାର ଜବତ

## ୨ ଗିରଫ

ସୋନପୁର,୨୪।୬(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲ୍ଲା ଅବକାରୀ ବିଭାଗର ସୋନପୁର ରେଞ୍ଜ ପକ୍ଷରୁ ସୁବର୍ଣ୍ଣପୁର ସହର କୁଞ୍ଜ ଛକ ନିକଟରେ ମଙ୍ଗଳବାର ଚଢାଉ କରାଯାଇଥିଲା। ବୌଦ୍ଧ ଜିଲ୍ଲା ମନମୁଣ୍ଡା ପଟୁ ଆସୁଥିବା ଏକ ନମ୍ବର ବିହୀନ ମହିନ୍ଦ୍ରା ଜାଇଲୋ ଡି-୪ କାରକୁ ଅବକାରୀ ବିଭାଗର ଟିମ୍ ସନ୍ଦେହରେ ଅଟକାଇ ଥିଲେ। କାରକୁ ତନଖି ସମୟରେ ୭ଟି ଜରି ବସ୍ତାରୁ ୧୪୦କିଲୋ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ନୂଆପଡା ଜୋଙ୍କ ଥାନା ଖରିଆର ରୋଡ ଅଞ୍ଚଳର ଲିଙ୍ଗା ସିନ୍ଧୁ(୨୪), ବରଗଡ ଜିଲ୍ଲା ଖାରବନ୍ଧ ଥାନା କୈଳାଶପୁର ଅଞ୍ଚଳର ଲମ୍ବୋଦର ତନସନା(୩୮)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ବୌଦ୍ଧ ଜିଲ୍ଲାରୁ ସୋନପୁର ଦେଇ ନୂଆପଡା ଜିଲ୍ଲାର ଖରିଆର ରୋଡକୁ ଗଞ୍ଜେଇ ଚାଲାଣ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏ ସମ୍ପର୍କରେ ଅବକାରୀ ବିଭାଗର ସୋନପୁର ରେଞ୍ଜ ପକ୍ଷରୁ ଏକ ମାମଲା(ନଂ.୪୪/୨୫)ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର ଓ ଗଞ୍ଜେଇ ଜବତ ହୋଇଛି। ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ସୋନପୁର ରେଞ୍ଜ ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ସା, ମୋବାଇଲ୍ ୟୁନିଟ୍ ଇନ୍ସପେକ୍ଟର ହରପ୍ରସାଦ ରଣା, ସୋନପୁର ଅବକାରୀ ଥାନା ଓଆଇସି ଶାନ୍ତନୁ ପଟ୍ଟନାୟକ, ଏଏସଆଇ ଲୋକନାଥ ବେହେରା ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ।



ଗିରଫ ୨ ଅଭିଯୁକ୍ତ, ଜବତ ଗଞ୍ଜେଇ ଓ କାର।

# ବଲାଙ୍ଗୀର-କେନ୍ଦୁଝର ବସ୍ ସୋନପୁର ଯାଏ ସମ୍ପ୍ରସାରଣ ଦାବି

ତରଭା, ୨୪।୬(ମାନଭଞ୍ଜନ ମିଶ୍ର)

ରାଜ୍ୟ ସରକାରଙ୍କ ଓଏସଆରଟିସି ତରଫରୁ ଚାଲୁଥିବା କେନ୍ଦୁଝର-ବଲାଙ୍ଗୀର ଭଲଭୋ ବସ୍ ସୋନପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବାକୁ ଦାବି ହେଉଛି। ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାର ଅନେକ ଲୋକ କେନ୍ଦୁଝର ଜିଲ୍ଲାର କେନ୍ଦୁଝର, ବଡ଼ବିଲ, ଯୋଡ଼ା, ବଲାଣି, କଇଡା, ଗୁଆଳି ଖଣିରେ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ଯାତାୟାତ ସକାଶେ ଏହି ବସ୍‌କୁ ସୋନପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ ଆବଶ୍ୟକତା ରହିଛି। ଏହି ସୁପରଫାଷ୍ଟ ଏସି ବସ୍‌ଟି ଅପରାହ୍ନ ୪ଟା୩୦ରେ କେନ୍ଦୁଝରରୁ ବାହାରି ରାତି ୧୧ଟାରେ ବଲାଙ୍ଗୀର ପହଞ୍ଚୁଛି। ସକାଳ ୬ଟାରେ ବଲାଙ୍ଗୀର ବସ୍‌ଷ୍ଟାଣ୍ଡରୁ ବାହାରି ଅପରାହ୍ନ ୧୨ଟା୩୦ରେ କେନ୍ଦୁଝର ବସଷ୍ଟାଣ୍ଡରେ ପହଞ୍ଚୁଛି। ଏହି ବସରେ ମହିଳାମାନଙ୍କୁ ଭଡାରେ ୫୦ପ୍ରତିଶତ ରିହାତି ମିଳୁଛି। ଏଣୁ ଏହି ବସ୍‌କୁ ବଡ଼ବିଲରୁ ସୋନପୁର ପର୍ଯ୍ୟନ୍ତ ଚଳାଇଲେ ସୁବର୍ଣ୍ଣପୁର ଓ ବୌଦ୍ଧ ଜଲାର ଜନସାଧାରଣ ଉପକୃତ ହେବେ ବୋଲି ସଚେତନ ମହଲରେ ମତ ପ୍ରକାଶ ପାଉଛି ।

# ପାରିବାରିକ ଗଣ୍ଡଗୋଳକୁ ନେଇ ୨ମାମଲା

ବୀରମହାରାଜପୁର,୨୪।୬ (ଯୁଗଳ କିଶୋର ମିଶ୍ର)

ବୀରମହାରାଜପୁର ଥାନା ମୂର୍ଚ୍ଛୁଣୀ ଗ୍ରାମରେ ଗୋଟିଏ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଉଭୟ ପକ୍ଷର ଏତଲା ଆଧାରରେ ଥାନାରେ ୨ଟି ପୃଥକ ମାମଲା ରୁଜୁ କରିଛି। ସୂଚନା ଲୀଳିମା ମିଶ୍ରଙ୍କୁ ତାଙ୍କ ଦେଢ଼ଶୁର ସତ୍ୟଞ୍ଜିବ ମିଶ୍ର, ଦିଅର ଦିଲ୍ଲୀପ ମିଶ୍ର ଓ ଅନ୍ୟଜଣେ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏଥିସହିତ ତାଙ୍କ ମା'ଙ୍କୁ ମାଡ଼ ମାର ଟଙ୍କା ଓ ସୁନା ନେଇଯାଇଥିବା ଲୀଳିମା ଥାନାରେ ଅଭିଯୋଗ କରିଛନ୍ତି। ଏକ ମାମଲା(ନଂ. ୧୪୨/୨୫)ରୁଜୁ କରି ପୋଲିସ ସତ୍ୟଞ୍ଜିବ ଓ ଦିଲ୍ଲୀପଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅପରପକ୍ଷରେ ସୋମବାର ସୁଦେଷ୍ଣା ମିଶ୍ର ତାଙ୍କ ଶ୍ୱଶୁରଙ୍କୁ ଲୀଳିମା ଓ ଜଣେ ନାବାଳକ ମାଡ ମାରିଥିଲେ। ସେ ଏହାକୁ ବିରୋଧ କରିବାରୁ ତାଙ୍କୁ ମଧ ମାଡ଼ ମରାଯାଇଥିବା ପାଲଟା ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ. ୧୪୩/୨୫)ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି। ତଦନ୍ତ ସରିବା ପରେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ସୀତା ସେଠୀ କହିଛନ୍ତି।

# ମହିଳାଙ୍କୁ ବଳାତ୍କାର, ଯୁବକ ଗିରଫ

ଡୁଙ୍ଗୁରିପାଲି,୨୪।୬(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ କର୍ଲାଜୁରୀ ଗ୍ରାମର ଭଗବାନ ଘିବିଲା(୪୫)ଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ଗତ ୧୯ତାରିଖ ମଧ୍ୟାହ୍ନରେ ମହିଳା ନିଜ ଘରେ ରୋଷେଇ କରୁଥିଲେ। ଏକୁଟିଆ ଥିବାର ସୁଯୋଗ ନେଇ ଭଗବାନ ତାଙ୍କ ଘରେ ପଶି ବଳାତ୍କାର କରିଥିଲେ। ପୀଡ଼ିତା ଗତ ୨୦ତାରିଖ ଡୁଙ୍ଗୁରିପାଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗର ୫ଦିନ ପରେ ମଙ୍ଗଳବାର ପୋଲିସ ଭଗବାନଙ୍କୁ ଡୁଙ୍ଗୁରିପାଲିରୁ ଗିରଫ କରିଥିଲା। ଏହାପରେ ଅଭିଯୁକ୍ତ ଓ ପିଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଥିଲା।

# ଏମ୍‌ପିଙ୍କ ଏନ୍‌ଏସି, ବ୍ଲକ ପ୍ରତିନିଧି ନିଯୁକ୍ତ

ତରଭା,୨୪।୬(ମାନଭଞ୍ଜନ ମିଶ୍ର)

ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ ତାଙ୍କର ତରଭା ଏନ୍‌ଏସି ପ୍ରତିନିଧିଭାବେ ମାନସ ସାହୁ ଓ ବ୍ଲକ ପ୍ରତିନିଧିଭାବେ ବିମଳ ମିଶ୍ରଙ୍କୁ ଦାୟିତ୍ୱ ଦେଇଛନ୍ତି। ସୋମବାର ଭାଜପାର ବରିଷ୍ଠ ନେତା ସୁରେଶ ମହଲା, ଭୁବନାନନ୍ଦ ବାଦୀ, ପବିତ୍ର ମିଶ୍ର, ତୀର୍ଥ ମହାକୁଡ଼, ପ୍ରଶାନ୍ତ ନାଏକ, କଲ୍ୟାଣ ନାଏକ, ଧିରାଜ ବେଜଙ୍କ ଗହଣରେ ସାହୁ ଏନଏସି କାର୍ଯ୍ୟାଳୟ ଯାଇ ଏ ସମ୍ପର୍କିତ ଚିଠି ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲିକଙ୍କୁ ପ୍ରଦାନ କରିଥିଲେ। ପରେ ତରଭା ବ୍ଲକ କାର୍ଯ୍ୟାଳୟକୁ ବିମଳ ମିଶ୍ରଙ୍କ ନିଯୁକ୍ତି ସମ୍ପର୍କିତ ଚିଠି ଭାରପ୍ରାପ୍ତ ବିଡ଼ିଓ ନିରଞ୍ଜନ ନାଏକଙ୍କୁ ପ୍ରଦାନ କରାଯାଇଥିଲା। ମିଶ୍ର ଏସିଏଫ ଚାକିରିରୁ ଅବସର ନେବାପରେ ୨୦୧୯ରେ ଭାଜପାରେ ଯୋଗଦେଇଥିଲେ। ସେ ଭାଜପା ମେଣ୍ଡା ମଣ୍ଡଳ ସଭାପତି, ଏମ୍‌ପିଙ୍କ ସୋନପୁର ଜିଲ୍ଲା ପ୍ରତିନିଧି ଓ ତରଭା ବ୍ଲକ ପ୍ରତିନିଧି ଭାବେ ଏହା ପୂର୍ବରୁ ଦାୟିତ୍ୱ ତୁଲାଇଥିଲେ। ତରଭା ଏନଏସି ପ୍ରତିନିଧି ଭାବେ ଦାୟିତ୍ୱ ପାଇଥିବା ମାନସ ଆରଏସ୍‌ଏସ୍‌ର ଜଣେ ସକ୍ରିୟ ସ୍ୱେଚ୍ଛାସେବୀ, ଭାଜପା ଯୁବ ମୋର୍ଚ୍ଚା ସୋନପୁର ଜିଲ୍ଲା ସହ ସମ୍ପାଦକ, ବଜରଙ୍ଗ ଦଳ ତରଭା ନଗର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ।


**बैंक ऑफ महाराष्ट्र / Bank of Maharashtra** — भारत सरकार का उद्यम — एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

## ଡିମାଣ୍ଡ ନୋଟିସ୍

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ସମ୍ପୃକ୍ତ ଶାଖା** ଦ୍ୱାରା ନିମ୍ନ ଋଣ ସୁବିଧା ଗୁଡ଼ିକ ମଞ୍ଜୁର କରାଯାଇଛି ଏବଂ ଆପଣ ଏହା ପ୍ରାପ୍ତ କରିଛନ୍ତି। କଥିତ ପ୍ରାପ୍ତ ଋଣ ସୁବିଧା ଅନୁଯାୟୀ ଆପଣ ବ୍ୟାଙ୍କ ସପକ୍ଷରେ ଆବଶ୍ୟକୀୟ କାଗଜପତ୍ର ସମ୍ପାଦନ କରିଛନ୍ତି ଏବଂ ବ୍ୟାଙ୍କ ସପକ୍ଷରେ ବନ୍ଧକ ମଧ ଦେଇଛନ୍ତି। ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ, ଆପଣମାନେ ଆପଣମାନଙ୍କର ବକେୟା ଦେୟ ପରିଶୋଧ କରୁନାହାନ୍ତି । ଏଣୁ କିସ୍ତି ସୁଧ/ମୂଳଋଣ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଆପଣଙ୍କ ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ସମ୍ପୃକ୍ତ ଶାଖା**ର ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ରେଜିଷ୍ଟ୍ରେଡ ଡାକ ସହିତ ଏ.ଡି. ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା / ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
